# ଅଣସଂଗଠିତ ଶ୍ରମିକଙ୍କୁ ସଂଗଠିତ କରିବା ପ୍ରସଙ୍ଗ

(ମିଥ୍, ବାସ୍ତବତା ଓ ସମ୍ଭବପରତା)



ଭି.ଭି.ଗିରି ସ୍ମାରକୀ ଅଭିଭାଷଣର

(ଓଡ଼ିଆ ସଂକଳନ)

ଡ଼କ୍ଟର ଲକ୍ଷ୍ମୀଧର ମିଶ୍ର

# ଅଣସଂଗଠିତ ଶ୍ରମିକମାନଙ୍କୁ ସଂଗଠିତ କରିବା ପ୍ରସଙ୍ଗ

## (ମିଥ୍, ବାସ୍ତବତା ଓ ସମ୍ଭବପରତା)

ଭି.ଭି.ଗିରି ସ୍ମାରକୀ ଅଭିଭାଷଣର
ଓଡ଼ିଆ ସଂକଳନ

ଡ଼କ୍ଟର ଲକ୍ଷ୍ମୀଧର ମିଶ୍ର

# ଅସଂଗଠିତ ଶ୍ରମିକମାନଙ୍କୁ ସଂଗଠିତ କରିବା ପ୍ରସଙ୍ଗ

## (ମିଥ୍, ବାସ୍ତବତା ଓ ସମ୍ଭବପରତା)

**ମୂଳ ଇଂରାଜୀ : ଡ଼କ୍ଟର ଲକ୍ଷ୍ମୀଧର ମିଶ୍ର**

ଓଡ଼ିଆ ଅନୁସୃଜନ : **ଶ୍ରୀ ଅନିଲ କୁମାର ମାହାନ୍ତି**
**ଶ୍ରୀ ରକ୍ଷାକର ଅନୁପମ**

ପ୍ରକାଶକ : ପ୍ରଗତିଶୀଳ ପ୍ରକାଶନୀ
ପ୍ଲଟ-୨୫, ମଧୁସୂଦନ ନଗର, ୟୁନିଟ୍ -୪,
ଭୁବନେଶ୍ୱର- ୭୫୧୦୦୧, ଓଡ଼ିଶା

ସହଯୋଗ ରାଶି : ଟ.୩୦/-

# Organising the unorganised

## (Myth, Reality & Possibility )

**Dr. Lakshmidhar Mishra**

**Translation:**
Mr. Anil Kumar Mohanty
Mr. Rakshyakar Anupam

**Publisher:**
Pragatisila Prakasani
Plot: 25, Madhusudan Nagar, Unit-4,
Bhubaneswar- 751001, Odisha

Email: psm.odisha@gmail.com
Price: Rs. 30/-

## ପ୍ରକାଶକୀୟ ଅଭିବ୍ୟକ୍ତି ...

ଅଣସଂଗଠିତ କ୍ଷେତ୍ରରେ ନିୟୋଜିତ ଶ୍ରମିକ ସମୁଦାୟଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ଲକ୍ଷ୍ୟରେ କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ ସଂସଦରେ ସଦ୍ୟ ପାରିତ ହୋଇଥାଏ। ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେବାର ଆବଶ୍ୟକତା ପ୍ରସଙ୍ଗକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଥାଏ। ନିର୍ମାଣ ଶ୍ରମିକମାନଙ୍କ ସୁରକ୍ଷା ଓ ନିରାପତ୍ତା ଏହି ଚର୍ଚ୍ଚାର କେନ୍ଦ୍ର ହୋଇପଡ଼ିଥାଏ। ଠିକ୍ ଏହି ଅବସରରେ ଗ୍ରାମାଞ୍ଚଳରେ ନିୟୋଜିତ ଥିବା ଏହି ଶ୍ରମିକମାନଙ୍କ ସମସ୍ୟା ପ୍ରସଙ୍ଗରେ ଡଃ ଲକ୍ଷ୍ମୀଧର ମିଶ୍ରଙ୍କୁ ଭେଟି କଥାହେଲା ବେଳେ ତାଙ୍କର ଶ୍ରମ ବିଭାଗ, ଶ୍ରମିକଙ୍କ ସହ ଦୀର୍ଘ ଅନୁଭୂତି ଓ ଅନୁଭବ ସଂପର୍କରେ କହିଥିଲେ। ଅଣସଂଗଠିତ ଶ୍ରମିକମାନଙ୍କୁ ସଂଗଠିତ କରିବାର ଆବଶ୍ୟକତା ପ୍ରସଙ୍ଗରେ ତାଙ୍କ ପରାମର୍ଶ ଲୋଡ଼ିବାରୁ ସେ କହିଲେ ଯେପର୍ଯ୍ୟନ୍ତ ଏହି କ୍ଷେତ୍ରର ଶ୍ରମିକମାନଙ୍କର ସର୍ଭେ ଦ୍ୱାରା ସଠିକ ସଂଖ୍ୟା ଆକଳନ କରାନଯାଇଛି, ସେପର୍ଯ୍ୟନ୍ତ ଏହି ସବୁ ଶ୍ରମିକମାନଙ୍କ ପାଇଁ କୌଣସି ଯୋଜନା କରାଯିବା ସହଜ ନୁହେଁ। ଏହି କ୍ଷେତ୍ରରେ ରହି କାମ କରୁଥିବା ଶ୍ରମିକମାନଙ୍କର ସଠିକ ସର୍ଭେ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ବିଭିନ୍ନ ଧରଣର ଶ୍ରମିକ ମାନଙ୍କୁ ଚିହ୍ନଟ କରିବା ସମ୍ଭବ ହୋଇ ପାରିବ, ଯାହା ଏପର୍ଯ୍ୟନ୍ତ କରାଯାଇନାହିଁ। ରାଜ୍ୟରେ କ୍ଷୁଦ୍ର ନାମମାତ୍ର ଚାଷୀ, ଭୂମିହୀନ ଶ୍ରମିକ, ଭାଗଚାଷୀ, ଗ୍ରାମାଞ୍ଚଳ କାରୀଗର, କୁମ୍ଭାର, କମାର, ତନ୍ତି, ବଢ଼େଇ, ମତ୍ସ୍ୟଜୀବି, ଯୋତା ତିଆରି କରୁଥିବା ଶ୍ରମିକ, ଇଟା ଭାଟିରେ କାମ କରୁଥିବା ଶ୍ରମିକ, ପଥର ଖାଦାନରେ ନିୟୋଜିତ ଥିବା ଶ୍ରମିକ, ଲଘୁବନଜାତ ଦ୍ରବ୍ୟ ସଂଗ୍ରହକାରୀ, ଗୃହକର୍ମୀ, ଲୁଣମାରୁଥିବା ଶ୍ରମିକ, କୃଷି ଶ୍ରମିକ ଏବଂ ମାଲ ରଖିବା ଓ ଖଲାସ କରୁଥିବା ଶ୍ରମିକ ମାନଙ୍କ ପାଇଁ କେରଳ ରାଜ୍ୟପରି ସ୍ୱତନ୍ତ୍ର ଆଇନ ମାନ ପ୍ରଣୟନ କରାଯିବାର ଆବଶ୍ୟକତା ରହିଛି।

ନିର୍ମାଣ ଶ୍ରମିକଙ୍କ ପାଇଁ ପ୍ରଣୟନ ହୋଇଥିବା ଆଇନ ଦେଶର ଏକ ଯୁଗାନ୍ତକାରୀ ଓ ଶ୍ରମିକ ଇତିହାସରେ ମାଇଲ ଖୁଣ୍ଟ। ଏହି ଆଇନ ପ୍ରଣୟନ ହେବା ଫଳରେ ନିୟୁତ ନିୟୁତ ନିର୍ମାଣ ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ମିଳିବା ଆଜି ସମ୍ଭବ ହୋଇ ପାରିଛି। ଦେଶରେ ଏପରି ଏକ ପ୍ରଗତିଶୀଳ ଆଇନ୍ ପ୍ରଣୟନରେ ଡ଼ଃ ମିଶ୍ରଙ୍କ ଭୂମିକା ଯେପରି ସ୍ୱଷ୍ଟ ଓ ସେପରି ନିର୍ଦ୍ଦିଷ୍ଟ ଥିଲା।

ପ୍ରସଙ୍ଗକୁ ଆଗକୁ ନେଇ ଡ଼. ମିଶ୍ର ଥିରୁଅନନ୍ତପୁରମ୍ ଠାରେ ତାଙ୍କ ପ୍ରଦତ୍ତ ଏକ ସ୍ମାରକୀ ଅଭିଭାଷଣରେ "ଅସଂଗଠିତ ଶ୍ରମିକଙ୍କୁ ସଂଗଠିତ କରିବା ପ୍ରସଙ୍ଗ"ର ମୂଳ ପାଣ୍ଡୁଲିପି ଖଣ୍ଡିକ ମୋ ହାତକୁ ବଢ଼େଇ ଦେଇ ଏହାକୁ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ସେହି ଦସ୍ତାବିଜର ଅଧ୍ୟୟନ ପରେ ଅଣସଂଗଠିତ କ୍ଷେତ୍ର ଶ୍ରମିକମାନଙ୍କ ଅସଂଖ୍ୟ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ସେମାନଙ୍କୁ ସଂଗଠିତ କରିବା ନିଶା ମୋ ମଧ୍ୟରେ ଯୋର ଧରିଲା। ଏହାକୁ ଓଡ଼ିଆରେ ଅନୁବାଦ କରିବାର ଆବଶ୍ୟକତାକୁ ଅନୁଭବ କରି ପ୍ରସ୍ତାବ ବାଢ଼ିବା ମାତ୍ରେ ଡ଼ଃ ମିଶ୍ର ତତ୍‌କ୍ଷଣାତ ନିଜର ଖୁସି ବ୍ୟକ୍ତ କରିଥିଲେ।

ଗ୍ରାମାଞ୍ଚଳ ଶ୍ରମିକମାନଙ୍କର ବିଭିନ୍ନ ମୌଳିକ ଓ ଗମ୍ଭୀର ସମସ୍ୟା ବୁଝିବାରେ ଉକ୍ତ ବହି ବଡ଼ ସହାୟକ ହୋଇଥିଲା। ଉକ୍ତ ବହିରୁ ଏ କ୍ଷେତ୍ର ଉପରେ ନିର୍ଭର କରି ବଞ୍ଚୁଥିବା ଶ୍ରମିକମାନଙ୍କର ଅସହାୟତା, ଦୁର୍ଦ୍ଦଶା ଓ ସଂଘର୍ଷ କଥା ଜାଣିଲି। ଶ୍ରମିକମାନେ ଏହି ସମସ୍ୟାରୁ କିପରି ମୁକୁଳିବେ ଓ ସଂଗଠିତ ହୋଇ ସେମାନଙ୍କ ହକ୍ ଓ ଅଧିକାର ହାସଲ କରିପାରିବେ ସେଥି ନେଇ ଏକ ସାଂଗଠନିକ ପ୍ରକ୍ରିୟାର ନକ୍ସା ପ୍ରସ୍ତୁତ କଲୁ। ସେହି ସାଂଗଠନିକ ପ୍ରକ୍ରିୟା ମଧ୍ୟରୁ ପ୍ରଗତିଶୀଳ ଶ୍ରମିକ ମଞ୍ଚ ଜନ୍ମ ଲାଭ କଲା।

ଶ୍ରମିକମାନଙ୍କୁ ଅଣସଂଗଠିତ ଅବସ୍ଥାରୁ ଏକ ସଂଗଠିତ ପ୍ରକ୍ରିୟା ମଧ୍ୟକୁ ଆଣିବାର ପ୍ରୟାସ ଆରମ୍ଭ କରାଗଲା। ସଂଗଠିତ ପ୍ରକ୍ରିୟା ମଧ୍ୟକୁ ଶ୍ରମିକମାନେ ଆସିବାକୁ ଆରମ୍ଭ କରିବାରୁ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଆଜି ତ୍ୱରାନ୍ୱିତ ହେବା ସମ୍ଭବ ହୋଇପାରିଲା। ପ୍ରତି ମୁହୂର୍ତ୍ତରେ ପାଦତଳୁ ମାଟି ଖସୁଥିବା ଏହି ଶ୍ରମିକ ସମୁଦାୟଙ୍କୁ ସାମାଜିକ ସୁରକ୍ଷା ମିଳିବାର ଗୁରୁତ୍ୱ ଓ ସେହି ଶ୍ରମିକମାନଙ୍କ ପାଇଁ ଏହାର ଆବଶ୍ୟକତାକୁ ମୁଁ ହାଡ଼େ ହାଡ଼େ ନିକଟରୁ ଅନୁଭବ କଲି।

ଡ଼ଃ ମିଶ୍ରଙ୍କ ଅଗ୍ରଜ ତଥା ଶାନ୍ତିନିକେତନରେ ପ୍ରାକ୍ତନ ପ୍ରଫେସର **ଡ଼ଃ ଶ୍ରୀନିବାସ ମିଶ୍ର** ଏହି ଓଡ଼ିଆ ଅନୁବାଦର ଯଥୋଚିତ ସଂଶୋଧନ ଓ ସଂପାଦନ କରିଥିବାରୁ ଆମ୍ଭେ ତାଙ୍କ ପାଖରେ କୃତଜ୍ଞ। ମୂଳ ଇଂରାଜୀର କିଛି ଅଂଶକୁ ଅନୁବାଦ କରିବାରେ ଶ୍ରୀ ମାନସ ବେହେରା ସାହାଯ୍ୟ କରିଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଜଣାଉଛି।

**ଶ୍ରୀ ରକ୍ଷାକର ଅନୁପମ୍**
ସାଧାରଣ ସଂପାଦକ,
ପ୍ରଗତିଶୀଳ ଶ୍ରମିକ ମଞ୍ଚ, ଓଡ଼ିଶା

***

ଏହି ଐତିହାସିକ ନଗର ଥିରୁଅନନ୍ତପୁରମ୍‌ରେ ସମବେତ ଆପଣମାନଙ୍କ ଭଳି ଗୁଣୀଜନଙ୍କ ସମ୍ମୁଖରେ କିଛି ବକ୍ତବ୍ୟ ରଖିବାର ବିରଳ ସୁଯୋଗ ମୋତେ "ଭାରତୀୟ ଶ୍ରମିକ ଅର୍ଥନୀତି ସଂଗଠନ"(Indian Society for Labour Economees)ପ୍ରଦାନ କରିଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେକରୁଛି। ମୁଁ ଜଣେ ଶ୍ରମ ଅର୍ଥନୀତିଜ୍ଞ ନୁହେଁ କି ନୁହେଁ ମଧ୍ୟ ଜଣେ ଶିକ୍ଷାବିତ୍ ବା ସମାଜ ବିଜ୍ଞାନୀ। ଆଲୋଚ୍ୟ ବିଷୟରେ ମୋର ଯେ ଗଭୀର ଜ୍ଞାନ ନାହିଁ ସେକଥା ସ୍ୱୀକାର କରିବାରେ ମୋର ଦ୍ୱିଧା ନାହିଁ। ଏହି ବକ୍ତୃତାମାଳା ଶ୍ରୀ ବରାହଗିରି ଭେଙ୍କଟଗିରିଙ୍କ ଭଳି ଜଣେ ମହାନ୍‌ବ୍ୟକ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଥିବାରୁ ମୁଁ ନିଜକୁ ଅଧିକ କ୍ଷୁଦ୍ର ବିବେଚନା କରୁଛି। କାରଣ ସେ ଥିଲେ ଏକାଧାରରେ ଜଣେ ଅସାଧାରଣ ଶ୍ରମିକ ସଂଗଠକ ସମାଜ ସଚେତକ ତଥା ସଂଗଠକ, ଜଣେ ଗଭୀର ଏବଂ ବିଶ୍ଳେଷଣାତ୍ମକ ଚିନ୍ତାଧାରା ସମ୍ପନ୍ନ ସ୍ୱାଧୀନ ଏବଂ ସର୍ଜନଶୀଳ ଚିନ୍ତାନାୟକ। ସର୍ବୋପରି ସେଥିଲେ ଜଣେ ପ୍ରଭାବଶାଳୀ ଲେଖକ ଏବଂ ସୁବକ୍ତା। ମାତ୍ର ସତେଇଶ ବର୍ଷ ବୟସରେ ସର୍ବଭାରତୀୟ ରେଳବାଇ ଶ୍ରମିକସଂଘର ସଭାପତି ନିର୍ବାଚିତ ହେବାର ବିରଳ ସୁଯୋଗ ଲାଭ କରିଥିବା ଶ୍ରୀଗିରି ପରବର୍ତ୍ତୀ କାଳରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ମଣ୍ଡନ କରିଥିଲେ ଯେମିତିକି କେରଳର ରାଜ୍ୟପାଳ, ଭାରତ ସରକାରଙ୍କ ଶ୍ରମମନ୍ତ୍ରୀ ଏବଂ ପରିଶେଷରେ ଭାରତର ମହାମହିମ ରାଷ୍ଟ୍ରପତି ପଦବୀ। ନିର୍ଭୀକତା, ଉଦାରତା ଏବଂ ଦୃଷ୍ଟିକୋଣର ବ୍ୟାପକତା ଥିଲା ଶ୍ରୀଗିରିଙ୍କ ଚରିତ୍ରର ବୈଶିଷ୍ଟ୍ୟ। ରାଷ୍ଟ୍ରନିର୍ମାଣର ଗୁରୁତ୍ୱପୂର୍ଣ୍ଣ କାଳ ଖଣ୍ଡରେ ତାଙ୍କର ଗୌରବାସହ ଯୋଗଦାନ ଏବଂ ସ୍ୱାତନ୍ତ୍ର୍ୟ ଉଲ୍ଲେଖନୀୟ। ତାଙ୍କ ଠାରେ ପରିଦୃଷ୍ଟ ବିନମ୍ରତା ଏବଂ ଜ୍ଞାନର ଗଭୀରତା, ସାର୍ବଜନୀନ ପ୍ରେମ ମଣିଷର ସହଜାତ ଭଲଗୁଣରେ ଆସ୍ଥା ତଥା ସଂହତି ଦ୍ୱାରା ଅନୁପ୍ରେରିତ। ଷାଠିଏ ଦଶକର ପ୍ରାରମ୍ଭରେ ମୁଁ ଯେତେବେଳେ ପ୍ରଶାସନିକ ସେବା କାର୍ଯ୍ୟରେ ନୂଆ ଯୋଗଦାନ କରିଥିଲି ଏବଂ ଇସ୍ପାତନଗରୀ ରାଉରକେଲାରେ ଯୁଗ୍ମ ଶ୍ରମ କମିଶନର ଭାବରେ ଦାୟିତ୍ୱ ନିର୍ବାହ କରୁଥିଲି ଏହି ଖ୍ୟାତନାମା ବ୍ୟକ୍ତି ଏବଂ ତାଙ୍କ ମନୋଭୂମି ସହିତ ପରିଚିତ ହୋଇଥିଲି ତାଙ୍କ ରଚିତ ପୁସ୍ତକ "ଭାରତୀୟ ଶିଳ୍ପ କ୍ଷେତ୍ରରେ ଶ୍ରମିକ ସମସ୍ୟା"(Labour Problems in Indian Industry)ମାଧ୍ୟମରେ। ଏହି ପୁସ୍ତକଟିର 'ଅଗ୍ରଲେଖ' ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବହାରଲାଲ ନେହେରୁଙ୍କ ଦ୍ୱାରା ଏବଂ 'ମୁଖବନ୍ଧ' ତତ୍‌କାଳୀନ 'ଆନ୍ତର୍ଜାତିକ ଶ୍ରମିକ ସଂଗଠନ'ର ମହାପ୍ରବନ୍ଧକ ଶ୍ରୀଯୁକ୍ତ ଡେଭିଡ.ଏ. ମୋର୍ସଙ୍କ ଦ୍ୱାରା ଲିଖିତ ଯାହା

ମଣିଷ ଏବଂ ତାର ମସ୍ତିଷ୍କ ତଥା ହୃଦୟର ଗୁଣାବଳୀ ସଂପର୍କରେ ବହୁତଥ୍ୟ ପ୍ରଦାନକାରୀ। ପଣ୍ଡିତ ନେହେରୁଙ୍କ ମତରେ ଭାରତରେ ବହୁ କମ୍ ଲୋକ ଶ୍ରୀ ଭି.ଭି.ଗିରିଙ୍କ ଭଳି ଭାରତର ଶ୍ରମ ସମସ୍ୟା ସଂପର୍କରେ ଉଲ୍ଲେଖ କରିବାକୁ ଯୋଗ୍ୟତାର ଅଧିକାରୀ। ନେହେରୁଙ୍କ ଭାଷାରେ, ବହୁ କମ୍ ଲୋକ ଏତାଦୃଶ ଗୁଣର ଅଧିକାରୀ ଯାହାଙ୍କ ଠାରେ ଏକାଧାରରେ ଦେଶର ଜଣେ ଶ୍ରମିକ ସଂଗଠନର ନେତା, କେନ୍ଦ୍ର ଶ୍ରମମନ୍ତ୍ରୀ ଏବଂ ଶ୍ରମିକ ସଂଗଠନ ସୃଷ୍ଟିକାରୀ ସାମାଜିକ ଶକ୍ତିର ଐତିହାସିକ ହେବାର ଯୋଗ୍ୟତା ରହିଛି"। 'ମୁଖବନ୍ଧ'ର ଲେଖକ ଡ଼େଭିଡ଼୍.ଏ. ମୋର୍ସଙ୍କ ମତରେ "ଅନ୍ୟକୌଣସି ପୁସ୍ତକ ଏପରି ଗଭୀର ଐତିହାସିକ ଅନ୍ତର୍ଦୃଷ୍ଟି ସମ୍ପନ୍ନ ଭାବରେ ରଚିତ ହୋଇନାହିଁ ଯାହାକି ବିଶ୍ୱସ୍ତରୀୟ ଏବଂ ରାଷ୍ଟ୍ରସ୍ତରୀୟ ଶ୍ରମିକ ସଂଗଠନର ଆନ୍ଦୋଳନ ଗୁଡ଼ିକୁ ସଠିକ୍ ଏବଂ ଯଥାର୍ଥ ଭାବରେ ରୂପାୟିତ କରିଛି। ଏଥିରେ ଘଟଣାବଳୀ ଗୁଡ଼ିକର ସ୍ପଷ୍ଟ ଏବଂ ଜୀବନ୍ତଚିତ୍ର ପ୍ରଦାନ କରାଯାଇଛି।" ପୁସ୍ତକଟିକୁ ଦୀର୍ଘ ତିରିଶ ବର୍ଷ ଧରି ସାଇତି ରଖିଛି। ଶ୍ରମ, ଶିଳ୍ପ ଏବଂ ଶ୍ରମିକ ସଂଗଠନ ସହିତ ମୋର ସୁଦୀର୍ଘ ସଂପୃକ୍ତି- ପ୍ରାୟ ଦୁଇ ଦଶନ୍ଧି ଧରି ଥିବା ବେଳେ ମୁଁ ମୋର ସନ୍ଦେହ ଏବଂ ଅନିଶ୍ଚିତତା ମୋଚନ ପାଇଁ ଏହି ପୁସ୍ତକଟିର ସହାୟତା ନେଇଛି।

ସେହି ବିଶିଷ୍ଟ ବିଦ୍ୱାନ୍ ଏବଂ ଦିଗ୍‌ଦ୍ରଷ୍ଟା ଯିଏ ଶ୍ରମିକମାନଙ୍କୁ ପ୍ରଥମେ ମଣିଷ ଭାବରେ ଏବଂ ପରେ କର୍ମଜୀବୀ ଭାବରେ ବିବେଚନା କରି ସେମାନଙ୍କ ପ୍ରତି ଆନୁଗତ୍ୟ ପ୍ରକାଶ କରିଥିଲେ ତାଙ୍କ ନାମ ପୁନଃସ୍ମରଣ କରିବା ହେତୁ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି। ରାଷ୍ଟ୍ରର ଖାଦ୍ୟଭଣ୍ଡାରରୁ ଶ୍ରମିକମାନଙ୍କ ପାଇଁ ଯେଉଁମାନେ କି ସମଗ୍ର ରାଷ୍ଟ୍ରପାଇଁ ଖାଦ୍ୟ ଯୋଗାଉଥିଲେ ବି ସେଥିରୁ ବଞ୍ଚିତ ହେଉଥିଲେ ସେମାନଙ୍କ ନ୍ୟାଯ୍ୟ ଅଧିକାର ପାଇଁ ସେ ଆଜୀବନ ନିଜର ଅଙ୍ଗୀକାରବଦ୍ଧତା ପ୍ରଦର୍ଶନ କରିଥିଲେ। "ଅଣସଂଗଠିତ ଶ୍ରମିକମାନଙ୍କୁ ସଂଗଠିତ କରିବା ପ୍ରସଙ୍ଗ" ଶୀର୍ଷକ ମୋର ବକ୍ତବ୍ୟରେ ମୁଁ ନିଜସ୍ୱ ଚିନ୍ତାଧାରା ଓ ଉପଲବ୍ଧିଗୁଡ଼ିକୁ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବା ଅବସରରେ ସେହି ମହାନ ବ୍ୟକ୍ତି ଯିଏକି ଏଥିପାଇଁ ନିଜର ଜୀବନ ଉତ୍ସର୍ଗ କରିଥିଲେ ତାଙ୍କର ଚିନ୍ତାଧାରା ଓ ଆଦର୍ଶ ଗୁଡ଼ିକୁ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରିବି।

ସୁଦୀର୍ଘ ୧୫୦ ବର୍ଷ ଧରି କେରଳ ରାଜ୍ୟର ଇତିହାସରେ ସାମାଜିକ ଗତିଶୀଳତା ତଥା କାର୍ଯ୍ୟଧାରା ପ୍ରାଧାନ୍ୟ ପାଇଁ ଆସିଛି ଏହାର ସାକ୍ଷରତା ଓ ମୌଳିକ ଶିକ୍ଷାର ଅଭିବୃଦ୍ଧି ଯୋଗୁଁ। ଏଠାକାର ଅଧିବାସୀମାନଙ୍କର ଭିତ୍ତିଭୂମି ତଥା ଅର୍ଥନୀତିକ ବିକାଶର ସଶକ୍ତିକରଣ ପାଇଁ ତ୍ରାଭାଙ୍କୋର ଓ କୋଚିନର ରାଜଗୃହ ଏବଂ ଦୂରଦୃଷ୍ଟି ସମ୍ପନ୍ନ ଦେୱାନ୍ ଶ୍ରୀ ସି.ପି. ରାମସ୍ୱାମୀ ଆୟାରଙ୍କ ଉତ୍ସର୍ଗୀକୃତ ଅବଦାନ ଆଜି ମଧ୍ୟ ଉପଯୋଗୀ ପ୍ରେରଣାଦାୟୀ ଭାବରେ କାର୍ଯ୍ୟକରୁଛି।

ଶ୍ରୀ ନାରାୟଣ ଗୁରୁଙ୍କ ପରି ଅନେକ ସମାଜସେବୀ ଓ ସଂସ୍କାରକ ଜାତିବାଦ ଓ ଅନ୍ୟାନ୍ୟ ବିଭାଜନକାରୀ ଶକ୍ତିଦ୍ୱାରା ଉତ୍‌ପୀଡ଼ିତ ପାରମ୍ପରିକ ସମାଜର ଖିଆଲ ଓ ବାସନ୍ଦରୁ ଏଜାଭା ସମ୍ପ୍ରଦାୟକୁ ମୁକ୍ତ କରିବା ପାଇଁ ନିରବଚ୍ଛିନ୍ନ ସଂଗ୍ରାମ କରିଥିଲେ। ଏଥି ସହିତ ମାଲାବାର ସ୍ୱାଧୀନତା ସଂଗ୍ରାମରୁ ଜନ୍ମ ନେଇଥିବା ବ୍ୟକ୍ତି ଓ କେତେ ଦଶନ୍ଧି ବ୍ୟାପୀ ସାକ୍ଷରତା ଓ ମୌଳିକ ଶିକ୍ଷାର ବାର୍ତ୍ତା ପ୍ରଚାର କରିବାକୁ ଖ୍ରୀଷ୍ଟିଆନ୍ ମିଶନାରୀମାନଙ୍କ ନିରବଚ୍ଛିନ୍ନ ଉଦ୍ୟମ ଏକ ଉଦାରବାଦୀ ସଂସ୍କାରର ଯୁଗକୁ ଜନ୍ମ ଦେଲା। କେରଳ ଏପରି ଏକ ରାଜ୍ୟ ଯେଉଁଠାରେ ଦେଶର ଅନ୍ୟ ଅଞ୍ଚଳ ପରି ଆଞ୍ଚଳିକ ବିକାଶର ପରିପନ୍ଥୀ ଭୌଗୋଳିକ ପ୍ରତିବନ୍ଧକ ବା ବ୍ୟବଧାନ ଦେଖିବାକୁ ମିଳେନାହିଁ। ଏହି କାରଣରୁ ବାହ୍ୟଜଗତ ଆଡକୁ ନିଜ ଝରକା ଉନ୍ମୁକ୍ତ ରଖି ଆଧୁନିକ ଜଗତର ବିକାଶ ବାର୍ତ୍ତାକୁ ଗ୍ରହଣ ଓ ସାମିଲକରଣ କରିପାରିବା କେରଳ ରାଜ୍ୟ ପକ୍ଷରେ ହିଁ ସମ୍ଭବ ହୋଇପାରିଥିଲା। ଏହା ଏକ ଅନୁକୂଳ ସଂକେତ ଯେ କେରଳରେ ବିଭିନ୍ନ ସରକାରଙ୍କ ଦ୍ୱାରା ପ୍ରଣୀତ ବହୁ ପ୍ରଗତିଶୀଳ ଆଇନ୍ ଦ୍ୱାରା ଶିକ୍ଷା ଓ ଲିଙ୍ଗଗତ ସମାନତା କ୍ଷେତ୍ରରେ ସଂସ୍କାର ସହ ଭୂ- ସଂସ୍କାର ଆଇନ୍ ଓ ଭୂମିହୀନତା ତଥା ସଂପଦହୀନତାର ଅବସାନ ସଙ୍ଗେ ସଙ୍ଗେ ଦକ୍ଷତାର ବିକାଶ ଓ ଅଭିବୃଦ୍ଧିର ଯୁଗ ଆରମ୍ଭ ହୋଇପାରିଥିଲା।

୧୯୭୪ରେ କୃଷି ଶ୍ରମିକମାନଙ୍କ ପାଇଁ ଆଇନ୍ ପ୍ରଣୟନ କରିବାରେ, ପ୍ରତ୍ୟେକ ପରିବାରକୁ ବାସଗୃହ ଉପଯୋଗୀ ଜମି ଯୋଗାଇବାରେ ଏବଂ ୨୮ ଲକ୍ଷ ୯୮ ହଜାର ୧୧ ଜଣ ଅସଂଗଠିତ ଶ୍ରମିକଙ୍କ ପାଇଁ ୧୩ଟି କଲ୍ୟାଣକାରୀ ପାଣ୍ଠି ପ୍ରତିଷ୍ଠା କରିବାରେ କେରଳ ଦେଶର ପ୍ରଥମ ରାଜ୍ୟ ଅଟେ। (ଏହି କଲ୍ୟାଣପାଣ୍ଠିର ସଂଖ୍ୟା ପରେ ବୃଦ୍ଧିପାଇ ୨୨ରେ ପହଞ୍ଚି ପାରିଛି)। ଏହି ଯୁଗାନ୍ତକାରୀ ପଦକ୍ଷେପ ନେବା ଦିଗରେ ନେତୃତ୍ୱ ନେଇଥିଲେ କେରଳର ତଦାନୀନ୍ତନ ମୁଖ୍ୟ ମନ୍ତ୍ରୀ- ଶ୍ରୀଯୁକ୍ତ ସି ଅଚ୍ୟୁତ ମେନନ୍।

ମତ୍ସ୍ୟଜୀବୀ, ଯାହାଙ୍କ ପାଇଁ ଏକ ଭିନ୍ନ କଲ୍ୟାଣ ପାଣ୍ଠି ରହିଛି, ତାକୁ ଯୋଗକଲେ ଏହି ହିତାଧିକାରୀଙ୍କ ସଂଖ୍ୟା ଆହୁରି ଅଧିକ ହେବ। ସାକ୍ଷରତା ହାର ଅଭିବୃଦ୍ଧି ସହ ବିଭିନ୍ନ ସରକାରଙ୍କ ଦ୍ୱାରା ରାଜ୍ୟର ଅର୍ଥନୀତି ଉନ୍ମୁକ୍ତ ହୋଇଛି, ରାଜ୍ୟର ଲୋକେ ବିଶ୍ୱ ବଜାରରେ ପ୍ରବେଶ କରିବାକୁ ସକ୍ଷମ ହୋଇଛନ୍ତି ଏବଂ ଏକ ଆଖିଦୃଶିଆ ବିଦେଶୀ ମୁଦ୍ରା ରାଜ୍ୟକୁ ପ୍ରବେଶ କରିବା ସମ୍ଭବ ହୋଇଛି। ନବମ ଯୋଜନା ପାଇଁ ଲୋକଙ୍କ ଅଭିଯାନ ଏକ ବୃହତ୍ ଉଦ୍ୟମ ଅଟେ ଓ ଏହା କେରଳ ସମାଜର ମୌଳିକ ପରିବର୍ତ୍ତନ ଆଣିବା ସହ ରାଜ୍ୟର ବିକାଶରେ ଆଖିଦୃଶିଆ ପ୍ରଭାବ ପକାଇବ। ଜାତୀୟ ସାକ୍ଷରତା ମିଶନ୍‌ର ପ୍ରଥମ ମହାନିର୍ଦ୍ଦେଶକ ଭାବେ ସାକ୍ଷରତା ଅଭିଯାନରେ ନିଜକୁ ସଂପୃକ୍ତ କରିବାର ସୁଯୋଗ ମୋତେ ମିଳିଥିଲା। ଏହା ସହିତ ଏର୍ଣ୍ଣାକୁଲମ୍ ଜିଲ୍ଲାକୁ ପ୍ରଥମ ସମ୍ପୂର୍ଣ୍ଣ ରୂପେ ସାକ୍ଷର ଜିଲ୍ଲା କରିବା

ପାଇଁ ଓ ରାଜ୍ୟର ଅନ୍ୟ ୧୩ ଟି ଜିଲ୍ଲାକୁ ସଂପୂର୍ଣ୍ଣ ସାକ୍ଷର କରିବା ପାଇଁ ପରବର୍ତ୍ତୀ ପର୍ଯ୍ୟାୟ ଅଭିଯାନରେ ମଧ୍ୟ ମୁଁ ଅତ୍ୟନ୍ତ ନିବିଡ଼ ଭାବେ ସଂପୃକ୍ତ ଥିଲି । ୧୯୯୦ ଫେବୃୟାରୀ ୪ ତାରିଖରେ ମୂଲ୍ୟାୟନ ଭିତ୍ତିରେ ଯେତେବେଳେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଭି. ପି. ସିଂହ ଏର୍ଣ୍ଣାକୁଲମ୍‌କୁ ଦେଶର ପ୍ରଥମ ସମ୍ପୂର୍ଣ୍ଣ ସାକ୍ଷର ଜିଲ୍ଲା ରୂପେ ଆନୁଷ୍ଠାନିକ ଭାବରେ ଘୋଷଣା କଲେ, ସେତେବେଳର ଆନନ୍ଦ ଓ ଉଦ୍ଦୀପନାର ଅନୁଭବକୁ ପରିପ୍ରକାଶ କରିବାକୁ ମୋ ପାଖରେ ଯଥେଷ୍ଟ ଭାଷା ନାହିଁ । ସେହିପରି ଯେଉଁଦିନ (ତା ୧୮/୪/୯୧ ରିଖ) କେରଳ ରାଜ୍ୟ ଏକ ସମ୍ପୂର୍ଣ୍ଣ ସାକ୍ଷର ରାଜ୍ୟ ଭାବେ ଘୋଷିତ ହେଲା ତାହା ମଧ୍ୟ ଏକ ଐତିହାସିକ ଦିବସ ଭାବେ ଅବିସ୍ମରଣୀୟ ହୋଇ ରହିଛି । ଯଦିଓ ଏବେ ସମ୍ପୂର୍ଣ୍ଣ ସାକ୍ଷରତା ପାଇଁ ଗଣ ଅଭିଯାନ ଗୁଡିକର ଗତି, ସ୍ୱର ଓ ପ୍ରାରୂପରେ ବ୍ୟାପକ ପରିବର୍ତ୍ତନ ଘଟିଛି ତଥାପି ନବେ ଦଶକରେ କେରଳର ସେହି ଅଭିଯାନର ପ୍ରାକ୍ ଦିନଗୁଡିକରେ ଯାହା ଘଟିଥିଲା ତାହା ଆମ ମନରେ ଇତିହାସର ବଳିଷ୍ଠ ଉଦାହରଣ ଭାବେ ଗଭୀର ରେଖାପାତ କରିଅଛି । ବିକାଶ ପ୍ରକ୍ରିୟାର ଅନେକ ଆୟାମ (ଯଥା- ନବଜାତ ଶିଶୁ ମୃତ୍ୟୁହାର, ଶିଶୁ ମୃତ୍ୟୁହାର, ପ୍ରସବ କାଳୀନ ନାରୀ ମୃତ୍ୟୁହାର) କୁ ଆଖିଆଗରେ ରଖି ବିଚାର କଲେ କେରଳ, ଚୀନ୍ ଓ ଉନ୍ନତ ପାଶ୍ଚାତ୍ୟ ରାଷ୍ଟ୍ର ସହ ତୁଳନୀୟ । ବର୍ଷବର୍ଷର ସାମାଜିକ ଓ ଗଣଗତିଶୀଳତା ପାଇଁ ଉଦ୍ୟମ, ସାମାଜିକ-ରାଜନୈତିକ ବିଚାର ବିମର୍ଷ ଏବଂ ସଚେତନ ଜନମତ ଓ ପ୍ରତିକ୍ରିୟା ମାନ୍ୟତାରେ କେରଳ ଏ ପ୍ରକାର ଅତୁଳନୀୟ ସ୍ଥିତିର ସାଫଲ୍ୟ ଅର୍ଜନ କରିଛି ।

କେରଳ ସାମାଜିକ ଓ ଅର୍ଥନୈତିକ ନୀତିର ମଧୁର ସମନ୍ୱୟର ପ୍ରଭାବ ଦୁନିଆକୁ ଦେଖାଇ ପାରିଛି । ସାକ୍ଷରତା, ମୌଳିକ ଶିକ୍ଷା, ପ୍ରାଥମିକ ସ୍ୱାସ୍ଥ୍ୟ, ଜନସଂଖ୍ୟା ନିୟନ୍ତ୍ରଣ ଏବଂ ପରିବେଶ ସଂରକ୍ଷଣ କ୍ଷେତ୍ରରେ ସାମାଜିକ ନୀତି ଓ ସାମାଜିକ ସୁଯୋଗର ଭାଗିଦାରୀ ଭିତ୍ତି କିପରି ଅର୍ଥନୈତିକ ପରିବର୍ତ୍ତନର ବାହକ ହୋଇପାରିବ, ତାହା ମଧ୍ୟ କେରଳ ରାଜ୍ୟ ପ୍ରମାଣ କରି ପାରିଛି । ଏଣୁ କେରଳରେ ଇଣ୍ଡିଆନ ସୋସାଇଟି ଅଫ୍ ଲେବର ଇକ୍‌ନୋମିକ୍‌ସର ୩୯ତମ ସମ୍ମିଳନୀ ଅନୁଷ୍ଠିତ ହେବା ଐତିହାସିକ ଭାବରେ ଯୁକ୍ତିଯୁକ୍ତ ।

ଅଣସଂଗଠିତ ଶ୍ରମ ଓ ଏହାର ଅସୁମାରୀ ସମସ୍ୟା ସଂପର୍କରେ କହିଲା ବେଳେ କିଛି ଉପଦେଶ ଦେବା ବା ଆଦର୍ଶବାଦୀ ଭାଷଣଦେବାର ସାମାନ୍ୟତମ ଉଦ୍ଦେଶ୍ୟ ମୋର ନାହିଁ । କୌଣସି ପ୍ରତିଷ୍ଠିତ ତଥ୍ୟ ସପକ୍ଷରେ ବା ଏକ ନୂତନ ଯୁକ୍ତି ଉପସ୍ଥାପନ ପାଇଁ ମୁଁ ଏଠାରେ ପରିସଂଖ୍ୟାନର ଜାଲ ମଧ୍ୟ ବିଛାଇବାକୁ ଚାହୁଁନାହିଁ । ବରଂ ଏସବୁକୁ ମୁଁ ମୋର ଅନୁଭୂତିରୁ ଆରମ୍ଭ କରିବାକୁ ଚାହୁଁଛି । ମହାନିର୍ଦ୍ଦେଶକ, ଶ୍ରମ କଲ୍ୟାଣ ବିଭାଗ (୧୯୮୨-୮୫), ଜାତୀୟ ସାକ୍ଷରତା ମିଶନର ମହାନିର୍ଦ୍ଦେଶକ (୧୯୮୭-୯୨) ଓ କାପାର୍ଟର ମହାନିର୍ଦ୍ଦେଶକ (୧୯୯୪-୯୫) ପଦବୀରେ ଥିବାବେଳେ ଏ ମହାନ ଦେଶର ପ୍ରତ୍ୟେକ କୋଣ ଅନୁକୋଣ,

ଉତ୍ତରରେ ହିମାଳୟ ଠାରୁ ଦକ୍ଷିଣରେ ତିନି ସାଗରର ମିଳନସ୍ଥଳୀ ପର୍ଯ୍ୟନ୍ତ,ଉର୍ବର ଗାଙ୍ଗେୟ ଉପତ୍ୟକା ଠାରୁ ବିହାରର ଅନଗ୍ରସର ଛୋଟନାଗପୁର, ସିଂହଭୂମି, ସାନ୍ତାଳ ପ୍ରଗଣା ଓ ଛତିଶଗଡର ଛୋଟ ଆଦିବାସୀ ଗ୍ରାମ ପର୍ଯ୍ୟନ୍ତ; ପୂର୍ବର ମରୁଡି ପ୍ରବଣ ଅଂଚଳ କଳାହାଣ୍ଡି, ବଲାଙ୍ଗୀର ଠାରୁ ପଶ୍ଚିମର ମରୁଭୂମି ଅଂଚଳ ବାର୍‌ମିର, ଜାଲୋର, ଜୟସାଲମିର, ବିକାନୀର, ସିକର, ଝୁନ୍‌ଝୁନୁ ଓ ଯୋଧପୁର ପର୍ଯ୍ୟନ୍ତ ଭ୍ରମଣ କରିବାର ସୁଯୋଗ ମୋତେ ମିଳିଥିଲା। ଆନ୍ଧ୍ରପ୍ରଦେଶ ଓ କର୍ଣ୍ଣାଟକର ଜୀତମ୍ ଓ ଜୀତା ସଂପ୍ରଦାୟ ଠାରୁ ଆରମ୍ଭ କରି ଗୁଜୁରାଟର ହାଲି, ମଧ୍ୟପ୍ରଦେଶର ଗୋଣ୍ଡ, ବିହାରର କାମିଆ, ପଶ୍ଚିମବଙ୍ଗର ସାନ୍ତାଳ, ଓଡିଶାର ଗୋତି, ମୁଣ୍ଡା, ଓରାମ, ରାଜସ୍ଥାନର ସାଗରୀ, ଭିଲ, ରୁଦାଲି, ତାମିଲନାଡୁର ପାଦିୟାଲ, କେରଳର ଆଦିୟା, ପାନିୟା, କାଟୁନାଇକେନ, ମହାରାଷ୍ଟ୍ରର ମାଡ଼ିୟା ତଥା ଉତ୍ତର ପ୍ରଦେଶ (ବର୍ତ୍ତମାନର ଉତ୍ତରାଖଣ୍ଡର ଡ଼େରାଡୁନ) ଉତ୍ତରକାଶୀ ଟେହରି ଗଡ଼ୱାଲ ଜୌନସାର ବାବର ଅଂଚଳର କୋଲତା ସଂପ୍ରଦାୟ ପର୍ଯ୍ୟନ୍ତ- ସମାଜର ସବୁଠାରୁ ଦରିଦ୍ର ଓ ବଞ୍ଚିତ ବର୍ଗଙ୍କ ସହ ଭେଟ ହେବା ଓ କଥାବାର୍ତ୍ତା କରିବାର ଦୁର୍ଲଭ ତଥା ଆନନ୍ଦମୟ ସୁଯୋଗ ମତେ ମିଳିଛି। ଏକାଧିକବାର ବିଜୟୱାଡା ଓ ହରିୟାନାର ଫରିଦାବାଦରେ ପଥର କଟା ଶ୍ରମିକ ଏବଂ ବମ୍ବେ ମହାନଗରୀ ବାହାରେ ଓ ଥାନେର ଇଟା ନିର୍ମାଣକାରୀ ଶ୍ରମିକମାନେ ରହୁଥିବା ତଥା କାମ କରିବା ଅବସ୍ଥାକୁ ଗଭୀର ଭାବରେ ଅନୁଧ୍ୟାନ କରିବାର ସୁଯୋଗ ମୁଁ ପାଇଛି। ଏସବୁ ଅନୁସନ୍ଧାନର ଫଳାଫଳ ମୋର ପୁସ୍ତକ 'ବନ୍ଧନର ବୋଝ'ରେ ଅତି ନିଖୁଣ ଭାବେ ଚିତ୍ରିତ ଓ ଏହା ଏବେ ଇତିହାସର ବିଷୟବସ୍ତୁ। ବିନା ଛଳନାରେ ମୁଁ ଏଠାରେ କହି ରଖିବାକୁ ଚାହେଁ ଯେ, ମୁଁ ଭେଟିଥିବା ଓ ମିଶିଥିବା ଅଗଣିତ ପୁରୁଷ, ନାରୀ ଏବଂ ଶିଶୁମାନେ ସମାଜର କେତେକ ସର୍ବୋତ୍କୃଷ୍ଟ ମାନବ ସନ୍ଦର୍ଭର ନମୁନା। ସେମାନେ ଶିଶୁ ଭଳି ସରଳ, ସଙ୍କୋଚ, ଅତିଥିପରାୟଣ, ଆତ୍ମୀୟ ତଥା ପ୍ରତାରଣାହୀନ। ସେମାନଙ୍କ ପାଖରେ ତଥାକଥିତ ସଭ୍ୟ ସମାଜର ଛଦ୍ମତା କୈନ୍ଦ୍ରିକତା ନଥାଏ। ସାଧାରଣ ଅର୍ଥରେ ସେମାନେ ଶିକ୍ଷିତ ନୁହନ୍ତି କିନ୍ତୁ ସେମାନଙ୍କ ପାଖରେ ଅନୁଭବର ବିପୁଳ ଜ୍ଞାନ ଓ ବୁଦ୍ଧି ରହିଛି। ଆମେ ଜାଣିନଥିବା ବହୁ କଥା ସେମାନେ କହନ୍ତି ଓ ଜାଣନ୍ତି। ସେମାନେ ଯେପରି ଗାଆନ୍ତି, ସେହିପରି ନାଚନ୍ତି, ହସନ୍ତି, ଆନନ୍ଦିତ ହୁଅନ୍ତି ଓ ଦୁଃଖ ପ୍ରକାଶ ବି କରନ୍ତି। ସେମାନଙ୍କ ଦ୍ୱାରା ରଚିତ କେତେକ ସଂଗୀତ ମାନବ ହୃଦୟର ସର୍ବୋତ୍କୃଷ୍ଟ ପରିକଳ୍ପନା ଅଟେ ଏବଂ ଏହା ମାନବିକତାର ଅଭୂତପୂର୍ବ ଗଭୀରତାକୁ ସୂଚାଇଥାଏ। ସଂପୂର୍ଣ୍ଣ ସାଧୁତା, ସ୍ୱାଧୀନତା ତଥା ଅନାବିଳତାର ସହ ଏହି ସଂଗୀତଗୁଡିକ ସମସାମୟିକ ପରିସ୍ଥିତିକୁ ପ୍ରତିଫଳିତ କରେ। ଏଠାରେ ଦେବବ୍ରତ ବନ୍ଦୋପାଧ୍ୟାୟଙ୍କ "Halis of Delanpore" ରୁ ମଣିଷର ହୃଦୟକୁ ମନ୍ଥନ କରୁଥିବା ମାଲୱା ଚଉପଦୀ କଥା ମୋର ମନେପଡେ।

"ଯାଏ ମୁଁ ଅନ୍ଧାରେ,
ଫେରେ ମୁଁ ଅନ୍ଧାରେ
ସଂପୂର୍ଣ୍ଣ ଜୀବନ ମୋର ଅନ୍ଧକାରଭରା
ନାହିଁ ଏଠି ଆଶାର ଆଲୋକର କିରଣ।"

ଏ ଅନ୍ଧକାର ପାଇଁ ଦାୟୀ କିଏ ? ସେମାନଙ୍କ ଜୀବନରୁ କିଏ ଆଶାର ଆଲୋକକୁ ଚୋରାଇ ନେଇଛି ? ଅଣସଂଗଠିତ ଶ୍ରମିକମାନଙ୍କର ସଂଗଠନ ଏ ଆଲୋକକୁ ଫେରାଇ ଆଣିପାରିବ କି ? ଯଦି ଏହା ସମ୍ଭବ, ତାହାହେଲେ ଏହି ଅଣସଂଗଠିତ ଶ୍ରମିକ କିଏ ଏବଂ ସଂଗଠନ କଣ ? ଆମେ କିପରି ଅଣସଂଗଠିତ ଶ୍ରମିକଙ୍କ ଅସଂଖ୍ୟ ପ୍ରକାର ଓ ଉପ-ପ୍ରକାରକୁ ଚିହ୍ନଟ କରିବା ? ସେମାନଙ୍କର ସମସ୍ୟା ଓ ଆହ୍ୱାନ କଣ ? ଏହି ସମସ୍ୟାମାନଙ୍କର ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ ଉତ୍ତର ଆମ ପାଖରେ ଅଛିକି ?ଏହି ଜଟିଳ ଓ ସମ୍ବେଦନଶୀଳ ସମସ୍ୟାକୁ ଏକ ଦ୍ୱନ୍ଦ୍ୱାତ୍ମକ ଢଙ୍ଗରେ ମୁକାବିଲା କରିବାକୁ ଆଗେଇଲା ବେଳେ ଆମ ପାଖରେ ଉପରୋକ୍ତ ପ୍ରଶ୍ନ ସମେତ ଏ ପ୍ରସଙ୍ଗରେ ଜଡିତ ଅନ୍ୟାନ୍ୟ ପ୍ରଶ୍ନସବୁ ଉଠିବ।

ଭାରତବର୍ଷର ଗ୍ରାମାଞ୍ଚଳର ଅଗଣିତ ପୁରୁଷ ଓ ନାରୀ ଏବଂ ସହରାଞ୍ଚଳରେ ବିଭିନ୍ନ ରାଜ୍ୟରୁ ଆସିଥିବା ଶ୍ରମଜୀବୀ ପୁରୁଷ ଓ ନାରୀ ଉପର ବର୍ଣ୍ଣିତ ମାଲଓ୍ୱା ସଂଗୀତର ଅନ୍ଧାର ଅପେକ୍ଷା ଅଧିକ ଅସୁବିଧାରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ବଂଶାନୁକ୍ରମିକ ଭାବେ ଅନ୍ୟାୟ, ଅତ୍ୟାଚାର, ଉତ୍‌ପୀଡନ ଓ ପ୍ରବଞ୍ଚନାର ଶିକାର ହୋଇଆସିଛନ୍ତି। କିନ୍ତୁ ଏସବୁ ସମସ୍ୟାର ଗଭୀରତା ଏତେ ଅଧିକ ଯେ, ସେମାନେ ଏହାର ମୂଳରେ ପହଞ୍ଚିବା ଅସମ୍ଭବ। ଏହି ଅସୁବିଧାଗୁଡିକ ଜନ୍ମଗତ, ଜାତିଗତ, ନିଯୁକ୍ତିଗତ ବା ଲିଙ୍ଗଗତ; ଯାହା ହେଉନା କାହିଁକି, ସେମାନେ ତାଙ୍କ ଜୀବନରେ ଏହାକୁ ପୂର୍ବ-ନିର୍ଦ୍ଧାରିତ ନିୟତି ଭାବେ ଗ୍ରହଣ କରିଥିବାରୁ ଓ ଏହି ପରିବେଶ ସହିତ ବେପରୁଆ ଭାବେ ରହୁଥିବାରୁ ପରିବେଶର ବାସ୍ତବ ସ୍ଥିତିକୁ ଅନୁଶୀଳନ କରିବାକୁ ଅକ୍ଷମ। ସେମାନଙ୍କର ବଂଶଗତ ଅସୁବିଧାର ମୂଳ ସ୍ରୋତକୁ ଦେଖିବାକୁ ମଧ୍ୟ ସେମାନେ ଅକ୍ଷମ। ଏହାକୁ ବୁଝିବା ତ ଦୂରର କଥା, ଏମାନଙ୍କ ଜୀବନର ଚାରିପଟେ ଘେରି ରହିଥିବା ଭୟଙ୍କର ବାସ୍ତବତା ପ୍ରତି ସେମାନଙ୍କର ନୀରବତା ଓ ସହନଶୀଳତାର ସଂସ୍କୃତିକୁ ଜାଗ୍ରତ କରିବା ପାଇଁ, ସେମାନଙ୍କୁ ଏ ସବୁର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ କୌଣସି ଶକ୍ତି ବା ସଂସ୍ଥା ବିଷୟରେ ପରିକଳ୍ପନା କରିବା କଷ୍ଟକର ବ୍ୟାପାର ଅଟେ। ସେମାନଙ୍କ ଜୀବନର ଉତ୍କଟ ବିପର୍ଯ୍ୟୟ ପାଇଁ ଦାୟୀ କାରଣଗୁଡିକ ପ୍ରତି ସେମାନଙ୍କୁ ସଚେତନ କରାଇବା ଏବଂ ବିପର୍ଯ୍ୟୟରୁ ମୁକ୍ତି ପାଇଁ ବାଟ ଖୋଜିବା ପାଇଁ ରଣନୀତି, ପ୍ରକ୍ରିୟା ବା ମାଧ୍ୟମ କଥା ମଧ୍ୟ ଚିନ୍ତା କରିବା କଷ୍ଟସାଧ୍ୟ।

ମୁଁ ଏଠି ଆପଣମାନଙ୍କ ସହିତ କେତେକ ନିର୍ଦ୍ଦିଷ୍ଟ ଉଦାହରଣ ଆଲୋଚନା କରିବାକୁ ଚାହୁଁଛି, ଯାହା କିପରି ବର୍ତ୍ତମାନର ସାମାଜିକ ଚଳଣି ଓ ପରିବେଶ ଅସଂଖ୍ୟ ଭୂମିହୀନ କୃଷି ଶ୍ରମିକ, ଭାଗଚାଷୀ ଏବଂ ଗ୍ରାମୀଣ କାରିଗରମାନଙ୍କୁ ସାମାଜିକ ବାସନ୍ଦ ଓ ଅର୍ଥନୈତିକ ଶୋଷଣର ଶିକାର ହେବା ଅବସ୍ଥାକୁ ଠେଲି ଦେଇପାରିଛି । ୧୯୮୨ ଡିସେମ୍ବର ମାସରେ ମୁଁ ବିହାରର ପାଲାମୁ ଜିଲ୍ଲାର ଜିଲ୍ଲାକେନ୍ଦ୍ର ଡାଲଟନ୍‌ଗଞ୍ଜରୁ ୧୮ କି.ମି. ଦୂର ସିମରା ଗ୍ରାମରେ ମୁକ୍ତ ହୋଇଥିବା ପ୍ରାୟ ପଚାଶ ଗୋଟି ବନ୍ଧୁଆ ଶ୍ରମିକମାନଙ୍କର ପରିବାରର ଦୟନୀୟ ଅବସ୍ଥା ଦେଖି ଡାଲଟନ୍‌ଗଞ୍ଜକୁ ଫେରୁଥିଲି । ୧୯୭୫-୭୬ରେ ସେମାନଙ୍କ ମୁକ୍ତି ପରେ ଏହି ପରିବାରଗୁଡ଼ିକୁ କିଛି ଉତ୍ପାଦନକ୍ଷମ ସଂପତ୍ତି ଯୋଗାଇ ଦିଆଯାଇଥିଲା । ପ୍ରାୟ ଏକ ଦଶନ୍ଧି ପରେ ଏହି ସବୁ ସଂପତ୍ତି ଅଧା ନଷ୍ଟ ହୋଇ ଯାଇଥିଲା ବେଳେ, ମୁକ୍ତି ପାଇଥିବା ଏହି ଶ୍ରମିକମାନଙ୍କର ଅର୍ଥନୈତିକ ଅବସ୍ଥା ଆଗ ଅପେକ୍ଷା ଆହୁରି ଖରାପ ହୋଇଯାଇଥିଲା । ସାମନ୍ତବାଦୀ ଜମିଦାରମାନେ ଏହି ସରଳ ଓ ଅସହାୟ ମଣିଷମାନଙ୍କ ବିରୋଧରେ ଅତି ରୁକ୍ଷ ଓ ନିର୍ମମ ଭାବରେ ସଂଗଠିତ ହୋଇଥିଲେ । ଅତୀତରେ ଏମାନେ ଜମିଦାରମାନଙ୍କ ପାଖରେ ଏପରି ଭାବରେ ବନ୍ଧା ପଡିଥିଲେ ଯେ ସେମାନେ ସାମାଜିକ ଓ ଅର୍ଥନୈତିକ ଭାବରେ ଏକଘରିକିଆ ହୋଇ ଯାଇଥିଲେ । ମୁଖ୍ୟ ବସ୍ତିରେ ଥିବା ବିଦ୍ୟାଳୟକୁ ସେମାନଙ୍କ ପିଲା ଯାଇ ପାରୁନଥିଲେ । ଜମିଦାରମାନଙ୍କ ଧାନ କ୍ଷେତ ଦେଇ ଯିବାକୁ ପଡିବ ବୋଲି, ସୋମନଙ୍କ ଗାଈ, ଛେଳିମାନେ ପାଖ ଗାଁର ଜଙ୍ଗଲକୁ ଚରିବାକୁ ଯାଇ ପାରୁନଥିଲେ । ସେମାନଙ୍କ ମହିଳାମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଥିଲା । ଏମାନଙ୍କ ପରିବାର ମଧ୍ୟରୁ କେତେଜଣଙ୍କୁ ପଚରାଉଚୁରା କଲା ବେଳେ ମୁଁ ଜଣେ ମୁକ୍ତ ବନ୍ଧୁଆ ଶ୍ରମିକଙ୍କୁ ଭେଟିଥିଲି । ଏହା ମୋତେ ସେଠାରେ ଦେଖିବାକୁ ମିଳିଲା ଯେ ଜମିଦାରଙ୍କର ନିର୍ମମ ଅତ୍ୟାଚାରରେ ସେଇ ଲୋକଟି  ପଙ୍ଗୁ, ବାକ୍‌ହୀନ ଓ ସମ୍ପୂର୍ଣ୍ଣ ଅସହାୟ ହୋଇଯାଇଛି । ସେ ଡ଼ାଲଟନ୍‌ଗଞ୍ଜ ଚିକିତ୍ସାଳୟକୁ ଗଲା ବେଳେ ଡାକ୍ତରଙ୍କ ମନ ମୁତାବକ ପଇସା ଦେଇ ନପାରିବାରୁ ତାଙ୍କୁ ଚିକିତ୍ସାରୁ ବଞ୍ଚିତ ହେବାକୁ ପଡ଼ିଥିଲା ।

ଏହିଭଳି ବହୁ ଲୋକଙ୍କର ଦୁର୍ଦ୍ଦଶା ଅନୁଧ୍ୟାନ କରି ମୁଁ ଡାଲଟନଗଞ୍ଜ ଫେରିବା ବାଟରେ ଦଳେ ଜମିଦାର ଓ ବନ୍ଧୁଆ ଶ୍ରମିକଙ୍କ ପୂର୍ବ ମାଲିକମାନେ ମତେ ରାସ୍ତାରେ ଅଟକାଇଲେ । ସେମାନେ ମୋର ପରିଚୟ ଓ ସିମରା ଗାଁକୁ ଯିବାର ଉଦ୍ଦେଶ୍ୟ ସଂପର୍କରେ ଅବଗତ ଥିଲେ । ସେମାନଙ୍କର ମତାମତ ଯାହା ସାମନ୍ତବାଦୀ ରୁଗ୍ଣ ମାନସିକତାର ଏକ ଝଲକ ତାହା ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହେଁ ।  ଏପରି ଏକ ଥଣ୍ଡା ଧୂଳିଧୂସରିତ ସକାଳରେ ଆପଣ ଏହି ଲୋକଗୁଡିକଙ୍କୁ ଭେଟିବା ପାଇଁ କାହିଁକି ସୁଦୂର ଦିଲ୍ଲୀରୁ ଆସିଛନ୍ତି ? ଏହି ହତଭାଗାମାନେ ସେମାନଙ୍କ ପୂର୍ବ ଜନ୍ମରୁ ଆମ ପାଖରେ ବନ୍ଧୁଆଥିଲେ, ବର୍ତ୍ତମାନ

ମଧ୍ୟ ଅଛନ୍ତି ଓ ଭବିଷ୍ୟତରେ ମଧ୍ୟ ରହିବେ। ଆପଣଙ୍କର ସମସ୍ତ ସାମ୍ବିଧାନିକ ଓ କାନୁନୀ ନିୟମ, ସଂସ୍ଥା ଓ ଅନୁଷ୍ଠାନ ସେମାନଙ୍କ ଅର୍ଥନୈତିକ ଅବସ୍ଥା ଓ ଦୁର୍ଦ୍ଦଶାରେ କୌଣସି ପରିବର୍ତ୍ତନ ଆଣି ପାରିବ ନାହିଁ।

ଦ୍ୱିତୀୟ ଉଦାହରଣ ହେଉଛି ୧୯୮୨ ଡିସେମ୍ବରରେ ପାଟନା ନିକଟବର୍ତ୍ତୀ ଫତୁଆ ବ୍ଲକର ଭୁସ୍‌କି ଗ୍ରାମ ପରିଦର୍ଶନ। ମୁକ୍ତି ପାଇଥିବା ବନ୍ଧୁଆ ଶ୍ରମିକ ଯେଉଁମାନେ ଭୂମିହୀନ କୃଷିଶ୍ରମିକ ଥିଲେ, ସର୍ବନିମ୍ନ ମଜୁରି ପାଉନଥିବା କାରଣରୁ ସେମାନଙ୍କଠାରୁ ମିଳିଥିବା ଅଭିଯୋଗର ତଦନ୍ତ କରିବାକୁ ମୁଁ ଯାଇଥିଲି। ଏକ ସାମନ୍ତବାଦୀ ଜମିଦାରଙ୍କ ସହ ଆଲୋଚନା ବେଳେ ତାଙ୍କର ବକ୍ତବ୍ୟ ସମାଜର ପ୍ରତିକ୍ରିୟାଶୀଳ ସାମନ୍ତବାଦୀ ଦୃଷ୍ଟିଭଙ୍ଗୀର ପ୍ରତିଫଳନ ଥିଲା। ସେମାନେ କହିଥିଲେ "ସର୍ବନିମ୍ନ ମଜୁରି ଦାବୀ କରିବାପାଇଁ ଏହି ଲୋକମାନଙ୍କର କ'ଣ ଅଧିକାର ଅଛି? ଆଜି ସେମାନେ ସରକାରଙ୍କଠାରୁ ବହୁ ସାହାଯ୍ୟ ପାଇଛନ୍ତି ଓ ଭବିଷ୍ୟତରେ ପାଇବେ ମଧ୍ୟ। ସେମାନେ ଅତୀତରେ ଆମ ପାଖରେ ବନ୍ଧା ପଡିନଥିଲେ କଣ ଏତେ ସାହାଯ୍ୟ ପାଇଥାଆନ୍ତେ ବୋଲି ଆପଣ ଭାବୁଛନ୍ତି? କେବଳ ଏଥିପାଇଁ କୃତଜ୍ଞତା ସ୍ୱରୂପ ସେମାନେ ମଜୁରି ଦାବୀ ନକରି ଆମର ନିଃଶୁଳ୍‌କ ସେବା କରିବା ଉଚିତ।"

ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, କିନ୍ତୁ ସତ୍ୟ ଓ ବାସ୍ତବତା ଏହିଯେ ଏପରି ନିର୍ଦ୍ଦୟ, କ୍ରୁର ଓ ଅସମ୍ବେଦନଶୀଳ ଗୋଷ୍ଠୀ ଆମ ମଧ୍ୟରେ ଅଛନ୍ତି। ସେମାନେ ଜମିଦାର ହୁଅନ୍ତୁ, ସାହୁକାର ହୁଅନ୍ତୁ ବା ଦଲାଲ ହୁଅନ୍ତୁ, ସେମାନଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ଏକ ଅନ୍ୟାୟ, ଅସମାନ ଓ ଅତ୍ୟାଚାରୀ ସମାଜ ତଥା ଅସମାନ ସାମାଜିକ ଓ ଅର୍ଥନୈତିକ ଶାସନ ବ୍ୟବସ୍ଥାକୁ ଚାଲୁ ରଖିବା। ଏହିଭଳି ଲୋକମାନଙ୍କର ଉପସ୍ଥିତି ତଥା କ୍ଷମତାର ଢାଞ୍ଚା ଉପରେ ଏମାନଙ୍କର ପ୍ରଭାବ ଯୋଗୁଁ ହିଁ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମର କୌଣସି ସୁଫଳ ସମାଜର ନିମ୍ନ ଶ୍ରେଣୀର ଲୋକଙ୍କ ପାଖକୁ ଯାଇପାରୁ ନାହିଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପୋଲାଣ୍ଡ ପ୍ରତ୍ୟାବର୍ତ୍ତନ କରି ପ୍ରସିଦ୍ଧ ଅର୍ଥନୀତିଜ୍ଞ ମାଇକେଲ କେଲେସ୍କି ଦେଇଥିବା ମନ୍ତବ୍ୟ ଏଠାରେ ପ୍ରଣିଧାନ ଯୋଗ୍ୟ। "ଆମେ ଫଳପ୍ରଦ ଭାବେ ପୁଞ୍ଜିବାଦକୁ ରୋକି ପାରିଛୁ ସତ ମାତ୍ର ସାମନ୍ତବାଦର ମୁକାବିଲା କରିପାରିନାହୁଁ।" ଯଦି ବିକାଶର ଅର୍ଥ ମୌଳିକଭାବରେ ମାନବ ସ୍ୱାଧୀନତାର ପରିବ୍ୟାପ୍ତି ଅଟେ ତାହାହେଲେ ଏପରି ସ୍ୱାଧୀନତା ଏକ ସାମନ୍ତବାଦୀ ସାମାଜିକ ବ୍ୟବସ୍ଥାରେ ମିଳିବା କଷ୍ଟକର।

ଏହାର ୧୪ ବର୍ଷ ପରେ ଅର୍ଥାତ୍ ୧୯୯୬ ସେପ୍ଟେମ୍ବରରେ ବିହାରର ଭୋଜପୁର ଜିଲ୍ଲା ସାହାର ଥାନା ଅନ୍ତର୍ଗତ ବରକୀ କରାଉଁ ଗ୍ରାମର ବୈଥାନିଟୋଲା ପରିଦର୍ଶନରେ ମୁଁ ଭାରତ ସରକାରଙ୍କ ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀ ଏମ୍. ଅରୁଣାଚଳମ୍‌ଙ୍କ ସହ ଯାଇଥିବା ବେଳେ

ଏହି ସାମନ୍ତବାଦୀ ଜମିଦାରମାନଙ୍କର ସେହି ନିଷ୍ଠୁରତା ଓ ସମ୍ବେଦନହୀନତା ଦେଖିବାକୁ ମିଳିଥିଲା, ଯାହା ୧୯୮୨ ମସିହାରେ ସିମ୍ରା ଓ ଫତୁଆ ପରିଦର୍ଶନ ପରେ ମୋର ସାମାଜିକ ଚେତନାକୁ ଆଘାତ ଦେବା ସହ ଆଉଥରେ ଦୋହଲାଇ ଦେଇଥିଲା। ୧୯୯୬ ଜୁଲାଇ ୧୧ରେ ୨୨ ଜଣ ପୁରୁଷ, ମହିଳା ଓ ଶିଶୁଙ୍କୁ ରଣବୀର ସେନାର ସଭ୍ୟମାନେ ଗୁଳି କରି ନିର୍ମମ ଭାବରେ ହତ୍ୟା କରିଥିଲେ। ଏମାନେ ଭୂମିହୀନ କୃଷିଶ୍ରମିକ ପରିବାରର ହୋଇଥିବାହିଁ ହତ୍ୟାର ମୁଖ୍ୟ କାରଣ ଥିଲା, ସେମାନଙ୍କ ଅଭିଶପ୍ତ ଦାସ ଜୀବନ ପୂର୍ବ ନିର୍ଦ୍ଧାରିତ, ଏଣୁ ଜମିଦାରମାନଙ୍କ ପାଖରୁ ସର୍ବନିମ୍ନ ମଜୁରି ଦାବୀ କରିବାର କୌଣସି ଅଧିକାର ସେମାନଙ୍କର ନାହିଁ। ଜଣେ ମଣିଷ ଭାବରେ, ଜଣେ ଶ୍ରମିକ ଭାବରେ ଏକ ସ୍ୱଚ୍ଛ, ନିରାମୟ, ଗରିମାମୟ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ  ଜୀବନର ଅଧିକାର ଦୂରର କଥା। ପୁଣି ସେହିପରି ଏକ ବୀଭତ୍ସ, ଭୟାନକ ମନୁଷ୍ୟକୃତ ଦୁର୍ଘଟଣା ଘଟିଲା ଅଳ୍ପଦିନ ମଧ୍ୟରେ। ପାଟଣା ନିକଟବର୍ତ୍ତୀ ହରିଦାସପୁର ଗ୍ରାମର ଦଶଜଣ ଦଳିତ କୃଷିଶ୍ରମିକ ପରିବାରର ଓ ଜେହେନାବାଦ ଜିଲ୍ଲାର ଲକ୍ଷ୍ମଣପୁର ଗ୍ରାମର ୬୧ ଜଣ ନିରୀହ ପୁରୁଷ, ମହିଳା ଓ ଶିଶୁ ଏହାର ଶିକାର ହୋଇଥିଲେ। ୧୯୮୧-୮୨ ମସିହାରେ ଏସିଆଡ କେଶ ଓ ୧୯୮୩-୮୪ର ବଂଧୁଆ ମୁକ୍ତି ମୋର୍ଚ୍ଚା ମାମଲାରେ ମାନ୍ୟବର ନ୍ୟାୟମୂର୍ତ୍ତି ପି.ଏନ.ଭଗବତୀଙ୍କ ଐତିହାସିକ ରାୟ ଥିବା ସତ୍ତ୍ୱେ, ସର୍ବନିମ୍ନ ମଜୁରି ଦେବା ବାଧ୍ୟତାମୂଳକ କି ନୁହେଁ ସେ ସଂପର୍କରେ ଶୀତତାପ ନିୟନ୍ତ୍ରିତ କୋଠରିରେ ଆଜିବି ବିଚାର ବିମର୍ଶ ଚାଲୁଛି। ଅଥଚ ଅପର ପକ୍ଷରେ ନିୟୁତ ନିୟୁତ ଭୂମିହୀନ କୃଷି ଶ୍ରମିକ ଓ ଭାଗଚାଷୀ ବନ୍ଧିତ, ବଞ୍ଚିତ ଓ ଉତ୍‌ପୀଡ଼ିତ ଜୀବନଯାପନ କରୁଛନ୍ତି ଓ ମାନବ ବିକାଶର ଶିଡିର ନିମ୍ନ ପାହାଚରେ ଅଛନ୍ତି। ଏ ଦୃଷ୍ଟିରୁ ବିଚାର କଲେ ଅଣସଙ୍ଗଠିତ ଶ୍ରମିକମାନଙ୍କର ସଂଗଠନକୁ  କେବଳ ଅଗଣିତ ପୁରୁଷ, ନାରୀ ଓ ଶିଶୁମାନଙ୍କର ମିଶ୍ରିତ ଗୋଷ୍ଠୀ ଭାବେ ଦେଖିହେବ ନାହିଁ । ବରଂ ଏହା ଅସଂଖ୍ୟ ମଣିଷର ଖାଦ୍ୟ, ଜୀବନ, ଆଲୋକ, ଶକ୍ତି, ଦୀର୍ଘ ଜୀବନ ଓ ଆନନ୍ଦ ପାଇଁ ଅନୁସନ୍ଧନାର ବାର୍ତ୍ତା ହେବ। କବି ରବୀନ୍ଦ୍ର ନାଥ ଠାକୁର ତାଙ୍କ କବିତା 'ଏବାର ଫିରାଓ ମୋର' ରେ ଏହାକୁ ଅତି ମର୍ମସ୍ପର୍ଶୀ ରୂପ ଦେଇଛନ୍ତି ଯାହା.....

> ସମ୍ମୁଖରେ ମୋର ଦେଖୁଛି ମୁଁ ଘନ ଅନ୍ଧକାରଭରା ବିଶ୍ୱ,
> ଗୋଟିଏ ଯନ୍ତ୍ରଣା ଜର୍ଜରିତ ବିଶ୍ୱ,
> କ୍ଷୁଦ୍ର କୋଠରିଟିଏରେ ପିଞ୍ଜରାବଦ୍ଧ ମୋର ବିଶ୍ୱ,
> ସଂକୀର୍ଣ୍ଣ, ଅନ୍ଧକାର ଏବଂ ଶୂନ୍ୟ କ୍ଷୁଦ୍ର କୋଠରି ଦ୍ୱାରା।
> ମୁଁ ଖାଦ୍ୟ ଚାହେଁ, ଚାହେଁ ବଞ୍ଚିବାକୁ,
> ମୁଁ ଆଲୋକ ଚାହେଁ, ଲୋଡ଼ା ମୋର ଶକ୍ତି,

ମୁଁ ସ୍ୱାସ୍ଥ୍ୟର ସୁରକ୍ଷା ଚାହେଁ, ଲୋଡ଼ା ମୋର ଉଜ୍ଜ୍ୱଳ ଆନନ୍ଦଭରା ଦୀର୍ଘଜୀବନ।

ନ୍ୟାୟମୂର୍ତ୍ତି ପି.ଏନ. ଭଗବତୀଙ୍କ ଭାଷାରେ ଏହି ଅଗଣିତ ନିର୍ଦ୍ଧନ, ବଞ୍ଚିତ ଓ ପୀଡିତ ମଣିଷମାନେ ମାନବ ସମାଜର କମ୍ ଦୃଶ୍ୟମାନ ଅଂଚଳରେ ଅବସ୍ଥାପିତ। ଏମାନେ ବର୍ଷ ବର୍ଷ ଧରି ଏକ ଅମାନବୀୟ ଜୀବନଯାପନ କରିବା ସହ ଦାରିଦ୍ର୍ୟ, ଶୋଷଣ, ଅତ୍ୟାଚାର, ଅନ୍ୟାୟ ଓ ଅବିଚାର ବିରୋଧରେ ସଂଘର୍ଷ କରି ଆସୁଛନ୍ତି। ସେମାନେ ମଣିଷ ଏବଂ ଏକ ସ୍ୱାଧୀନ ରାଷ୍ଟ୍ରର ନାଗରିକ। ଅନ୍ୟ ନାଗରିକମାନଙ୍କ ପରି ସେମାନଙ୍କର ମଧ୍ୟ ଅବିଚ୍ଛେଦ୍ୟ ମାନବିକ ଅଧିକାର ରହିଛି। କିନ୍ତୁ କୌଣସି ଦୋଷ ନଥାଇ ସେମାନେ ଉତ୍କଟ ଦାରିଦ୍ର୍ୟ, ଅମାନବୀୟ ନିଷ୍ଠୁରତା, ଚରମ ଅବହେଳା ଓ ଉଦାସୀନତାର ଶିକାର ହୋଇଆସିଛନ୍ତି। ଯେଉଁ ବ୍ୟବସ୍ଥା ସେମାନଙ୍କର ରକ୍ତ, ଝାଳ ଓ ଲୁହ ଉପରେ ଦଣ୍ଡାୟମାନ, ସେହି ବ୍ୟବସ୍ଥା ସେମାନଙ୍କ ପ୍ରତି ସବୁଠାରୁ ରକ୍ଷ, କଠୋର ଓ ନିର୍ଦ୍ଦୟ। ନ୍ୟାୟ ଓ ସମାନତା ଆମ ସମ୍ବିଧାନର ନିର୍ଯ୍ୟାସ ହୋଇଥିବା ସତ୍ତ୍ୱେ ଯଦି ସେମାନେ ଅର୍ଥନୈତିକ ଶୋଷଣ ଓ ସାମାଜିକ ଭେଦଭାବର ଶିକାର ହୋଇ ରହିଛନ୍ତି, ତାହାହେଲେ ଏଥିପାଇଁ ସମଗ୍ର ସମାଜ ଓ ସମାଜର ପ୍ରତିନିଧି ଭାବେ ରାଷ୍ଟ୍ର ଦାୟୀ, ଅବହେଳାରେ ଶିକାର ହୋଇଥିବା ଏହି ମଣିଷମାନେ ଦାୟୀ ନୁହନ୍ତି। ଜଣେ ମଣିଷ ଗଭୀର ଭାବେ ଚିନ୍ତାକଲେ ଘୃଣା ବା ଭୟରେ ହୃତ୍‌କଂପନ ସୃଷ୍ଟି ହେବ ଯେ, ହଜାର ହଜାର ଶିଶୁ, ଯେଉଁମାନେ ଘର ଓ ପରିବାରର ଫୁଲ ପରି ଅଟନ୍ତି, ସେମାନେ କିପରି ଶିବକାଶୀର ଦିଆସିଲି ଓ ବାଣ କାରଖାନାରେ, ଫିରୋଜାବାଦର କାଚ ଓ ଚୁଡି ତିଆରି କାରଖାନାରେ, ମୋରାଦାବାଦର ପିତଳ ସାମଗ୍ରୀ ତିଆରି କାରଖାନାରେ, ଆଲିଗଡର ଚାବି ତିଆରି କାରଖାନାରେ, ମାଣ୍ଡସର ଓ ମାର୍କାପୁରର ସ୍ଲେଟ ଖଣିରେ, ଜୟପୁରର ମୁକ୍ତା କାଟି ତିଆରି କରିବା ଓ ପାଲିସ କରିବା କାରଖାନାରେ, ସୁରଟ ଓ ଭାବନଗରର ହୀରା ପ୍ରସ୍ତୁତି କାରଖାନାରେ, ବିଭିନ୍ନ ବିଡି ତିଆରି ଶିଳ୍ପରେ, ଭଦୋଇ, ବାରାଣାସୀ, ମିର୍ଜାପୁର, ସୋନଭଦ୍ର ଏବଂ ଜାମ୍ମୁ ଓ କାଶ୍ମୀରର କାର୍ପେଟ, ଜରି ଓ ଏମ୍ବ୍ରୋଡରି କାରଖାନାରେ ମଉଳି ପଡୁଛନ୍ତି।

ଯୌବନ ତଥା ପୌରୁଷର ପୁଷ୍ପରେ ଭାବ ପ୍ରସ୍ଫୁଟିତ ହେବା ପୂର୍ବରୁ ସେମାନଙ୍କର ଶୈଶବର ପାଖୁଡାଗୁଡିକ କିପରି ଝଡିପଡେ- ଏକଥା ଭାବିଲେ ଘୃଣାରେ କଂପନ ସୃଷ୍ଟି ହୁଏ। ୯୦ ନିୟୁତ ମହିଳା ଶ୍ରମିକମାନଙ୍କ ଦୁର୍ଦ୍ଦଶାର ଚିତ୍ର ଛାତି ଥରାଇଦିଏ। ଏମାନଙ୍କ କ୍ଷେତ୍ରରେ ଅସମାନତା ଓ ଭେଦଭାବର ମାତ୍ରା ସର୍ବାଧିକ। ସେ ଲିଙ୍ଗ ଅନୁପାତରେ ହେଉ ଅବା ନିମ୍ନମୁଖୀ ଶ୍ରମ ଅଂଶଗ୍ରହଣରେ ହେଉ, ସାକ୍ଷରତା, ମୌଳିକ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ, ଆମୋଦ ପ୍ରମୋଦ ଆଦି ସାମାଜିକ ସୁବିଧା ସୁଯୋଗର ଭାଗିଦାରି, ନିଯୁକ୍ତିର ଅଭିବୃଦ୍ଧି ହାର, ନିଯୁକ୍ତି ପଞ୍ଜୀକରଣ ଦପ୍ତରରେ ପଞ୍ଜୀକୃତ ମହିଳାମାନଙ୍କ ସଂଖ୍ୟା ଓ

ବାସ୍ତବରେ ମହିଳାଙ୍କ ନିଯୁକ୍ତି, ବୈଷୟିକ ପ୍ରଶିକ୍ଷଣ ସୁଯୋଗ ଓ ଏଥିରେ ମହିଳାଙ୍କ ଭାଗ ଆଦି ସବୁଠି ମହିଳାମାନେ ଦୁର୍ଦ୍ଦଶାଗ୍ରସ୍ତ । ସେହିପରି, ପଶୁଖାଦ୍ୟ, ଜାଳେଣି ଓ ପାଣି ସଂଗ୍ରହ କରିବାରେ ବହୁ ସମୟ ଅତିବାହିତ କରୁଥିବା, ନିରକ୍ଷରତା, ଅଜ୍ଞାନତା, ଖିଆଲ ତଥା ସାମାଜିକ ବାସନ୍ଦ ଆଦିର ଶିକାର ହେଉଥିବା ରାଜସ୍ଥାନ ଓ ଗୁଜୁରାଟର ମରୁଭୂମି ଅଞ୍ଚଳର ମହିଳାଙ୍କ ଦୁର୍ଦ୍ଦଶା କଥା ଭାବିଲେ ହୃତ୍‌କଂପରେ ମନ ଆନ୍ଦୋଳିତ ହୁଏ । ଏମାନେ ଭୌଗୋଳିକ ଓ ସାମାଜିକ ପ୍ରତିବନ୍ଧକ ହେତୁ ଏବଂ ଯୌନଶୋଷଣ ଜନିତ ଅସୁରକ୍ଷାର ଭୟ ଯୋଗୁଁ ସେମାନଙ୍କ ଝିଅପିଲାମାନଙ୍କୁ ବିଦ୍ୟାଳୟକୁ ପଠାଇବା କଥା କଳ୍ପନା କରିପାରନ୍ତି ନାହିଁ । ଦେଶର ୫୦ ନିୟୁତ ଆଦିବାସୀ ସଂପ୍ରଦାୟର ପିଲାମାନେ ବିଭିନ୍ନ ଷଡ଼ଯନ୍ତ୍ରର ଶିକାର ହୋଇଥାନ୍ତି । ଏହି ପିଲାମାନେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଋତୁରେ ଅସାଧୁ ଦଲାଲମାନଙ୍କ ଶୋଷଣର ଶିକାର ହୁଅନ୍ତି । ଏହି ଦଲାଲମାନେ ସେମାନଙ୍କୁ ସ୍ୱଳ୍ପ ମୂଲ୍ୟ ଦେଇ ସେମାନଙ୍କ ଦ୍ୱାରା ସଂଗୃହୀତ ଲଘୁ ବନଜାତ ଦ୍ରବ୍ୟକୁ ହଡପ କରି ନେଇ ବଜାରରେ ଚଢା ଦରରେ ବିକ୍ରି କରି ଅସତ୍ ଉପାୟରେ ଲାଭବାନ ହୁଅନ୍ତି ଅଥଚ ସଂଗ୍ରହକାରୀଙ୍କୁ ଠିକ୍ ମୂଲ୍ୟ ଦିଅନ୍ତି ନାହିଁ । ଏକଥା ଭାବିଲେ ହୃତ୍‌କଂପ ସୃଷ୍ଟି ହୁଏ । ବହୁ ସଂଖ୍ୟାରେ ପୁରୁଷ, ନାରୀ ଓ ପିଲା ଜଙ୍ଗଲକୁ ବାଉଁଶ ଓ କାଠ କାଟିବାକୁ, କେନ୍ଦୁପତ୍ର ତୋଳିବାକୁ, ଶାଳମଞ୍ଜି, ଝୁଣା, ଅଠା ଆଦି ସଂଗ୍ରହ କରିବାକୁ ଯାଇଥାନ୍ତି । ସେମାନଙ୍କ ମଧ୍ୟରୁ ଅନେକ ସାପ କାମୁଡାରେ ମରିଥାନ୍ତି, ଅନ୍ୟ କେତେକ ବିଷାକ୍ତ କୀଟପତଙ୍ଗ କାମୁଡାରେ ଓ ଜଙ୍ଗଲରେ କାମ କଲାବେଳେ ଆହତ ହୋଇଥାନ୍ତି । କିନ୍ତୁ ସେମାନଙ୍କ ପାଇଁ କୌଣସି କ୍ଷତିପୂରଣ ବା ଅନୁରୂପ ବ୍ୟବସ୍ଥା ନଥାଏ । ମାଛଧରାଳି ପୁରୁଷ ଦେଶୀ ଡଙ୍ଗାରେ ଗଭୀର ସମୁଦ୍ରକୁ ମାଛ ମାରିବାକୁ ଯାଇ ଖରାପ ପାଗ, ବର୍ଷା, ଝଡ ଓ ବାତ୍ୟାର ଶିକାର ହୁଅନ୍ତି । ସେମାନେ ସମୁଦ୍ରରେ ହଜି ଯାଆନ୍ତି କିନ୍ତୁ ତାଙ୍କ ପାଇଁ ଦୁର୍ଘଟଣାଜନିତ ବୀମା ନଥାଏ । କାରଣ ସେମାନେ ଅଣସଂଗଠିତ ଶ୍ରମିକ । ବେଆଇନ୍ ଓ ଗୁପ୍ତଭାବେ ଯାତାୟତ କରୁଥିବା ବହୁ ସଂଖ୍ୟକ ମେସିନ ଚାଳିତ ଟ୍ରଲରମାନଙ୍କ ଯୋଗୁଁ ପ୍ରତିସ୍ପର୍ଦ୍ଧାହୀନ ଓ ଅଣସଂଗଠିତ ପାରମ୍ପରିକ ମତ୍ସ୍ୟଜୀବୀମାନେ କଳ୍ପନାତୀତ କ୍ଷତିର ଶିକାର ହୋଇଥାନ୍ତି । ଗୁଜୁରାଟର ଭେରାଭାଲ ସମୁଦ୍ରକୂଳ ଅଞ୍ଚଳର ନିୟୁତ ନିୟୁତ ଲୁଣ ଶ୍ରମିକ ଲୁଣ ଜମିରୁ ଲୁଣି ପାଣି ଆଣନ୍ତି ଓ ପାଣି ବାଷ୍ପ ହେବା ପର୍ଯ୍ୟନ୍ତ ଦିନ ଦିନ ଧରି ଅପେକ୍ଷା କରିଥାନ୍ତି । କାଦୁଅରୁ ଲୁଣ ବାହାର କରିବାରେ ସେମାନଙ୍କ ଆଙ୍ଗୁଳି ଖାଇଯାଏ ଓ ରାସାୟନିକ ପଦାର୍ଥ ସଂସ୍ପର୍ଶରେ ଆସି ସେମାନେ କ୍ଷତାକ୍ତ ହୁଅନ୍ତି । କିନ୍ତୁ ସେମାନଙ୍କ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ପାଇଁ କୌଣସି ବ୍ୟବସ୍ଥା ନଥାଏ । ଅସଂଖ୍ୟ ଶ୍ରମିକ କଞ୍ଚା ଚମଡା ସଂଗ୍ରହ କଲାବେଳେ, ମୃତ ପ୍ରାଣୀର ଦେହରୁ ଚମଡାବାହାର କଲାବେଳେ, ଚମଡା ତିଆରି କାରଖାନାରେ ଚମଡାକୁ ରାସାୟନିକ ପଦାର୍ଥରେ

ବୁଡାଇଲାବେଳେ କେବଳ ତୀବ୍ର ଦୁର୍ଗନ୍ଧ ନିଃଶ୍ୱାସରେ ନିଅନ୍ତି ନାହିଁ, ଅଧିକନ୍ତୁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥାର ଅଭାବରୁ ନିଜର ଚମଡାକୁ ମଧ୍ୟ କ୍ଷତିଗ୍ରସ୍ତ କରିଥାନ୍ତି । ଦେଶ ସ୍ୱାଧୀନତାର ବହୁ ବର୍ଷପରେ ମଧ୍ୟ ଆମ ସହର ଓ ଗ୍ରାମାଞ୍ଚଳରେ ଶୌଚ ବ୍ୟବସ୍ଥା ଏତେ ଅବହେଳିତ ଯେ ଅସଂଖ୍ୟ ସଫେଇ କର୍ମୀମାନଙ୍କୁ ଆଜି ବି ମୁଣ୍ଡରେ ମଇଳା ମୁଣ୍ଡାଇ ଆମ ବସ୍ତିଗୁଡିକୁ ସଫା କରିବାକୁ  ପଡିଥାଏ । ଏହା ଦ୍ୱାରା ସେମାନେ ବ୍ୟକ୍ତିଗତ ଭାବରେ ସଂକ୍ରାମକ ରୋଗରେ ସଂକ୍ରମିତ ହୋଇଥାଆନ୍ତି । ବିଜ୍ଞାନ କାରିଗରୀ ବିଦ୍ୟାର ଅଗ୍ରଗତି ଓ ଯୋଗାଯୋଗ ବ୍ୟବସ୍ଥାର ବୈଶ୍ବିକ ପରିବର୍ତ୍ତନ ସତ୍ତ୍ୱେ ଏହି ପ୍ରକ୍ରିୟାରେ କୌଣସି ଆଖିଦୃଶିଆ ପରିବର୍ତ୍ତନ ଆସିପାରିନାହିଁ । ସେହିପରି ଦୟନୀୟ ଅବସ୍ଥାରେ ରିକ୍ସା ଚାଳକ, ବୋଝ ଲଦିବା ଓ ବୋଝ ଓହ୍ଲାଇବା କାମରେ ଲିପ୍ତ ଶ୍ରମିକମାନେ ବଞ୍ଚୁଛନ୍ତି । ଏ ପରିପ୍ରେକ୍ଷୀରେ ବିଚାର କଲେ ସଂଗଠିତ ଓ ଅଣସଂଗଠିତ ଶ୍ରମ ମଧ୍ୟରେ ପାର୍ଥକ୍ୟ କୃତ୍ରିମ ଅଟେ । ଏହା ଆମର ସୃଷ୍ଟି । ଯଦି ସଂଗଠିତ କ୍ଷେତ୍ରରେ ନିଯୁକ୍ତି ସଂକୁଚିତ ହେଉଛି, ଯଦି ଅର୍ଥନୀତିର ଠିକା ବ୍ୟବସ୍ଥା, ସାମୟିକକରଣ ଆଦି ହେଉଛି, ଯଦି ସାଧାରଣ ନିଯୁକ୍ତି ସଂପର୍କ ଗୁଡିକୁ ଅସ୍ଥାୟୀ ନିଯୁକ୍ତି ସଂପର୍କରେ ପରିଣତ କରାଯାଉଛି ଓ ଯଦି ତୀବ୍ର ଆକ୍ରମଣାତ୍ମକ ଓ ପ୍ରତିଦ୍ୱନ୍ଦିତାମୂଳକ ବଜାର ଦ୍ୱାରା ପ୍ରତ୍ୟାଖ୍ୟାତ ହେବାରୁ ଅଧିକ ଲୋକ ଠିକା ନିଯୁକ୍ତିରେ ପ୍ରବେଶ କରୁଛନ୍ତି, ତେବେ ଏସବୁ ଆମର ପରିକଳ୍ପନା, ପରିକଳ୍ପିତ ଯୋଜନା, ନୀତି ଓ କାର୍ଯ୍ୟକ୍ରମର ପ୍ରତ୍ୟକ୍ଷଫଳ ।

ବେଳେ ବେଳେ ସଂଗଠିତ ଓ ଅଣସଂଗଠିତ ଶ୍ରମିକମାନଙ୍କ ମଧ୍ୟରେ ପାର୍ଥକ୍ୟ ତଳ ସ୍ତରରେ ବାସ୍ତବ ହୋଇଥାଏ । କାରଣ ବଜାରର ପରିବର୍ତ୍ତନ ତୀବ୍ର ବେଗରେ ଘଟିଥାଏ । ସଂଗଠିତ କ୍ଷେତ୍ରକୁ ନିଯୁକ୍ତି ସଂକୋଚନ ମାଡି ବସିଥିବାରୁ ଅଧିକରୁ ଅଧିକ ଲୋକ ଅଣସଂଗଠିତ ଓ ସାମୟିକ କ୍ଷେତ୍ରରେ ପ୍ରବେଶ କରିବାକୁ ବାଧ ହୋଇଥାଆନ୍ତି । ଭାରତରେ ଶ୍ରମ ଶକ୍ତିର ଅଭିବୃଦ୍ଧି ଏହାର ପ୍ରାୟ ଶତକଡା ୨ ରୁ ୫ ଭାଗ ଏବଂ ଏହା ଜନସଂଖ୍ୟା ବୃଦ୍ଧି ହାରଠାରୁ ଅଧିକ । ଅର୍ଥାତ୍ ନିଯୁକ୍ତି ବଜାରର ଧାରଣକ୍ଷମତା ଠାରୁ ଅଧିକ ଲୋକ ନିଯୁକ୍ତି ବଜାରରେ ପ୍ରବେଶ କରିବାରେ ଲାଗିଛନ୍ତି । କାରଣ ହେଉଛି ଏହା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ସେମାନଙ୍କ ପାଖରେ ନାହିଁ । ଲୋକମାନଙ୍କର ବୈଷୟିକ ଦକ୍ଷତା, ବିଶେଷ କରି ଗ୍ରାମାଞ୍ଚଳରୁ ସହରାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳକୁ ଆସୁଥିବା ଲୋକମାନଙ୍କର କାର୍ଯ୍ୟ ଦକ୍ଷତା ଓ ଶ୍ରମ ବଜାରର ଆବଶ୍ୟକତା ମଧ୍ୟରେ ତାଳମେଳ ନଥିବାରୁ ଏହି ଲୋକମାନଙ୍କୁ ଗ୍ରହଣ କରିବା ପାଇଁ ବଜାର ସର୍ବଦା ଅକ୍ଷମ । ଗ୍ରାମାଞ୍ଚଳର କୁଶଳୀ କାରିଗରମାନଙ୍କର ଦକ୍ଷତାର ବିଲୟ ପରିପ୍ରେକ୍ଷୀରେ ଏହି ଉତ୍କଟ ସମସ୍ୟାଟିକୁ ଠିକ୍ ଭାବରେ ବୁଝିବା ଦରକାର । ଆମ ଦେଶରେ ପାରିବାରିକ ପ୍ରଶିକ୍ଷଣ ପୁରୁଷ ପୁରୁଷ ଧରି ଦକ୍ଷ କାରିଗରକୁ ଜ୍ଞାନ, ସୂଚନା ଓ ଦକ୍ଷତା

ଯୋଗାଇବାର ଉଜ୍ଜ୍ୱଳତମ ଉଦାହରଣ ମାନ ରହିଛି । ଉପନିବେଶବାଦର ପ୍ରବେଶ ପୂର୍ବରୁ ଏହି କୁଶଳୀ କାରିଗରମାନେ କ୍ଷୁଦ୍ର ପ୍ରତିଷ୍ଠାନ ମାନଙ୍କରେ ନିଯୋଜିତ ଥିଲେ ଓ ନିଜ ଦେଶରେ ମିଳୁଥିବା କଞ୍ଚାମାଲରୁ ବିଭିନ୍ନ ପଦାର୍ଥ ତିଆରି କରୁଥିଲେ । ଏଗୁଡ଼ିକ ସେମାନଙ୍କ କାରିଗରୀ କୌଶଳର ଉତ୍କର୍ଷ ପାଇଁ ପ୍ରସିଦ୍ଧ ଥିଲା । ଦେଶୀୟ କୌଶଳର ନିର୍ଭୁଲ ପ୍ରସାରଣ ମାଧ୍ୟମରେ ଏହି କାରିଗରମାନେ ପାଇଥିବା ଦକ୍ଷତା ବା ବୈଷୟିକ ଜ୍ଞାନର ସ୍ତର ଆନ୍ତର୍ଜାତିକ ସ୍ତରରେ ବହୁବାର ସ୍ୱୀକୃତି ଲାଭ କରିଛି । ଉପନିବେଶବାଦର ଆରମ୍ଭ ତଥା ଉନବିଂଶ ଶତାବ୍ଦୀର ଶିଳ୍ପବିପ୍ଳବ ପ୍ରବର୍ତ୍ତନ ହେତୁ ଅଧିକ ପରିମାଣର ବଳକା ଉତ୍ପାଦନ କୌଶଳର ଆରମ୍ଭ ଏହି ଦେଶୀୟ କାରିଗରୀ କୌଶଳର ଅଧିକ ବିକାଶ, ବିବର୍ତ୍ତନ ଓ ଉତ୍କର୍ଷକୁ ମରଣାନ୍ତକ ଧକ୍କା ଦେଲା । ଏପରି ପ୍ରତିଯୋଗିତା କାରଣରୁ ବଜାରରେ ନିଜର କୌଶଳକୁ ବିକ୍ରି କରିବାକୁ ଅକ୍ଷମ ହେବା ପରେ ବହୁ ସଂଖ୍ୟକ ଗ୍ରାମୀଣ କୁଶଳୀ କାରିଗର ସେମାନଙ୍କ ଦକ୍ଷତା ହରାଇଲେ ଓ ଅଧିକରୁ ଅଧିକ ଦରିଦ୍ର ହେଲେ । ଅନ୍ୟ ଅର୍ଥରେ, ଉପନିବେଶବାଦ ଏକ ବଡ ଧରଣର ବୈଷୟିକ କାର୍ଯ୍ୟ ଦକ୍ଷତା ନଷ୍ଟ କରିବାର ପ୍ରକ୍ରିୟା ଆରମ୍ଭ କରିନେଲା ।

ମଣିଷ ବୈଷୟିକ ଜ୍ଞାନ କୌଶଳ ହରାଇବା ପାଇଁ ଯଦିଓ ଐତିହାସିକ କାରଣମାନ ଦାୟୀ ଓ ଏହା ଦ୍ୱାରା ଏକ ବଡ ଧରଣର ଅଣସଂଗଠିତ ଶ୍ରମ ଶକ୍ତିର ଅଭ୍ୟୁଦୟ ହୋଇଥାଏ, ତଥାପି ବିଘଟନ ଓ ସାମୟିକୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅନ୍ୟାନ୍ୟ ଜରୁରୀ କାରଣ ମାନ ମଧ୍ୟ ରହିଛି । ପ୍ରଥମତଃ ତ୍ରୁଟିପୂର୍ଣ୍ଣ ଆଇନ ବ୍ୟବସ୍ଥାର ବିକାଶ ଏବଂ ଦ୍ୱିତୀୟରେ ଅଧିକ ଯୋଗାଣାଭିମୁଖୀ ତଥା କମ୍ ଚାହିଦା ସମ୍ବଳିତ ଯୋଜନା ଓ କାର୍ଯ୍ୟକ୍ରମର ତ୍ରୁଟିପୂର୍ଣ୍ଣ ବିକାଶ ତଥା ଏହାର ଉତ୍ସାହପୂର୍ଣ୍ଣ କାର୍ଯ୍ୟକାରିତା ମଧ୍ୟ ଦୁଇଟି କାରଣ ଅଟେ ।

ଆଇନ ସାମାଜିକ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର । ଅଣସଂଗଠିତ ଶ୍ରମ ପରିପ୍ରେକ୍ଷୀରେ ଆଇନକୁ ତିନି ଭାଗରେ ବିଭକ୍ତ କରାଯାଇପାରେ- (କ) ଶ୍ରମ ଆଇନ୍ (ଖ) ପ୍ରଜାସତ୍ତ୍ୱ ଆଇନ୍ (ଗ) ସମାଜ କଲ୍ୟାଣ ଆଇନ୍ । ଏହା ସତ୍ୟ ଯେ, ବ୍ୟବସ୍ଥାପକମାନଙ୍କ ଦ୍ୱାରା ଯେଉଁ ଆଇନ ସବୁ ଗୃହୀତ ହୁଏ ସେସବୁ ଦରିଦ୍ର, ବଞ୍ଚିତ ଓ ଅସୁବିଧା ଗ୍ରସ୍ତ ଲୋକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଉଦ୍ଦିଷ୍ଟ । ସ୍ୱାଧୀନତା ପୂର୍ବରୁ ଓ ପରେ ତିଆରି ହୋଇଥିବା ଆଇନର ଇତିହାସ ଆମର ରହିଛି । ଉଦାହରଣ ସ୍ୱରୂପ ଶ୍ରମିକ କ୍ଷତିପୂରଣ ଆଇନ-୧୯୨୩, ମଜୁରି ପ୍ରଦାନ ଆଇନ-୧୯୩୬, ସର୍ବନିମ୍ନ ମଜୁରି ଆଇନ-୧୯୪୮, ଶିଶୁ ଶ୍ରମିକ ନିୟନ୍ତ୍ରଣ ଓ ପ୍ରତିରୋଧ ଆଇନ-୧୯୮୬ , ବିଡି ଓ ସିଗାରେଟ ଶ୍ରମିକ (ନିଯୁକ୍ତି ସର୍ତ୍ତାବଳୀ) ଆଇନ-୧୯୬୬, ଠିକା ଶ୍ରମିକ (ନିୟନ୍ତ୍ରଣ ଉଚ୍ଛେଦ) ଆଇନ-୧୯୭୦, ଗୋତିଶ୍ରମ ବ୍ୟବସ୍ଥା (ଉଚ୍ଛେଦ) ଆଇନ୍-୧୯୭୬, ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି, ନିୟନ୍ତ୍ରଣ ଓ କର୍ମବ୍ୟବସ୍ଥା)ଆଇନ୍-୧୯୭୯, କୋଠା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ

ଚାକିରୀ ସର୍ତ୍ତାବଳୀ) ଆଇନ୍ - ୧୯୯୬ ଇତ୍ୟାଦି । ଏଥି ମଧ୍ୟରୁ ଅଧିକାଂଶ ଆଇନ ଗୁଡିକ ସୁରକ୍ଷାଦାୟକ ଓ ଶୋଷଣ ବିରୋଧୀ । ଶ୍ରମିକମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ପାଇଁ ମହତ ଉଦ୍ଦେଶ୍ୟରେ ଏହି ଆଇନ୍ ଗୁଡିକ ପ୍ରଣୟନ କରାଯାଇଥିଲା ।

ଏହା ଦୁର୍ଭାଗ୍ୟଜନକ ଯେ, ଦରିଦ୍ର, ଉତ୍ପୀଡ଼ିତ ଓ ସାଧାରଣ ସୁବିଧା ସୁଯୋଗରୁ ବଞ୍ଚିତ ଶ୍ରେଣୀର ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ ଆଇନ୍ ପ୍ରକ୍ରିୟାମାନ ବେଳେବେଳେ ସେମାନଙ୍କ ବିରୋଧରେ ବ୍ୟବହୃତ ହୁଏ । ଅପରପକ୍ଷରେ ଆଇନକୁ ଉଲଂଘନ କରୁଥିବା ଲୋକେ ବହୁ ସମୟରେ ଅତି ଆୟାସରେ ଆଇନର ପରିସରରୁ ଖସିଯିବା ପାଇଁ ସମର୍ଥ ହୋଇଥାଆନ୍ତି । ଏଣୁ ଦରିଦ୍ର ଓ ବଞ୍ଚିତ ଶ୍ରମିକମାନେ ଏହା ଭାବିବା ସ୍ୱାଭାବିକ ଯେ, ଆଇନ୍ ସେମାନଙ୍କ ବିରୋଧରେ ବ୍ୟବହୃତ ହେବା ପାଇଁ ଉଦ୍ଦିଷ୍ଟ ଓ ଯେଉଁମାନେ ସମାଜର ଧନୀକ ଶ୍ରେଣୀ ସେମାନେ ଆଇନ୍‌ର ଊର୍ଦ୍ଧ୍ୱରେ । ସେମାନେ ପ୍ରାୟତଃ ଦେଖିଥାନ୍ତି ଯେ, ଆଇନ ସେମାନଙ୍କୁ କିଛି ଦେବା ପରିବର୍ତ୍ତେ ସବୁବେଳେ କିଛି ନା କିଛି ନେଇଯାଉଛି । ସେମାନଙ୍କର ଦୈନନ୍ଦିନ ଜୀବନରେ ମୁକାବିଲା କରୁଥିବା ଆଇନ ଦରିଦ୍ରଙ୍କର ଆଇନ ନୁହେଁ ଦରିଦ୍ରମାନଙ୍କ ପାଇଁ ଆଇନ ଅଟେ ମାତ୍ର ବାସ୍ତବରେ ସେମାନଙ୍କ ସ୍ୱାର୍ଥ ବିରୁଦ୍ଧରେ ବ୍ୟବହୃତ ହୋଇଥାଏ ।

ଧନୀକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀମାନେ ଚତୁର ଓ ବହୁ ସମ୍ବଳର ଅଧିକାରୀ ଅଟନ୍ତି । ସେମାନେ ଦରିଦ୍ରମାନଙ୍କୁ ଏକ ସ୍ଥିତାବସ୍ଥା ପ୍ରତି ଶକ୍ତିଶାଳୀ ବିପଦ ରୂପେ ବିଚାର କରିଥାନ୍ତି । ଏଣୁ ସେମାନେ ନିଜ ସ୍ୱାର୍ଥ ରକ୍ଷା ପାଇଁ ଏପରି ବିପଦଗୁଡିକୁ ଦୂର କରିବାକୁ ଆଇନ୍‌ର ବ୍ୟବହାର କରିଥାନ୍ତି । ଫଳରେ ଦରିଦ୍ରମାନେ ଆଇନ୍‌କୁ ସେମାନଙ୍କର ଶତ୍ରୁ ଭାବେ ବିଚାର କରନ୍ତି, ମିତ୍ର ଭାବରେ ନୁହେଁ । ସେମାନେ ଦେଖନ୍ତି ଯେ ସମଗ୍ର ସାମାଜିକ- ଅର୍ଥନୈତିକ ବ୍ୟବସ୍ଥା ବହୁ ପରିମାଣରେ ତାଙ୍କ ବିରୁଦ୍ଧରେ ରହିଛି ଓ ଯାଉଛି । ଏପରି ଅନ୍ୟାୟପୂର୍ଣ୍ଣ ଓ ଅତ୍ୟାଚାରୀ ବ୍ୟବସ୍ଥାକୁ ମୁକାବିଲା କରିବାରେ ଅକ୍ଷମ ହୋଇ ତଥା ନିଜର ହତାଶା ଓ ହତୋତ୍ସାହକୁ ପରିପ୍ରକାଶ କରିବାରେ ବିଫଳ ହୋଇ, ସେମାନେ ନୀରବରେ ଓ ଅସହାୟ ପରିସ୍ଥିତିରେ ପଡ଼ି ବହୁ କଷ୍ଟ ପାଆନ୍ତି ।

ଏହା ସତ୍ୟ ଯେ, ଆଇନ୍ ଏକ ଢାଞ୍ଚା ଓ କୌଶଳ । ଆମର ସମସ୍ତ ସାମାଜିକ, ଅର୍ଥନୈତିକ ସମସ୍ୟା ଓ ବିଡମ୍ବନାର ଏହା ମହୋଷଧି ନୁହେଁ । ଯଦିଓ ଏହି ଢାଞ୍ଚା ମହତ୍ ଉଦ୍ଦେଶ୍ୟ ନେଇ ଗଠିତ ହୋଇଛି, କିନ୍ତୁ ବାସ୍ତବ କାର୍ଯ୍ୟକାରିତାରେ ସମସ୍ତ ସଂଯୁକ୍ତ ସ୍ୱାର୍ଥଗୁଡିକର ବିଚାର ବିମର୍ଶ ପ୍ରକ୍ରିୟାରେ ଏଥିରେ ଘଟଣାକ୍ରମେ ବ୍ୟାପକ ପରିବର୍ତ୍ତନ ଘଟିଥାଏ । ଏପରି ବିଚାର ବିମର୍ଶ ଶ୍ରମଆଇନ୍ କ୍ଷେତ୍ରରେ ବାଧ୍ୟତାମୂଳକ । କାରଣ ତ୍ରିପାକ୍ଷିକ ବ୍ୟବସ୍ଥାର ସଂସ୍କୃତିପ୍ରତି ଜାତୀୟ ସରକାର ଅଙ୍ଗୀକାରବଦ୍ଧ । ଏହା ମଧ୍ୟ ଆନ୍ତର୍ଜାତିକ ଶ୍ରମ ସଂଗଠନର

ମୂଳଭିତ୍ତି । କିନ୍ତୁ ଏପରି ପରିବର୍ତ୍ତନ ବେଳେବେଳେ ଏତେ ମୌଳିକ ହୋଇଥାଏ ଯେ ମୂଳ ଉଦ୍ଦେଶ୍ୟ ଠାରୁ ଏହା ସମ୍ପୂର୍ଣ୍ଣ ଭିନ୍ନ ହୋଇଯାଏ । ଦରିଦ୍ର ଓ ନିଷ୍ପେଷିତମାନଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ପାଇଁ ପ୍ରଣୀତ ଏହି ଆଇନ୍‌ଗୁଡିକର ସଠିକ୍ କାର୍ଯ୍ୟକାରିତାରେ ବହୁ ସମସ୍ୟା ରହିଛି । ଆଇନ୍ କାର୍ଯ୍ୟକାରୀ କରିବା ବ୍ୟବସ୍ଥା ବା ସଂସ୍ଥା ଅସମ୍ପୂର୍ଣ୍ଣ ଅଟେ । ଏହା ଗତିଶୀଳ ନୁହେଁ, ଏଣୁ ତୃଣମୂଳ ସ୍ତରରେ ବାସ୍ତବତା ସହିତ ଏହାର କୌଣସି ସଂପୃକ୍ତି ନଥାଏ । ପଥରକଟା, ଇଟା ଭାଟି ନିର୍ମାଣ, ଲବଣ ତିଆରି, ଚମଡ଼ା ତିଆରି, ବିଡ଼ି ତିଆରି, କପଡ଼ା ତିଆରି, ଭାରୀ ବସ୍ତୁ ଉଠାଇବା, ଠେଲା ଗାଡ଼ି ଚଳାଇବା, ବାଉଁଶ କଟା, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଆଦି କ୍ଷେତ୍ର ବହୁ ବ୍ୟାପକ, ବିଭାଜିତ ଓ ବିଚ୍ଛୁରିତ ଅଟେ । ବହୁ ପ୍ରତିକୂଳ ଅବସ୍ଥାରେ କାମ କରୁଥିବା ଏହି କ୍ଷେତ୍ରର ଶ୍ରମିକମାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରକ୍ଷା କରିବା ଆଇନ୍ କାର୍ଯ୍ୟକାରୀ ସଂସ୍ଥା ପକ୍ଷରେ କାଠିକର ପାଠ ଅଟେ । ସମାଜର ଏହି ବର୍ଗମାନଙ୍କ ପାଖରେ ସରଳ ଭାଷାରେ ଆଇନ୍‌ର ବାର୍ତ୍ତା ପହଞ୍ଚାଇବା ସମ୍ଭବ ନୁହେଁ । ତଳସ୍ତରର ଅମଲାତନ୍ତ୍ରର ଆଭିମୁଖ୍ୟ ତୃଣମୂଳ ସ୍ତରରେ ଆଇନ ଓ ଆଇନାନୁମୋଦିତ ବ୍ୟବସ୍ଥାକୁ ଚାଲୁ କରିବା ସପକ୍ଷରେ ନଥାଏ । କିନ୍ତୁ ଏହା ଦ୍ୱାରା ଅସଂଖ୍ୟ ନୀରବ ଓ ଜଡ ମଣିଷମାନଙ୍କ ମୁହଁରେ ଟିକିଏ ଆଶାର କିରଣ ଆସିବା ସମ୍ଭବ ହୁଅନ୍ତା । ସେମାନେ ନିଜର ଅଭାବ, ଅସୁବିଧା ଓ ଜଞ୍ଜାଳମଧ୍ୟରେ ବୁଡି ରହିଛନ୍ତି ଓ ଏହି ବୋଝକୁ ଲାଘବ କରିବା ପାଇଁ ଖୋଜି ବାଟ ପାଉନାହାନ୍ତି ।

ପ୍ରାପ୍ୟ ହିସାବ, ବାକି ଆଦାୟ ଓ ବଣ୍ଟନ ତଥା ନପାଇଥିବା ପ୍ରାପ୍ୟ ବା ବିଳମ୍ବିତ ପ୍ରାପ୍ୟ ପାଇଁ ଆଇନ୍‌ରେ ବହୁ ସ୍ତର ଓ ଉପସ୍ତର ରହିଛି । ଏଭଳି ଏକ ସମୟସାପେକ୍ଷ ପ୍ରକ୍ରିୟାରେ ଆଇନ୍ ମାଧ୍ୟମରେ ନ୍ୟାୟ ପାଇବା ପାଇଁ ନିରକ୍ଷର, ଜ୍ଞାନହୀନ ଓ ସମ୍ବଳହୀନ ଦରିଦ୍ର ଓ ବଂଚିତମାନଙ୍କ ପାଖରେ ସମୟ, ସାମର୍ଥ୍ୟ ଓ ଧୈର୍ଯ୍ୟ ନରହିବା ସ୍ୱାଭାବିକ । ଏହିପରି ଭାବରେ ସେମାନେ ସାମାଜିକ ନ୍ୟାୟ ଓ ସମାନତାରୁ ବଞ୍ଚିତ ହେଉଛନ୍ତି, ଯାହା ଆମ ସମ୍ବିଧାନର ଚରିତ୍ରଗତ ଶୈଳୀର ସ୍ୱର ଅଟେ । ଆଇନ୍ ବ୍ୟବସ୍ଥାର ଲକ୍ଷ୍ମଣ ରେଖା ତଥା ଆଇନ୍ ସଂପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବା ପ୍ରକ୍ରିୟାର ବ୍ୟର୍ଥତାକୁ ବିଚାରକୁ ନେଇ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ, ପ୍ରଫେସର ଉପେନ୍ଦ୍ର ବକ୍ସିଙ୍କ ଭାଷାରେ, "ସାମାଜିକ ହସ୍ତକ୍ଷେପ ବିବାଦ" (Social Action Litigations) ବ୍ୟବସ୍ଥା ପାଲଟି ଯାଇଛି । ଭବିଷ୍ୟତର ଭିତ୍ତି ପ୍ରତିଷ୍ଠା କରୁଥିବା ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ତାଙ୍କ ରାୟ ମାଧ୍ୟମରେ ଏହାର ନ୍ୟାୟିକ ଓ ପ୍ରଣାଳୀଗତ ନିୟମର ସଂସ୍କାର ଆଣିଛନ୍ତି, ଯାହାଦ୍ୱାରା ସାମାଜିକ କାର୍ଯ୍ୟ ପ୍ରକ୍ରିୟା ଓ ପ୍ରଣାଳୀରେ ସକ୍ରିୟ ଗୋଷ୍ଠୀମାନେ ଦରିଦ୍ର ଓ କ୍ଷତିଗ୍ରସ୍ତଙ୍କ ତରଫରୁ ଏପରି ବିବାଦ ନ୍ୟାୟାଳୟକୁ ସହଜରେ ଆଣି ପାରିବେ । ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ମତରେ

କେହି କେହି ବ୍ୟକ୍ତି ସାମ୍ବିଧାନିକ ଓ ଆଇନଗତ ଅଧିକାରରୁ ବଞ୍ଚିତ ହେଉଛନ୍ତି ଓ ନିଜର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ, ସେମାନଙ୍କ ଦାରିଦ୍ର୍ୟ ଓ ଅକ୍ଷମତା ଯୋଗୁଁ ସେମାନେ ନ୍ୟାୟାଳୟରେ ପହଞ୍ଚି ପାରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଯେକୌଣସି ସାଧାରଣ ଲୋକ ବା ସାମାଜିକ ସକ୍ରିୟ ଗୋଷ୍ଠୀ ସେହି ବ୍ୟକ୍ତିମାନଙ୍କ ତରଫରୁ ନ୍ୟାୟାଳୟକୁ ନ୍ୟାୟ ପାଇଁ ଆବେଦନ କରିପାରିବେ। ଏଥିପାଇଁ ଓକିଲଙ୍କ ମାଧ୍ୟମରେ ନିୟମିତ ରିଟ୍ ପିଟ୍‌ସନ୍ ଦାଖଲ କରିବାର ଆବଶ୍ୟକତା ନାହିଁ। ଏପରିକି ନ୍ୟାୟାଳୟର ମାନ୍ୟବର ନ୍ୟାୟମୂର୍ତ୍ତିଙ୍କ ପାଖକୁ ଚିଠିଟିଏ ଲେଖି ଏହା କରାଯାଇ ପାରିବ। ଯେହେତୁ ଏପରି ଏକ ବଡ ଦେଶରେ ଯେକୌଣସି ସ୍ଥାନରୁ ଜଣେ ସାଧାରଣ ଲୋକ ବା ଗୋଷ୍ଠୀ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟ ପାଖରେ ପହଞ୍ଚିବା କଷ୍ଟସାଧ୍ୟ ଏବଂ ଓକିଲକୁ ପଇସା ଦେଇ ପିଟିସନ୍ ଦାୟର କରିବା ଦୁଃସାଧ୍ୟ, ଏଣୁ ଏପରି ଏକ ସର୍ଜନଶୀଳ ସଂସ୍କାରକୁ କୋର୍ଟ ସ୍ୱୀକୃତି ଦେଇଥିଲା। ଏହାଦ୍ୱାରା କୋର୍ଟର ଦ୍ୱାର ଉନ୍ମୁକ୍ତ ହୋଇଯାଇଥିଲା ଓ ଦରିଦ୍ରଙ୍କ ଅଧିକାର ସାବ୍ୟସ୍ତ ପାଇଁ ବହୁ ସଂଖ୍ୟକ କେସ୍ କୋର୍ଟକୁ ଆସିବାକୁ ଲାଗିଲା।

ପିପୁଲସ୍ ୟୁନିୟନ ଫର୍ ସିଭିଲ୍ ଲିବର୍ଟିଜ୍ (ପି.ୟୁ.ସି.ଏଲ୍.) ନାମକ ସଂସ୍ଥା ଦ୍ୱାରା ୧୯୮୧ ମସିହାରେ ଆଗତ ସଂଖ୍ୟା ୮୧୪୩ ରିଟ୍ ପିଟିସନ୍ ଉପରେ ସୁପ୍ରିମ୍ କୋର୍ଟଙ୍କ ମତ ଅନୁଯାୟୀ, ଜନସ୍ୱାର୍ଥ ମାମଲା ସେହିମାନଙ୍କ ପାଇଁ ସତେଜ ପବନର ନିଶ୍ୱାସ ପରି ଏକ ଆଲୋକ ବର୍ତ୍ତିକା ଭାବରେ ଦେଖାଦେଲା, ଯେଉଁମାନେ ସମାଜର ନିମ୍ନ ସ୍ତରକୁ ବିକାଶର ଫଳ ନିଶ୍ଚିତ ରୂପେ ଯାଉ ବୋଲି ନିରବଚ୍ଛିନ୍ନ ଭାବେ ଉଦ୍ୟମ କରି ଆସୁଥିଲେ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ,ପିଟସନ୍ ଦାୟର୍ କରୁଥିବା ଆବେଦନକାରୀ, ରାଷ୍ଟ୍ର ବା ସରକାରୀ ସଂସ୍ଥା ଯାହାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି ତଥା ନ୍ୟାୟାଳୟ ମଧ୍ୟରେ ଏକ ସହଯୋଗୀ ଉଦ୍ୟମ ହେଉଛି ଜନସ୍ୱାର୍ଥ ମାମଲା। କିନ୍ତୁ ଏହି ସମାଜିକ ପ୍ରକ୍ରିୟାର ଏକମାତ୍ର ଦୁର୍ବଳତା ହେଉଛି, ଯେଉଁ ସଂସ୍ଥା ବା ବ୍ୟକ୍ତି ଦାୟିତ୍ୱହୀନତା, ସମ୍ବେଦନ ହୀନତା ବା ଅର୍ଥ ଲୋଭପାଇଁ ନ୍ୟାୟ ଦେବାରେ ବିଫଳ ହୋଇଛି, କୋର୍ଟର ରାୟ ପୁଣି ସେହି ସଂସ୍ଥା ବା ବ୍ୟକ୍ତି ପାଖରେ ପହଞ୍ଚୁଛି। ସାମାଜିକ ନ୍ୟାୟ ପାଇଁ ଅଣସଂଗଠିତ ଗୋଷ୍ଠୀକୁ ସଂଗଠିତ କରିବା ଉପରେ ଜାନୁୟାରୀ ୫ରୁ ୮ ତାରିଖ ବିଶ୍ୱଯୁବ କେନ୍ଦ୍ର, ନୂଆ ଦିଲ୍ଲୀରେ ଏକ ଜାତୀୟ ଆଲୋଚନା ଚକ୍ରକୁ ଉଦ୍‌ବୋଧନ ଦେଲାବେଳେ ମାନ୍ୟବର ନ୍ୟାୟ ମୂର୍ତ୍ତି ଶ୍ରୀ ପି.ଏନ୍. ଭଗବତୀଙ୍କ ଉକ୍ତି ଏଠାରେ ପ୍ରଣିଧାନ ଯୋଗ୍ୟ। ତାଙ୍କ ମତରେ ଆଇନ୍ କାର୍ଯ୍ୟକାରୀ ସଂସ୍ଥା ବେଳେ ବେଳେ ଅସାଧୁ ଓ ଦାୟିତ୍ୱହୀନ ଭାବରେ ନିଷ୍କ୍ରିୟତା ଓ ସମ୍ବେଦନଶୀଳତାହୀନ ଭାବରେ କାର୍ଯ୍ୟ କରିଥାଏ। ତେଣୁ ଯେଉଁ କାରଣରୁ ଜନସ୍ୱାର୍ଥ ମାମଲା ଅଣାଯାଇଥିଲା ଓ ଯେଉଁ ଭାବରେ ମାନ୍ୟବର ନ୍ୟାୟାଳୟଠାରୁ ଏକ ସକାରାତ୍ମକ ରାୟ ମିଳିଲା ତାହା ଏକ

ଦାୟିତ୍ୱହୀନ ଓ ସମ୍ବେଦନଶୀଳତାହୀନ ସଂସ୍ଥା ବା ବ୍ୟକ୍ତି ଦ୍ୱାରା କାର୍ଯ୍ୟକାରୀ ହେବ ଏକଥା ଭାବିବା ବା ଆଶା କରିବା ବୃଥା । ବଞ୍ଚିତ ଓ ଅବହେଳିତ ଲୋକମାନଙ୍କ ସାମୂହିକ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଜନସ୍ୱାର୍ଥମାମଲାଗୁଡ଼ିକ ତଥା ଏ ସଂପର୍କିତ ସ୍ପଷ୍ଟ, ନିର୍ବିବାଦୀୟ କୋର୍ଟ ନିର୍ଦ୍ଦେଶନାମା ଗୁଡ଼ିକ ଏହି କାରଣରୁ ସେମାନଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରୁନାହାନ୍ତି ।

ଆଇନ ପ୍ରକ୍ରିୟାରେ ଥିବା ଦୁର୍ବଳ, ଦରିଦ୍ର ଓ ବଞ୍ଚିତ ମାନଙ୍କ ପାଇଁ ଉଦ୍ଦିଷ୍ଟ ଅସଂଖ୍ୟ ଯୋଜନା ସଂପର୍କରେ ଆଲୋଚନା କରିବା ଏଠାରେ ଯଥାର୍ଥ ହେବ । ଏହି ଯୋଜନା ଗୁଡ଼ିକ କାର୍ଯ୍ୟକାରୀ ହେବାରେ ଅସଂପୂର୍ଣ୍ଣତା ଓ ତ୍ରୁଟି ରହିଛି । ଏଥିପାଇଁ ଏହାର କାର୍ଯ୍ୟକାରୀ ପ୍ରକ୍ରିୟାର ପ୍ରଭାବ ନଗଣ୍ୟ ହେଉଛି ବା ମୂଳଲକ୍ଷ୍ୟର ବିପରୀତ ହେଉଛି । ବିକାଶପ୍ରତି ଆମର ଦୃଷ୍ଟିଭଙ୍ଗୀ ଚାହିଦା ମୁତାବକ ହେବା ଉଚିତ । ବିକାଶର ପ୍ରକ୍ରିୟା ସ୍ୱୟଂ ଗତିଶୀଳ ତଥା ସ୍ୱୟଂଚାଳିତ ହେବା ବିଧେୟ । ଏହା ମଧ୍ୟ ଦରିଦ୍ର ଶିଶୁ ଓ ମହିଳାମାନଙ୍କ ସପକ୍ଷରେ ହେବା ଉଚିତ । ଏହାର ଅର୍ଥ ବିକାଶ ପ୍ରକ୍ରିୟାରେ ଯେଉଁମାନେ ଉପଭୋକ୍ତା ବା ହିତାଧିକାରୀ ସେମାନେ ନିଜର ମୌଳିକ ଆବଶ୍ୟକତା ଯଥା ସ୍ୱାକ୍ଷରତା, ମୌଳିକ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ, ଖାଦ୍ୟ ଓ ପୋଷଣ, ଆଲୋକ ଇତ୍ୟାଦିକୁ ସ୍ୱାଭାବିକ ଓ ସ୍ୱେଚ୍ଛାକୃତ ଭାବେ ପରିପ୍ରକାଶ କରିବାକୁ ସକ୍ଷମ ହେବା ଉଚିତ । ଏହାକୁ ସେମାନଙ୍କ ଉପରେ ଲଦି ଦିଆଯିବା ଉଚିତ ନୁହେଁ । କିନ୍ତୁ, ନିର୍ଦ୍ଦିଷ୍ଟ ସଂପ୍ରଦାୟର ନିମ୍ନ ସାମାଜିକ ମୂଳ ବା ଭିତ୍ତି ଓ ବିଭିନ୍ନ ଅସୁବିଧା, ଅସୁସ୍ଥତା ଯୋଗୁଁ ଲୋକମାନେ ସେମାନଙ୍କ ଆବଶ୍ୟକତାକୁ ସ୍ୱାଭାବିକ ଢଙ୍ଗରେ ଉପସ୍ଥାପିତ କରିପାରନ୍ତି ନାହିଁ । ଏହା ହିଁ ବିଡ଼ମ୍ବନା ବା ଦୁଃଖପୂର୍ଣ୍ଣ ବାସ୍ତବତା । ଯୋଜନାକାରୀ, ନୀତି ନିର୍ଦ୍ଧାରକ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଏହି ବାସ୍ତବତାକୁ ଭୁଲିଯିବା ଉଚିତ ନୁହେଁ, ବରଂ ଏପରି ଏକ ପରିବେଶ ସୃଷ୍ଟି କରିବା ଉଚିତ ଯାହାଦ୍ୱାରା ହିତାଧିକାରୀମାନେ ନିର୍ଦ୍ଦିଷ୍ଟ ସୁବିଧା ପାଇଁ ଦାବୀ ଉପସ୍ଥାପନ କରିପାରିବେ । ଏପରି ଏକ ପରିବେଶ ସୃଷ୍ଟି ହେଲେ ଓ ସ୍ୱାଭାବିକ ରୂପେ ଦାବୀମାନ ଉପସ୍ଥାପିତ ହେଲେ ଦାବୀ ପୂରଣ ପାଇଁ ଯୋଗାଣ ବ୍ୟବସ୍ଥାକୁ କମ୍ ମୂଲ୍ୟରେ, ଠିକ୍ ସମୟରେ ଓ ସହଜଲବ୍ଧ ଭାବରେ ପ୍ରସ୍ତୁତ କରିବା ଯଥାର୍ଥ ହେବ । କିନ୍ତୁ ଦୁର୍ଭାଗ୍ୟବଶତଃ ଦୀର୍ଘ ଦିନଧରି ଏହା ସମ୍ଭବ ହୋଇ ପାରିନାହିଁ । ଯୋଜନାକାରୀ ଓ ନୀତି ନିର୍ଦ୍ଧାରକମାନେ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱଦେଇ ଦାବୀ ବା ଆବଶ୍ୟକତା ଦିଗଟିକୁ କମ ଗୁରୁତ୍ୱ ଦେଇଛନ୍ତି । ଯୋଗାଣ ବ୍ୟବସ୍ଥା ମୁଖ୍ୟତଃ ସରକାରୀ-ନିୟନ୍ତ୍ରିତ ଓ ସରକାରୀ ଅର୍ଥରେ ପରିଚାଳିତ, ଅତ୍ୟଧିକ କେନ୍ଦ୍ରୀଭୂତ ଓ ଅମଲା ତାନ୍ତ୍ରିକ ଅଟେ । ଏହା ତୃଟିପୂର୍ଣ୍ଣ, ବହୁ- ପରିମାଣରେ ଅକାମୀ ଏବଂ ସଂଖ୍ୟାଧିକ ଦରିଦ୍ର, ବଂଚିତ ଓ ନିଷ୍ପେସିତମାନଙ୍କ ବିଶ୍ୱାସକୁ ବଜାୟ ରଖିବାରେ ବିଫଳ ।

ବିନା ବ୍ୟତିକ୍ରମରେ ବିକାଶ ପ୍ରକ୍ରିୟାର ମୌଳିକ ଲକ୍ଷ୍ୟ ନିମ୍ନଭାବରେ ସୂଚିତ ହୋଇପାରେ। (୧) ଦାରିଦ୍ର୍ୟ ଓ ବେକାରୀ ହ୍ରାସ, (୨) ଅର୍ଥନୀତିର ସମସ୍ତ କ୍ଷେତ୍ରରେ ଅଭିବୃଦ୍ଧି ହାର ବୃଦ୍ଧି (୩) ଅଭାବୀ ସମ୍ବଳର ସମୟୋପଯୋଗୀ ବ୍ୟବହାର ଯାହାଦ୍ୱାରା ଉତ୍ପାଦିକା ଶକ୍ତି ବୃଦ୍ଧି (୪) ଅର୍ଥନୈତିକ ଓ କାରିଗରୀ ସ୍ୱାବଲମ୍ବନ ପାଇଁ ଆଧୁନିକୀକରଣ ପ୍ରକ୍ରିୟାକୁ ଶକ୍ତିଶାଳୀ କରିବା (୫) ସାଧାରଣଭାବରେ ଜନସାଧାରଣ, ବିଶେଷଭାବରେ ସାମାଜିକ ଓ ଅର୍ଥନୈତିକ ଭାବେ ବଂଚିତ ତଥା ଭିନ୍ନକ୍ଷମଙ୍କ ଜୀବନର ମାନବୃଦ୍ଧି (୬) ଆୟ ଓ ସମ୍ବଳର ଅସମାନତା ହ୍ରାସ ପାଇଁ ଦରିଦ୍ର, ବଂଚିତ, ଅବହେଳିତ ଓ ଭିନ୍ନକ୍ଷମଙ୍କ ସପକ୍ଷରେ ସରକାରୀ ନୀତି ଓ ସେବାର ପୁନଃ-ବଣ୍ଟନକୁ ଶକ୍ତିଶାଳୀ କରିବା, (୭) ଉପଯୁକ୍ତ ଶିକ୍ଷା, କୌଶଳଜନିତ ଦକ୍ଷତା ବୃଦ୍ଧି ଓ ମନୋଭାବ ପରିବର୍ତ୍ତନ ମାଧ୍ୟମରେ ବିକାଶ ପ୍ରକ୍ରିୟାରେ ସବୁ ବର୍ଗର ଓ ଶ୍ରେଣୀର ଲୋକମାନଙ୍କର ସକ୍ରିୟ ସଂପୃକ୍ତିକୁ ପ୍ରୋତ୍ସାହିତ କରିବା।

ଏଭଳି ଏକ ମୌଳିକ ଦୃଷ୍ଟିଭଙ୍ଗୀ ସର୍ବଥା ଗ୍ରହଣୀୟ। କିନ୍ତୁ ମୁଖ୍ୟତଃ କାର୍ଯ୍ୟକାରିତାରେ ତ୍ରୁଟି ଯୋଗୁ ଏହି ଲକ୍ଷ୍ୟ ପୂରଣ ହୋଇପାରିନାହିଁ। ସ୍ୱାଧୀନୋତ୍ତର ଭାରତର ପାଞ୍ଚ ଦଶନ୍ଧିରେ ଏହା ଦେଖିବାକୁ ମିଳିଛି। ପ୍ରଥମେ ଗୋଷ୍ଠୀ ଉନ୍ନୟନ ବିଚାରକୁ ଉଦାହରଣଭାବେ ନିଆଯାଉ। ସମୁଦାୟ ଗୋଷ୍ଠୀର ବିକାଶକୁ ମୌଳିକ ଲକ୍ଷ୍ୟ ଭାବରେ ଗ୍ରହଣ କରି ଦେଶର କେତେକ ମନୋନୀତ ଜିଲ୍ଲାରେ ଗୋଷ୍ଠୀ ଉନ୍ନୟନ ଯୋଜନା ଆରମ୍ଭ କରାଯାଇଥିଲା। ବିକାଶ ପରିଚାଳନାର ଏକକ ଭାବେ ଗୋଟିଏ ବ୍ଲକକୁ ଗ୍ରହଣ କରି ଏ ଦିଗରେ ଆନ୍ତରିକ ଉଦ୍ୟମ କରାଗଲା ଏବଂ ସାମଗ୍ରିକ ଭାବେ ବିକାଶ ପ୍ରସଙ୍ଗକୁ ନେଲା ବେଳେ କୃଷି ଓ ମୌଳିକ ଭିତ୍ତିଭୂମିକୁ ଅଗ୍ରାଧିକାର ଦିଆଗଲା। ଏହା ସହିତ ରାସ୍ତା, ବିଦ୍ୟାଳୟ ଗୃହ, ଜଳସେଚନ ପାଇଁ ଜଳାଶୟ, କୂପ ଆଦି ମୌଳିକ ସୁବିଧାର ଉନ୍ନତି କଥା ମଧ୍ୟ କୁହାଗଲା। ପ୍ରଥମରୁ ଦେଖିଲେ ଏଭଳି ଦୃଷ୍ଟିଭଙ୍ଗୀ ଯୁକ୍ତିଯୁକ୍ତ ହେବାରେ ପ୍ରଥମଥର ପାଇଁ ଏକ ସମାନ ଶାସନଗତ ଢ଼ାଞ୍ଚା ସୃଷ୍ଟି ହେଲା ଯଥା ବ୍ଲକ୍ ଯେଉଁଠାରେ ବିଡ଼ିଓ ଏହାର ମୁଖ୍ୟ ଏବଂ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ସହାୟତା ଦେବା ପାଇଁ କୃଷି, ପଶୁପାଳନ, ସମବାୟ, ପଞ୍ଚାୟତ, ମତ୍ସ୍ୟଚାଷ, ଆଦି ପାଇଁ ସଂପ୍ରସାରଣ ଅଧିକାରୀ ନିଯୁକ୍ତ ହେଲେ। ଗୋଷ୍ଠୀ ଉନ୍ନୟନକୁ ପ୍ରଣାଳୀବଦ୍ଧ ଭାବରେ ଗ୍ରହଣ କରି ଗ୍ରାମର ସାମାଜିକ ଅର୍ଥନୈତିକ ଜୀବନର ପରିବର୍ତ୍ତନ ଓ ବିକାଶ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଗଲା। ଗ୍ରାମାଞ୍ଚଳ ଜନସାଧାରଣଙ୍କ ପାରମ୍ପରିକ ଜୀବନ ଶୈଳୀକୁ ଆଧୁନିକ, ପ୍ରଗତିଶୀଳ ଜୀବନ ଶୈଳୀରେ ପରିବର୍ତ୍ତନ କରିବା ପାଇଁ ଏହା ଏକ ସଶକ୍ତ ମାଧ୍ୟମ ଥିଲା। ନିଜସ୍ୱ ଦକ୍ଷତା ଓ ସମ୍ବଳ ଦ୍ୱାରା ନିଜକୁ ଉନ୍ନତ କରିବାପାଇଁ ଲୋକମାନଙ୍କୁ ସାହାଯ୍ୟ କରିବାଲାଗି ମଧ୍ୟ ଏହା ଏକ ଉପଯୋଗୀ ଉଦ୍ୟମ ଥିଲା।

ଏହି କାର୍ଯ୍ୟକ୍ରମର ମୌଳିକ ଧାରଣା ଥିଲା ଯେ, ଗୋଷ୍ଠୀ ଭିତ୍ତିରେ ଏକ ଅଞ୍ଚଳର ଅର୍ଥନୀତିକ ଓ ଭିତ୍ତିଭୂମିର ବିକାଶ ହେଲେ ବିକାଶର ଫଳ ସ୍ୱାଭାବିକ ଭାବେ ସବୁ ଦରିଦ୍ର ଲୋକମାନଙ୍କ ପାଖରେ ସ୍ୱତଃସ୍ଫୁର୍ତ୍ତ ଭାବରେ ପହଞ୍ଚିଯିବ।

କିନ୍ତୁ ଦୁର୍ଭାଗ୍ୟ ଏହିଯେ, ଆମେ ବସବାସ କରୁଥିବା ସମାଜ ସମଜାତୀୟ ନହୋଇ ବହୁଳ ଭାବରେ ବିଭିନ୍ନ ଜାତୀୟ ଅଧିବାସୀମାନଙ୍କ ଦ୍ୱାରା ଅଧିକୃତ ହୋଇଥିବାବେଳେ ସେକଥାକୁ ବିଚାରକୁ ନିଆ ଯାଇନଥିଲା। ଅନ୍ୟ ଭାଷାରେ କହିଲେ, ଗୋଟିଏ ଅଞ୍ଚଳର ଲୋକଙ୍କର ଭିନ୍ନ ଭିନ୍ନ ଆବଶ୍ୟକତା ଅଛି। ଯୋଜନା ପ୍ରକ୍ରିୟାରୁ ମିଳୁଥିବା ଉପକାରକୁ ଗ୍ରହଣ କରିବାର ଦକ୍ଷତା ମଧ୍ୟ ଭିନ୍ନ ଏବଂ ବିକାଶର ଉଦ୍ୟମରେ ସଂପୃକ୍ତି ଓ ଏଥିପ୍ରତି ପ୍ରତିକ୍ରିୟା ଓ ଆଗ୍ରହ ମଧ୍ୟ ସମାନ ନୁହେଁ। କାରଣ, ବିକାଶ ମୁଖ୍ୟତଃ ଏକ ଐତିହାସିକ ପ୍ରକ୍ରିୟା ହୋଇ ରହି ଆସିଛି, ବିଜ୍ଞାନ ସମ୍ମତ, ଯୋଜନାବଦ୍ଧ, ସଂଯୋଜିତ କାର୍ଯ୍ୟକ୍ରମ ଭାବରେ ନୁହେଁ। ଦ୍ୱିତୀୟରେ, ବିକାଶର ଲକ୍ଷ୍ୟ ଭାବରେ ଲୋକଙ୍କୁ ସହଜସାଧ୍ୟ ହିତାଧିକାରୀ ରୂପେ ଗ୍ରହଣକରି ନିଆଯାଇଥିଲା। ପ୍ରୌଢ଼ଶିକ୍ଷା କେନ୍ଦ୍ରଟିଏ ଖୋଲି ଦିଆଗଲେ ଶିକ୍ଷା ଲାଭ ପାଇଁ ଲୋକମାନେ ଧାଡ଼ି ଦେବେ ବୋଲି ଧରି ନିଆଯାଇଥିଲା। ସେହିପରି ସମବାୟ ସଂସ୍ଥା ଖୋଲି ଦେଲେ ଲୋକେ ଆପେ ଆପେ ଏହାର ସଭ୍ୟ ହେବେ ଓ ବିକାଶମୂଳକ ଋଣ ସହାୟତା ନେବେ ବୋଲି ମଧ୍ୟ ଧରି ନିଆଯାଇଥିଲା। କାରଣ ଏଗୁଡ଼ିକ ସୁରକ୍ଷା ପ୍ରଦାନକାରୀ ଓ ଶୋଷଣ-ବିରୋଧୀ ଅଟେ। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପଶୁଚିକିତ୍ସା କେନ୍ଦ୍ର ଖୋଲିଦେଲେ ଲୋକମାନେ ସ୍ୱାଭାବିକ ଭାବରେ ଏଠାକୁ ଆସି ଏହାର ଉପକାର ପାଇବେ। ପ୍ରତିଷେଧକ ଟୀକାଦାନ କେନ୍ଦ୍ର ଖୋଲିଦେଲେ ଗର୍ଭବତୀ ମହିଳା ଓ ଶିଶୁମାନେ ଆପେ ଆପେ ପ୍ରତିରୋଧକ ବ୍ୟବସ୍ଥା ପାଇଯିବେ। ଏପରି ଭାବନା ସ୍ୱାଭାବିକ ମାତ୍ର ବାସ୍ତବ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହୋଇପାରେ ନାହିଁ। ଏହା ମନେରଖିବା ଗୁରୁତ୍ୱପୂର୍ଣ୍ଣ ଯେ, ଏକ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକ୍ଷମ, ଅର୍ଥପୂର୍ଣ୍ଣ ଓ ପ୍ରାସଂଗିକ ହେବ ଯଦି ଏହା ପଛରେ ପର୍ଯ୍ୟାପ୍ତ ମାତ୍ରାରେ ଯୋଜନା ଓ ପ୍ରସ୍ତୁତି ଥିବା କାରଣ ହିତାଧିକାରୀମାନଙ୍କୁ ଶିକ୍ଷା ଓ ସଚେତନତା ମାଧ୍ୟମରେ ଅଂଶଗ୍ରହଣକାରୀ ରୂପେ ପ୍ରସ୍ତୁତ କରାଯାଇଥିବ ଯାହା ଦ୍ୱାରା ପରିବର୍ତ୍ତନ କରାଯାଇପାରିବ। ଯଦି ଲୋକମାନେ ଏକ ନିର୍ଦ୍ଦିଷ୍ଟ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ବା ଏପରିକି ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜ ହୃଦ୍‌ବୋଧ ଓ ବିଶ୍ୱାସ ହେତୁ ଅଂଶଗ୍ରହଣ କରିବାକୁ ଆପେ ଆପେ ଆସିବେ। ବାଧ୍ୟବାଧକତା ବା ଜୋର ଜବରଦସ୍ତି ଲୋକଙ୍କ ଉପରେ କୌଣସି କାର୍ଯ୍ୟକ୍ରମ ବା ଯୋଜନାକୁ ଲଦି ଦେବା ଉଚିତ୍ ନୁହେଁ। କିନ୍ତୁ ବିକାଶ ପ୍ରକ୍ରିୟାରେ ଲୋକଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରାଇବା ପାଇଁ ସେଭଳି ପ୍ରସ୍ତୁତି ହୋଇ ନଥିଲା ଏବଂ ଯେଉଁଠି ବି ଥିଲା ତାହା ଅଧାପନ୍ତରିଆ

କାରଣ ଏକ ନିର୍ଦ୍ଦିଷ୍ଟ ଭିତ୍ତିଭୂମି ବା ଉତ୍ପାଦନ ପାଇଁ ଲୋକଙ୍କ ଦାବୀ ବା ଚାହିଦା ପୂରଣ କରିବାକୁ ଏକ ପରିବେଶ ସୃଷ୍ଟି ପାଇଁ କୌଣସି ଫଳପ୍ରଦ ଉଦ୍ୟମ ହୋଇନଥିଲା ।

ତୃତୀୟରେ, ସମସ୍ତ ସାମାଜିକ ବ୍ୟାଧି ପାଇଁ ଅର୍ଥନୈତିକ ବିକାଶକୁ ସର୍ବୋଷଧି ରୂପେ ଗୁରୁତ୍ୱ ପ୍ରଦାନ କରାଗଲା ବେଳେ, ସାମାଜିକ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଚିହ୍ନଟ କରିବାକୁ କୌଣସି ସତ୍ୟନିଷ୍ଠ ଓ ବଳିଷ୍ଠ ଉଦ୍ୟମ ହୋଇନଥିଲା । ଏକ ଚିନ୍ତା, ବିଚାର ବା ଉତ୍ପାଦନର ଗୁରୁତ୍ୱକୁ ଅନୁଭବ କରିବାକୁ ଲୋକଙ୍କୁ ସଚେତନ ମଧ୍ୟ କରାଯାଇନଥିଲା । ପ୍ରକୃତ ବିକାଶର ଅର୍ଥ ହେଉଛି ସଂପୂର୍ଣ୍ଣତାକୁ ଗୁରୁତ୍ୱ ପ୍ରଦାନ କରିବା -ଏହି ସତ୍ୟ ଉପରେ କମ୍ ଗୁରୁତ୍ୱ ଦିଆଗଲା । ସାମାଜିକ ଓ ଅର୍ଥନୈତିକ ନୀତିର ସୁସ୍ଥ ଓ ସୁସଂଗତ ସମନ୍ୱୟ ଦ୍ୱାରା ହିଁ ଏପରି ସମ୍ପୂର୍ଣ୍ଣ ବିକାଶ ସମ୍ଭବ । ଏପରି ସମନ୍ୱୟକୁ ଆମେ ଦୀର୍ଘ ଦିନ ଧରି ବିକାଶ ପ୍ରକ୍ରିୟାରେ ଦେଖିନାହୁଁ ବରଂ ଏହାର ଅନୁପସ୍ଥିତି ସହ ଅଭ୍ୟସ୍ତ ହୋଇସାରିଛୁ । ଗୃହୀତ ଦୃଷ୍ଟିଭଙ୍ଗୀ ସାଧାରଣ ଭାବରେ ଭଗ୍ନ, ସଂପୂର୍ଣ୍ଣ ନୁହେଁ । ଉଦାହରଣ ସ୍ୱରୂପ ପ୍ରଥମ ଯୋଜନାରେ କୃଷି ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱାରୋପ କରାଗଲା । ଏହା ଗୋଷ୍ଠୀ ଉନ୍ନୟନ ଯୋଜନା କାର୍ଯ୍ୟକ୍ରମ ସହ ଥିଲା । କିନ୍ତୁ ଜମିର ଚାଷ ତଥା ମାଲିକାନାରେ କୌଣସି ଆବଶ୍ୟକୀୟ ପରିବର୍ତ୍ତନ କରାଗଲା ନାହିଁ । ଜମିକୁ ଅଧିକ ଅମଳକ୍ଷମ କରିବା ପାଇଁ ସେପରି ଉଦ୍ୟମ କରାଗଲା ନାହିଁ ଏବଂ ସର୍ବନିମ୍ନ ମଜୁରୀ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ଉଦ୍ୟମ ହେଲା ନାହିଁ ।

ପ୍ରାୟ ୨୦ ବର୍ଷ ଧରି (୧୯୫୫ରୁ ୧୯୭୧) ପର୍ଯ୍ୟନ୍ତ ଗୋଷ୍ଠୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଛି । ଫଳତଃ ବହୁଗୁଡିଏ ଯୋଜନା ରହିଛି ଯଥା- ଡିପିଏପି (୧୯୭୦ – ୧୯୭୧), କ୍ଷୁଦ୍ର, ନାମମାତ୍ର ଚାଷୀ ଓ କୃଷି ଶ୍ରମିକଙ୍କ ବିକାଶ ସଂସ୍ଥା (୧୯୭୧-୭୨), କାମ ପାଇଁ ଖାଦ୍ୟ ଯୋଜନା (୭୭-୭୮), ମରୁଭୂମି ବିକାଶ ଯୋଜନା (୭୭-୭୮), ଟ୍ରାଇସେମ୍ (୭୯-୮୦), ଗୋତି ମୁକ୍ତି ଶ୍ରମିକଙ୍କ ଥଇଥାନ ପାଇଁ କେନ୍ଦ୍ରୀୟ ଯୋଜନା (୭୮-୭୯), ଆଇଆରଡିପି (୮୦-୮୧), ଏନଆରଇପି (୮୦-୮୧), ଡୋକ୍ରା (୮୨-୮୩), ଆଇଏଲଇଜିପି (୮୩-୮୪), ଜୱାହାର ରୋଜଗାର ଯୋଜନା (୮୯-୯୦), ଇନ୍ଦିରା ଆବାସ ଯୋଜନା (୮୯-୯୦), ନେହେରୁ ରୋଜଗାର ଯୋଜନା (୮୯-୯୦), ସହରାଞ୍ଚଳ ମୌଳିକ ସେବା କାର୍ଯ୍ୟକ୍ରମ (୮୬-୮୭), କେନ୍ଦ୍ରୀୟ ଗ୍ରାମୀଣ ପରିମଳ କାର୍ଯ୍ୟକ୍ରମ (୯୩-୯୪), ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା (୯୩-୯୪), ଇଏଏସ୍ (୯୩-୯୪), ନିୟୁତ କୂପ ଯୋଜନା (୯୪-୯୫), ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (୯୫-୯୬), ଇନ୍ଦୀରା ମହିଳା ଯୋଜନା (୯୫-୯୬), ପ୍ରଧାନମନ୍ତ୍ରୀ ସମନ୍ୱିତ ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ (୯୫-୯୬), ଜାତୀୟ ଶିଶୁ ଶ୍ରମିକ

ଉଚ୍ଛେଦ ଯୋଜନା (୯୫- ୯୬)। ଏହି ଯୋଜନା ଗୁଡିକ ନିଃସନ୍ଦେହରେ ମହତ୍ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିଲା, ଯଥା- ସହରାଞ୍ଚଳ ଓ ଗ୍ରାମାଞ୍ଚଳର ବେକାରୀ ଓ ଅର୍ଦ୍ଧବେକାରୀ ଦୂର କରିବା, ଜମି, ଜଙ୍ଗଲର ଅବକ୍ଷୟ ରୋକିବା ସହ ଜଳ, ଜମି, ଜଙ୍ଗଲ ଓ ଅନ୍ୟାନ୍ୟ ପ୍ରାକୃତିକ ସଂବଳର ସୁରକ୍ଷା କରିବା ତଥା ସହର ଓ ଗ୍ରାମର ଦରିଦ୍ରଙ୍କ ଅବସ୍ଥାର ଉନ୍ନତି ଆଣିବା। କିନ୍ତୁ ଗୋଷ୍ଠୀ ଉନ୍ନୟନ ଯୋଜନାର ଯାହା ମୌଳିକ ତ୍ରୁଟି ଥିଲା ତାହା ଏସବୁ ଯୋଜନାରେ ମଧ୍ୟ ରହିଲା। ଅନ୍ୟ ଅର୍ଥରେ କହିଲେ, ଏହି ଯୋଜନା ସବୁ ତୃଣମୂଳ ସ୍ତରର ଲୋକଙ୍କ ଆବଶ୍ୟକତାକୁ ବିଚାରକୁ ନନେଇ ଉପର ସ୍ତରରେ ନିର୍ଦ୍ଧାରଣ କରାଗଲା। ସମଗ୍ର ଯୋଜନା ପ୍ରକ୍ରିୟା ଉପରୁ ହିଁ ନିର୍ଦ୍ଦେଶିତ ହେଲା ଓ ଯେଉଁ ଜନଗଣଙ୍କ ପାଇଁ ଏହା ଉଦ୍ଦିଷ୍ଟ ଥିଲା ସେମାନଙ୍କ ସଂପୃକ୍ତି ଓ ଅଂଶଗ୍ରହଣ ଏଥିରେ ରହିଲା ନାହିଁ। ଅଧିକନ୍ତୁ, ଏହି ଯୋଜନାର ସଫଳ ଓ ସମୟାନୁଯାୟୀ କାର୍ଯ୍ୟକାରିତା ପାଇଁ ଆବଶ୍ୟକ ମାନବ ସମ୍ବଳ, ଆବଶ୍ୟକୀୟ ଉପାଦାନ ଓ ଆର୍ଥିକ ସମ୍ବଳର ନିରବଚ୍ଛିନ୍ନ ଯୋଗାଣର ନିଶ୍ଚିତତା ମଧ୍ୟ ରହିଲା ନାହିଁ।

ଏପରି ଏକପାଖିଆ ଦୃଷ୍ଟିଭଙ୍ଗୀର ପରିଣାମ ଆଜିର ପରିଣାମଠାରୁ ଭିନ୍ନ ହୋଇ ପାରିନଥାନ୍ତା। ଉଦାହରଣ ସ୍ୱରୂପ, ଭୂମି ଆବଣ୍ଟନର ବିକୃତ ଚରିତ୍ର ବା ଅସମାନତା ଯୋଗୁଁ ନବେ ନିୟୁତରୁ ଉର୍ଦ୍ଧ୍ୱଲୋକ ଆଜି ଭୂମିହୀନ ହୋଇ ରହିଛନ୍ତି। ଭୂମିହୀନତା ଦୂରକରିବାକୁ (ଉଭୟ କୃଷି ଓ ଘରବାଡି ଜମି) ଆମ ପାଖରେ ପ୍ରଚୁର ପରିମାଣର ଉଦ୍‌ବୃତ୍ତ ଜମି ଅଛି କି ନାହିଁ ସେ ବିଷୟରେ ଆମେ ନିଶ୍ଚିତ ନୁହେଁ। ବଡ ଚାଷୀମାନେ ଶ୍ରମ ସଙ୍କୋଚନ କରୁଥିବା ଚାଷ ପ୍ରଣାଳୀ ଅଧିକରୁ ଅଧିକ ବ୍ୟବହାର କରୁଥିବା ଦୃଷ୍ଟିରୁ ସମସ୍ତ ଭୂମିହୀନ କୃଷିଶ୍ରମିକମାନଙ୍କର ଫଳପ୍ରଦ ଉପଯୋଗ କରାଯାଇ ପାରିବ କି ନାହିଁ, ତାହା ମଧ୍ୟ ଅନିଶ୍ଚିତ। ଜମିର ସମାନ ବଣ୍ଟନକୁ ନିଶ୍ଚିତ କରାଇବା ତ ଦୂରରକଥା, ଜାତୀୟ ସର୍ଭେ ସଂସ୍ଥା (ଏନ୍‌ଏସ୍‌ଏସ୍‌ଓ)ର ୫୦ତମ ସର୍ଭେ ଅନୁଯାୟୀ ପ୍ରତି ହଜାରରେ ସ୍ଥାୟୀ ନିଯୁକ୍ତିରେ ନିଯୁକ୍ତି ପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା ଗ୍ରାମାଞ୍ଚଳରେ ୧୯୭୭-୭୮ ରୁ ୧୯୯୩-୯୪ ମଧ୍ୟରେ ସ୍ଥିର ରହିଛି। ଏହି ସମୟରେ ସହରାଞ୍ଚଳ ସାମାନ୍ୟ ଅଗ୍ରଗତି କରିଛି। ନିଯୁକ୍ତି ସ୍ଥିତିର ଆବଣ୍ଟନ ଦୃଷ୍ଟିରୁ ବିଚାରକଲେ ଦେଖାଯାଏ ଯେ, ସମସ୍ତ ପୁରୁଷ ଓ ମହିଳାଙ୍କ ପାଇଁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନିୟମିତ ନିଯୁକ୍ତି ହ୍ରାସ ପାଇଛି। ଅପରପକ୍ଷରେ ୧୯୭୭-୭୮ ରୁ ୧୯୯୩-୯୪ ମଧ୍ୟରେ ଶ୍ରମର ଠିକା ନିଯୁକ୍ତି ବହୁ ପରିମାଣରେ ବୃଦ୍ଧି ପାଇଛି। ଅନ୍ୟ ଅର୍ଥରେ, ବିଗତ ବର୍ଷମାନଙ୍କର ଆମେ ନିୟମିତ ନିଯୁକ୍ତିରୁ ଠିକା ବା ସାମୟିକ ନିଯୁକ୍ତି ଆଡକୁ କ୍ରମେ କ୍ରମେ ଅଗ୍ରସର ହୋଇ ଆସୁଛୁ। ଜାତୀୟ ଶ୍ରମ ଆୟୋଗ ମଧ୍ୟ ଏହାକୁ ବିଚାରକୁ ନେଇଛନ୍ତି ଓ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ, ବିହାର, ଉତ୍ତରପ୍ରଦେଶ, ଓଡିଶା ଓ

ମଧ୍ୟପ୍ରଦେଶ ପରି ଦରିଦ୍ର ରାଜ୍ୟମାନଙ୍କରେ ନିଯୁକ୍ତି ଅଭିବୃଦ୍ଧିର ହାର ମାନ୍ଦା ଓ ସନ୍ତୋଷଜନକ ନୁହେଁ। କମିଶନଙ୍କ ମତରେ ବିଶାଳତା ଏବଂ ଉତ୍ପାଦନର ଶ୍ରମଶକ୍ତି ନିଯୁକ୍ତି ଓ ଢ଼ାଞ୍ଚାଗତ ଅଭିବୃଦ୍ଧି ସାଧିତ ହୋଇଥିଲେ ମଧ୍ୟ ରହିଥିବା ପାର୍ଥକ୍ୟକୁ ଏହା ସଙ୍କୁଚିତ କରିବାରେ ସକ୍ଷମ ହୋଇନାହିଁ। ଗ୍ରାମାଞ୍ଚଳର ଉଦ୍‌ବୃତ୍ତ ଶ୍ରମଶକ୍ତିକୁ ନିଯୋଗ କରିବା ପାଇଁ କେତେଗୁଡିଏ ବିଶେଷ ନିଯୁକ୍ତି ସୃଷ୍ଟିକାରୀ ଯୋଜନା ଅଛି। କିନ୍ତୁ ଏହା କାର୍ଯ୍ୟକାରୀ କରିବାରେ ଏଗୁଡିକ ସଫଳ ହୋଇପାରିନାହିଁ। ଫଳରେ ନିଯୁକ୍ତି ପାଇଁ ନୀତି ଏବଂ ଯୋଜନାର ନିର୍ଦ୍ଧାରଣ ଲକ୍ଷ୍ୟ ଓ ବାସ୍ତବ ଫଳାଫଳ ମଧ୍ୟରେ ପାର୍ଥକ୍ୟ ସୃଷ୍ଟି ହେଉଛି।

୧୯୯୫ ମାର୍ଚ୍ଚରେ କୋପେନହେଗନ ଠାରେ ଅନୁଷ୍ଠିତ ସାମାଜିକ ବିକାଶର ବିଶ୍ୱ ସମ୍ମିଳନୀର ଘୋଷଣାନାମାର ବାର୍ତ୍ତା ଅନୁଯାୟୀ ନିଯୁକ୍ତି ହାର ବୃଦ୍ଧି ପାଇଁ ୮ମ ଯୋଜନା କାଳରେ ଏକ ଉତ୍ତମ ରଣକୌଶଳ ପ୍ରସ୍ତୁତ କରାଯାଇଥିଲା। ୨୦୦୨ ସୁଦ୍ଧା ଉଭୟ କୃଷି ଓ ଅଣକୃଷି କ୍ଷେତ୍ରରେ ବେକାର ଓ ଅର୍ଦ୍ଧ-ବେକାରଙ୍କୁ ନିଯୁକ୍ତି ଦେବା ଏହାର ଉଦ୍ଦେଶ୍ୟ ଥିଲା। ୯ମ ପଞ୍ଚବାର୍ଷିକୀ ଯୋଜନା ଭିତ୍ତିପତ୍ରରେ ଏହାକୁ ପୁଣି ଥରେ ଦୋହରାଯାଇଛି। ମିଳିତ ସାମ୍ମୁଖ୍ୟ ସରକାରଙ୍କ ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମରେ ମଧ୍ୟ ଏହା ପ୍ରତିଫଳିତ ହୋଇଥିଲା।

"ଅଧିକ ବେକାରୀ, ଅର୍ଦ୍ଧ ବେକାରୀ ଥିବା ଅଞ୍ଚଳରେ ଅଧିକ ଶ୍ରମଭିତ୍ତିକ କାରିଗରୀ କୌଶଳ, କ୍ଷେତ୍ର ଓ ଉପକ୍ଷେତ୍ର ଉପରେ ଗୁରୁତ୍ୱାରୋପ କରି ଅଭିବୃଦ୍ଧି ପ୍ରକ୍ରିୟାରେ ଅଧିକ ଉତ୍ପାଦନକ୍ଷମ ନିଯୁକ୍ତି ସୃଷ୍ଟି କରିବା, ନବମ ଯୋଜନାର ପ୍ରାଥମିକ ଲକ୍ଷ୍ୟ ଅଟେ। ଗତ ଦଶନ୍ଧିର ଅନୁଭୂତି ହେଉଛି ଯେ, ଅପେକ୍ଷାକୃତ ଦ୍ରୁତ ଅଭିବୃଦ୍ଧି ପର୍ଯ୍ୟାପ୍ତ ମାତ୍ରାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରେ। କିନ୍ତୁ, ଦିଆଯାଉଥିବା ମଜୁରୀ ଓ କାମ କରିବାର ପରିବେଶ ଦୃଷ୍ଟିରୁ ବିଚାର କଲେ ନିଯୁକ୍ତିର ଗୁଣାତ୍ମକ ଦିଗରେ ବହୁତକିଛି ବାକିରହିଛି। ଏଣୁ ନିଯୁକ୍ତି ଯୋଜନାର ଆଭିମୁଖ୍ୟକୁ ନିଯୁକ୍ତି ପରିବେଶ ସୃଷ୍ଟି କରିବା ଆଡକୁ ଅନୁଗାମୀ କରାଇଦେବା ଆବଶ୍ୟକ। ଏହି ପରିବେଶରେ ନିଯୁକ୍ତି ସୁଯୋଗ ସହ ବଂଚିବାର ଉନ୍ନତ ମାନ ପ୍ରତିଷ୍ଠା ଓ ଲୋକଙ୍କ କାମ କରିବାର ଉନ୍ନତ ଅବସ୍ଥା ସୃଷ୍ଟି ହେବା ସହ ଶ୍ରମର ମର୍ଯ୍ୟାଦାକୁ ସମ୍ମାନ ମିଳିଥାଏ। ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ ଗତାନୁଗତିକ ସଫେଇ ପ୍ରଣାଳୀ ଓ ଶିଶୁ ଶ୍ରମିକପ୍ରଥା ସଂପୂର୍ଣ୍ଣ ଭାବରେ ଉନ୍ମୂଳିତ ହେବା ଉଚିତ। ତୀବ୍ର ଦାରିଦ୍ର୍ୟ ଓ ରୁଗ୍ଣ ମାନସିକତାରୁ ସୃଷ୍ଟି ଏହି ବ୍ୟବସ୍ଥାକୁ ଦୂର କଲାବେଳେ ପରିବାର ପ୍ରତିପୋଷଣ ପାଇଁ ଲୋଡ଼ା ଆୟକୁ ବିଚାରକୁ ନେବାକୁ ହେବ।

ଦ୍ରୁତଗତିରେ ବୃଦ୍ଧି ପାଉଥିବା ଉତ୍ପାଦନଶୀଳତାର ପରିବେଶରେ ହିଁ ନିଯୁକ୍ତି ଉତ୍କର୍ଷର ଅଗ୍ରଗତି ହୋଇପାରିବ, ଯେଉଁଥିରେ ଶ୍ରମର ନ୍ୟାଯ୍ୟଦାବୀ ରହିପାରିବ। କେବଳ ସଠିକ୍ ନିଯୁକ୍ତି ସୁଯୋଗ ସୃଷ୍ଟି କରିଦେଲେ ମଧ୍ୟ ହେବନାହିଁ, ବାସ୍ତବରେ ଏହି ସୁଯୋଗ ଲୋକଙ୍କୁ ଯୋଗାଇ ଦେବା ଆବଶ୍ୟକ। ଶିକ୍ଷା ଓ ଦକ୍ଷତାର ବିକାଶ ଏହି ସଶକ୍ତିକରଣର ମୌଳିକ ଲକ୍ଷଣ। ଏ ଲକ୍ଷ୍ୟ ପୂରଣ ପାଇଁ ପିଲାଙ୍କୁ ବାଧ୍ୟତାମୂଳକ ଶିକ୍ଷା ସହ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସାମିଲ କରିବା ପ୍ରଥମ ସୋପାନ ଅଟେ। ଏହାସହିତ, ପାରମ୍ପରିକ ଧନ୍ଦାରେ ଲିପ୍ତ ଥିବା ଲୋକଙ୍କର ଦକ୍ଷତାର ବିକାଶ, କାରିଗରୀ କୌଶଳର ସ୍ତର ବୃଦ୍ଧି, ତଥା ବଜାରର ସୁବିଧା ଉପଲବ୍ଧ କରିବା ପାଇଁ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେବାର ଆବଶ୍ୟକତା ରହିଛି।

## ଜାତୀୟ ମଜୁରି ନୀତି

ନିଯୁକ୍ତି ଲକ୍ଷ୍ୟ ସହ ମଜୁରି ନୀତି ନିବିଡ ଭାବରେ ଜଡିତ। ଅର୍ଥାତ୍ ଏକ ଉପଯୁକ୍ତ ମଜୁରୀ ନୀତି ବିନା ଓ ଶାରୀରିକ କ୍ଷେତ୍ର ପାଇଁ ସର୍ବନିମ୍ନ ମଜୁରି କାର୍ଯ୍ୟକାରୀ କରିବାର ଯୋଜନା ବିନା ଉତ୍ପାଦନକ୍ଷମ ନିଯୁକ୍ତିର କାର୍ଯ୍ୟ ଅସମ୍ପୂର୍ଣ୍ଣ ଅଟେ। ବାସ୍ତବ ମଜୁରୀ କ୍ରମାଗତ ଭାବେ କମ୍ ରହିଆସିଛି, ଏପରିକି ଏହା କମିଯାଇଛି ବୋଲି ଗ୍ରାମାଞ୍ଚଳ ଶ୍ରମର ଜାତୀୟ କମିଶନ (୧୯୮୭-୧୯୯୧) ଏକ ଅଧ୍ୟୟନ ପରେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ଏହା ଦେଖାଯାଇଛି ଯେ, ଗ୍ରାମାଞ୍ଚଳ ବା ସହରାଞ୍ଚଳର ସଂଖ୍ୟାଧିକଲୋକ ସର୍ବନିମ୍ନ ମଜୁରି ଆଇନ ବାହାରେ ରହିଛନ୍ତି। ଏହା ମଧ୍ୟ ଦେଖାଯାଇଛି ନିୟୁତ ଲୋକଙ୍କ ପାଇଁ ନିଯୁକ୍ତିର ଉତ୍ସ ଥିବା ପାରମ୍ପରିକ ନିଯୁକ୍ତି ସୁଯୋଗର କ୍ରମାଗତ ସଂକୋଚନ ହେଉଛି।

ଅସଂଗଠିତ ତଥା ଶାରୀରିକଶ୍ରମ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ ୧୯୪୮ରେ ସର୍ବନିମ୍ନ ମଜୁରି ଆଇନ ପ୍ରଣୟନ କରାଯାଇଥିଲା। ସର୍ବନିମ୍ନ ମଜୁରି ନଦେଇ କୌଣସି ନିଯୁକ୍ତିଦାତା ନିଯୁକ୍ତି ଦେଇ ପାରିବେ ନାହିଁ। ଏହି ମଜୁରି ଦେବା ପାଇଁ ଶିଳ୍ପର ଅନ୍ତର୍ନିହିତ କ୍ଷମତା ଅଛିବୋଲି ଧରିନିଆଯାଇଥାଏ। ସୁପ୍ରିମ୍‌କୋର୍ଟର ଏକ ବିଶେଷ ଲିଭ୍ ପିଟିସନ (ସି) ନଂ ୧୫୬୮୦, ୧୯୯୦ ର ନିର୍ଦ୍ଦେଶ ଅନୁଯାୟୀ ଯଦି କୌଣସି ଶିଳ୍ପସଂସ୍ଥା ସର୍ବନିମ୍ନ ମଜୁରି ପ୍ରଦାନର ପ୍ରତିଶ୍ରୁତି ଦେଇ ପାରିବ ନାହିଁ ତାହା ହେଲେ ସେପରି ସଂସ୍ଥାର ରହିବାର ମଧ୍ୟ କୌଣସି ଅଧିକାର ନାହିଁ। ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ନିଯୁକ୍ତି ପାଇଁ ସର୍ବନିମ୍ନ କ୍ଷମତା (୧୦୦୦) ଭିତ୍ତିରେ ନିର୍ଦ୍ଧାରିତ ନିଯୁକ୍ତିର ଘୋଷଣା ପରେ ସର୍ବନିମ୍ନ ମଜୁରି ସ୍ଥିର କରାଯାଇ ପାରିବ। ଆଉ ଏକ ଦୁଃଖଦାୟକ ବିଷୟ ହେଉଛି, ଘୋଷିତ ହୋଇଥିବା ନିର୍ଦ୍ଧାରିତ ନିଯୁକ୍ତିରେ ସର୍ବନିମ୍ନ ମଜୁରିର ବହୁବର୍ଷ ଧରି ପୁନର୍ବିଚାର କରାନଯିବା ବା ପ୍ରଚଳିତ ୫ ବର୍ଷିଆ ଅବଧି ମଧ୍ୟରେ ପରିବର୍ତ୍ତନ

ନହେବା। ୧୯୯୧ରେ ଏନସିଆଇଏସର ସୁପାରିଶ ଓ କୃଷି ଉପଭୋକ୍ତା ମୂଲ୍ୟସୂଚୀ ଭିତ୍ତିରେ ହିସାବ କରାଗଲେ ସମସ୍ତ ଶାରୀରିକ ଶ୍ରମ କ୍ଷେତ୍ରରେ ସର୍ବନିମ୍ନ ମଜୁରି ଦୈନିକ ୩୫ଟଙ୍କା ବା ତଦୂର୍ଦ୍ଧ୍ୱ ହେବା ଆବଶ୍ୟକ। ନଭେମ୍ବର ୧୯୯୬ରେ ପୂର୍ବତନ ପ୍ରଧାନମନ୍ତ୍ରୀ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ମୁଖ୍ୟମନ୍ତ୍ରୀମାନଙ୍କୁ କୌଣସି ପରିସ୍ଥିତିରେ ସର୍ବନିମ୍ନ ମଜୁରି ୩୫ ଟଙ୍କାରୁ କମ୍ ନହେବାକୁ ପତ୍ର ଲେଖିଥିଲେ। ଭାରତ ସରକାର ଏପରି ଏକ ପଦକ୍ଷେପ ନେବାର କାରଣ ହେଲା ସଂଘୀୟ ବ୍ୟବସ୍ଥାରେ ରାଜ୍ୟମାନଙ୍କ ମଧ୍ୟରେ ଏକ ଜାତୀୟ ମଜୁରି ନୀତି ସ୍ଥିର କରିବା ପାଇଁ ମତୈକ୍ୟ ନଥିଲା। ଏପରିକି ଆଞ୍ଚଳିକ ସ୍ତରରେ ସର୍ବନିମ୍ନ ମଜୁରି ଉପରେ ସହମତିର ସମ୍ଭାବନା ମଧ୍ୟ ନଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜ୍ୟ ସରକାରଙ୍କୁ ଚିଠିଲେଖିବାର ଏକ ବର୍ଷ ପରେ ମଧ୍ୟ ଘୋଷିତ ନିଯୁକ୍ତି କ୍ଷେତ୍ରରେ ରାଜ୍ୟମାନଙ୍କରେ ସର୍ବନିମ୍ନ ମଜୁରି ୩୫ ଟଙ୍କାରୁ କମ୍ ରହିଛି। ଏହାର କାରଣ ଅବୋଧ୍ୟ, ଏଣୁ ଏହା ଗ୍ରହଣଯୋଗ୍ୟ ନୁହେଁ।

"ବେକାରୀ ବୃଦ୍ଧି ତଥା ଠିକା, ସାମୟିକ ଶ୍ରମିକ ବୃଦ୍ଧି ହେତୁ ଦରିଦ୍ରମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ବୃଦ୍ଧିର ଆବଶ୍ୟକତା ରହିଛି। ଏ ପରିପ୍ରେକ୍ଷୀରେ ୯ମ ଯୋଜନା ଏକ ଜାତୀୟ ନିଶ୍ଚିତ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବ।"

ନବମ ଯୋଜନାର ଉପରୋକ୍ତ ଦୃଷ୍ଟିଭଙ୍ଗୀ ମିଳିତ ସାମ୍ମୁଖ୍ୟ ସରାକାରଙ୍କର ସାଧାରଣ ସର୍ବନିମ୍ନ ଯୋଜନା (Common Minimum Programme)ରେ ପ୍ରତିଫଳିତ ହୋଇଛି। ଏହି ଯୋଜନାରେ ଉଲ୍ଲେଖ ଅଛି ସାମାଜିକ ନ୍ୟାୟ ସହ ଅଭିବୃଦ୍ଧି ମିଳିତ ସାମ୍ମୁଖ୍ୟ ସରକାରଙ୍କ ଲକ୍ଷ୍ୟ ହେବ। ଅଭିବୃଦ୍ଧିର ବିକଳ୍ପ ନାହିଁ। ଅଭିବୃଦ୍ଧି ହିଁ ନିଯୁକ୍ତି ଓ ନ୍ୟାୟ ସୃଷ୍ଟି କରିପାରିବ। ସ୍ୱାଧୀନତା ପରଠାରୁ ଆତ୍ମନିର୍ଭରଶୀଳତା ହିଁ ଆମର ମାର୍ଗ ଓ ଲକ୍ଷ୍ୟ ରୂପେ ରହି ଆସିଛି। ମିଳିତ ସାମ୍ମୁଖ୍ୟ ସରକାର ଏହି ଆତ୍ମନିର୍ଭରଶୀଳତାର ମାର୍ଗରେ ଅଭିବୃଦ୍ଧି ପାଇଁ ନୀତି ଗ୍ରହଣ କରିବ। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏ ସରକାର ଅଙ୍ଗୀକାରବଦ୍ଧ। ବ୍ୟାପକ ଦାରିଦ୍ର୍ୟ ଓ ବେକାରୀ ଦୂର କରିବା ପାଇଁ ଆଗାମୀ ୧୦ ବର୍ଷରେ ଦେଶର ଜିଡିପି ର ଅଭିବୃଦ୍ଧି ବାର୍ଷିକ ଶତକଡା ୭ ଭାଗରୁ ଅଧିକ ହାରରେ ହେବା ଆବଶ୍ୟକ। କିନ୍ତୁ ଏହା କିପରି ବାସ୍ତବତାରେ ପରିଣତ ହେବ ତାହା ଦେଖିବାକୁ ହେବ।

ଅଣସଂଗଠିତ କ୍ଷେତ୍ରରେ ଶ୍ରମିକମାନଙ୍କ ଦୁଃଖ ଓ ଅଭାବର ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହେଉଛି ଗ୍ରାମାଞ୍ଚଳର ଋଣଗ୍ରସ୍ତତା। ଏଥିରେ ଋଣ ମୁକ୍ତିର ଏକ କ୍ଷୁଦ୍ର ଅଂଶ ହେଉଛି, ୧୯୯୩- ୯୪ ସୁଦ୍ଧା ବଂଶାନୁକ୍ରମିକ ଋଣଗ୍ରସ୍ତତା ଶତକଡା ୩ ଭାଗକୁ ଖସି ଆସିଛି। ୧୯୭୧ ମସିହାରେ ଜାତୀୟକରଣ ପରେ ବ୍ୟାଙ୍କମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲେ ଓ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ତଥା ଗ୍ରାମ୍ୟ ନିଯୁକ୍ତି ଯୋଜନା ପାଇଁ ଅର୍ଥ

ଯୋଗାଇଲେ। କିନ୍ତୁ ସାହୁକାରମାନଙ୍କର ଶୋଷଣ ମନୋବୃତ୍ତି ବିଗତ ୩୦ ବର୍ଷ ପୂର୍ବେ ଯାହା ଥିଲା ଆଜି ମଧ୍ୟ ଊଣାଅଧିକେ ସେହିପରି ରହିଛି। ଏହି ସାହୁକାରମାନେ ଦଲାଲମାନଙ୍କ ସହ ସହର, ଅର୍ଦ୍ଧ- ସହର ଓ ଗ୍ରାମାଞ୍ଚଳରେ ବେଆଇନ ଭାବେ କାର୍ଯ୍ୟ କରୁଛନ୍ତି ଓ ବିଭିନ୍ନ ରାଜ୍ୟମାନଙ୍କ ଦ୍ୱାରା ପ୍ରଣୀତ ସାହୁକାର ନିରୋଧ ଆଇନ୍‌ର ଖୋଲା ଉଲ୍ଲଂଘନ କରି ଚାଲୁଛନ୍ତି। ଏହାଦ୍ୱାରା ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକ ଓ ସେମାନଙ୍କର ଜୀବନ ବିପର୍ଯ୍ୟସ୍ତ ହୋଇଛି।

ସ୍ୱେଚ୍ଛାକୃତ କାର୍ଯ୍ୟର ଆବଶ୍ୟକତା ଓ ଗୁରୁତ୍ୱ- ବେସରକାରୀ ସଂସ୍ଥା ଓ ସରକାର ମଧ୍ୟରେ ସହଯୋଗ- ଦେଶର ବୃହତ୍ତର ଆକାର, ବ୍ୟାପକ ଭୌଗୋଳିକ, ଜଳବାୟୁଗତ, ଜନସଂଖ୍ୟାଭିତ୍ତିକ, ସାମାଜିକ-ସାଂସ୍କୃତିକ ବିଭିନ୍ନତା, ସମସ୍ୟାର ତୀବ୍ରତା ତଥା ଲୋକଙ୍କର ଅପୂରଣୀୟ ମୌଳିକ ଆବଶ୍ୟକତା ଯଥା ପାନୀୟ ଜଳ, ବାସଗୃହ, ଯୋଗାଯୋଗ, ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ଦୃଷ୍ଟିରୁ ସରକାର ବା ସରକାରୀ ବିଭାଗମାନେ ଠିକ୍ ସମୟରେ ଓ ସ୍ୱଳ୍ପ ବ୍ୟୟରେ ଦୂରଦୂରାନ୍ତର ବିକ୍ଷିପ୍ତ ହୋଇରହିଥିବା ଶ୍ରମଜୀବୀମାନଙ୍କ ପାଖରେ ପହଞ୍ଚି ପାରିନାହାଁନ୍ତି। ଏଣୁ ସରକାରୀ ଉଦ୍ୟମଗୁଡ଼ିକୁ ସହଯୋଗ କରିବା ପାଇଁ ସ୍ୱେଚ୍ଛାସେବୀ ସଂସ୍ଥାର ଆବଶ୍ୟକତା ପ୍ରସଙ୍ଗ ଷାଠିଏ/ସତୁରୀ ଦଶକରେ ବେଶୀ ଭାବରେ ଅନୁଭୂତ ହେଲା। ଏହି ସଂସ୍ଥାମାନେ ତୃଣମୂଳ ସ୍ତରର ଲୋକଙ୍କ ପାଇଁ ଓ ଲୋକମାନଙ୍କ ସାଙ୍ଗରେ ବହୁ କାମ କରିଥାଆନ୍ତି।

ସେମାନଙ୍କ ଗଠନ ଓ କାର୍ଯ୍ୟରେ ନମନୀୟତା ରହିବା ସହିତ ପାଖରେ ଏକ ଉତ୍ସର୍ଗୀକୃତ ସ୍ୱେଚ୍ଛାସେବୀ ଦଳ ରହିଛନ୍ତି, ଯେଉଁମାନେ ଲୋକମାନଙ୍କ ସହ ଉନ୍ନତ ଯୋଗାଯୋଗ କରି ସେମାନଙ୍କ ପାଖରେ ସ୍ୱାଭାବିକ ତଥା ସ୍ୱେଚ୍ଛାକୃତ ଭାବେ ପହଞ୍ଚିପାରୁଛନ୍ତି। ମହାରାଷ୍ଟ୍ର, ଗୁଜୁରାଟ ଏବଂ ରାଜସ୍ଥାନ ପରି ରାଜ୍ୟମାନଙ୍କରେ ସ୍ୱେଚ୍ଛାକୃତ କାର୍ଯ୍ୟର ଏକ ଦୀର୍ଘ ପରମ୍ପରା ଓ ସଂସ୍କୃତି ରହିଛି। ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ଏହାର ପ୍ରଭାବ ଭଲଭାବରେ ପଡିଥିଲା। ସମାଜର ଜାତିପ୍ରଥା, କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୋଧରେ ମଧ୍ୟ ଏହି ସ୍ୱେଚ୍ଛାସେବୀମାନଙ୍କର ଏକ ପ୍ରମୁଖ ଭୂମିକା ରହିଥିଲା। ଯଥା-ମହାତ୍ମା ଜ୍ୟୋତିବା ଫୁଲେ ଓ ସାବିତ୍ରୀବାଇ ଫୁଲେଙ୍କ ସତ୍ୟଶୋଧକ ସମାଜ। ବିକାଶର ଯୋଜନା ପ୍ରକ୍ରିୟାରେ ତୃଣମୂଳ ସ୍ତରର ଯୋଜନା କାଳ (୧୯୮୫-୯୦)ରେ ଏଗୁଡିକୁ ସ୍ୱୀକୃତି ମିଳିଥିଲା। ଏହି କାଳରେ ପାଞ୍ଚଟି ମିଶନ ଯଥା ସାକ୍ଷରତା, ଟୀକାକରଣ, ପାନୀୟଜଳ, ତୈଳବୀଜ ତଥା ଦୂରସଂଚାର କ୍ଷେତ୍ରରେ ଆରମ୍ଭ ହୋଇଥିଲା ଓ ଏଗୁଡିକର ରୂପାୟନରେ ସ୍ୱେଚ୍ଛାସେବୀ ସଂସ୍ଥାର ସଂପୃକ୍ତିକୁ ସରକାରୀ ସ୍ତରରେ ପ୍ରୋତ୍ସାହନ ଦିଆଯାଇଥିଲା। ବେସରକାରୀ ସଂଗଠନ (ଏନଜିଓ) ମାନଙ୍କର

ଅଭ୍ୟୁଦୟ ଓ ବିକାଶ ଧାରାରେ ସେମାନଙ୍କର ସଂପୃକ୍ତି ନିମ୍ନଲିଖିତ ନୀତିଗୁଡିକ ଉପରେ ପର୍ଯ୍ୟବେସିତ ।

- ଏନଜିଓମାନେ ସରକାରଙ୍କର ଠିକାଦାର ନୁହଁନ୍ତି,
- ସେମାନେ ସରକାରଙ୍କର ବିକଳ୍ପ ନୁହଁନ୍ତି,
- ସେମାନେ ସରକାରଙ୍କର ପ୍ରତିଦ୍ୱନ୍ଦ୍ୱୀ ନୁହଁନ୍ତି,

ଦାରିଦ୍ର୍ୟ ଦୂରୀକରଣ, ନିଯୁକ୍ତି ବୃଦ୍ଧି ଉପରେ ଗୁରୁତ୍ୱାରୋପ କରୁଥିବା କାର୍ଯ୍ୟକ୍ରମର ଦ୍ରୁତ ଅଭିବୃଦ୍ଧି, ଅଧିକ ସ୍ୱାଧୀନତାର ଆବଶ୍ୟକତା, ଏହିସବୁ କାର୍ଯ୍ୟକ୍ରମର ରୂପାୟନ ପାଇଁ ନମନୀୟତା, ନୂତନତା ପ୍ରବର୍ତ୍ତନ କ୍ଷେତ୍ରରେ ହେଉଥିବା ତୃଟି ତଥା କ୍ଷତିକୁ ରୋକିବାର ଆବଶ୍ୟକତା ଦୃଷ୍ଟିରୁ ସରକାର ଓ ଏନଜିଓମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଆସିପାରିଛି । ଏହି ସଂପର୍କ ସ୍ୱଚ୍ଛ, ସ୍ପଷ୍ଟ, ଉତ୍ତରଦାୟୀ, ଆବଶ୍ୟକତାଭିତ୍ତିକ ଓ ଲକ୍ଷ୍ୟ କୈନ୍ଦ୍ରିକ ବୋଲି ସ୍ୱୀକାର କରାଯାଇଛି । ସମାଜର ଦୁର୍ବଳବର୍ଗଙ୍କ ସଂଗଠନ ଏହି ସଂପର୍କର ଭିତ୍ତି ହେବା ଉଚିତ । କାପାର୍ଟ ଓ ICSSR ର ଗଠନ ସହିତ ବିଭିନ୍ନ ବିଭାଗରେ ଏନଜିଓମାନଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ବହୁ ଯୋଜନା ପ୍ରଣୟନ କରାଯାଇଥିଲା । ଯୋଜନା କମିଶନର ପୂର୍ବତନ ସଚିବ ଶ୍ରୀ ପି.ବି. କ୍ରିଷ୍ଣାସ୍ୱାମୀଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ, ଯାହାକି ଆର୍ଥିକ ସାହାଯ୍ୟ ଦେବା ପାଇଁ ସରକାର ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମଧ୍ୟରେ ସହଯୋଗକୁ ଆଗକୁ ନେବାରେ ସହାୟକ ହେଲା । ଏହି ସମୟରେ ଏନଜିଓ ମାନେ ବହୁ ସାମାଜିକ କାର୍ଯ୍ୟକ୍ରମ କ୍ଷେତ୍ରରେ ଉତ୍ତମ ସଫଳତା ପ୍ରଦର୍ଶନ କରିଥିବାର ଦୃଷ୍ଟିଗୋଚର ହୋଇଥାଏ । ଯଥା:

- ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ବାତ୍ୟା, ଭୂମିକମ୍ପ ସମୟରେ କ୍ଷତିଗ୍ରସ୍ତ ଲୋକଙ୍କୁ ରିଲିଫ ପ୍ରଦାନ ଓ ଥଇଥାନ କାର୍ଯ୍ୟରେ ସହାୟତା ପ୍ରଦାନ,
- ଶାରୀରିକ ଭିନ୍ନକ୍ଷମମାନଙ୍କୁ ଥଇଥାନ ପ୍ରଦାନ,
- ପ୍ରାପ୍ତବୟସ୍କ, ରାସ୍ତାକଡର ଶିଶୁ ଓ ସହରାଂଚଳ ବସ୍ତିର ଶିଶୁମାନଙ୍କୁ ଶିକ୍ଷା ଦାନ କରିବା,
- ପାନୀୟ ଜଳ, ସାକ୍ଷରତା, ଟୀକାଦାନ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ବାସଗୃହ ଆଦି ମୌଳିକ ଆବଶ୍ୟକତା ପୂରଣ କରିବା,
- ବିଦ୍ୟାଳୟ ଗୃହ, ସ୍ୱାସ୍ଥ୍ୟକେନ୍ଦ୍ର, ରାସ୍ତା,ପୋଖରୀ, ଜଳସେଚନ ଓ ସାମାଜିକ ସ୍ଥଳ ସୃଷ୍ଟି କରିବା,

ସହଜ ଋଣ, ପ୍ରଶିକ୍ଷଣ, ଆୟ ସୃଷ୍ଟିକାରୀ ପ୍ରକଳ୍ପ ମାଧ୍ୟମରେ ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ଦିଗରେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ପ୍ରମୁଖ ଭୂମିକା ରହିଛି।

ବିଗତ ବର୍ଷମାନଙ୍କରେ ଜନ୍ମ ନେଇଥିବା ଆଭିମୁଖ୍ୟ ଓ ରଣନୀତିର ଧାରା ସ୍ପଷ୍ଟ ଅଟେ। କମ୍ ଏନଜିଓ, ସଂଗଠନ ସଚେତନ ଅଭିଯାନ କାର୍ଯ୍ୟକ୍ରମକୁ ଆସୁଥିବା ବେଳେ ଅଧିକରୁ ଅଧିକ ବିଭିନ୍ନ ସେବା କ୍ଷେତ୍ରରେ (delivery mechanism) କାମ କରିବାକୁ ଆଗେଇ ଆସୁଛନ୍ତି। ଯଥା-ରାସ୍ତା, ବିଦ୍ୟାଳୟ ଗୃହ, ସ୍ୱାସ୍ଥ୍ୟକେନ୍ଦ୍ର, ଜଳସେଚନ, ପାନୀୟ ଜଳ ଇତ୍ୟାଦି। ସେମାନଙ୍କ ମଧ୍ୟରୁ ଅନେକେ ବୈଦେଶିକ ସାହାଯ୍ୟ ଉପରେ ଅଧିକ ନିର୍ଭରଶୀଳ। 'ବିଦେଶରୁ ଅର୍ଥ ଆଣିବା ବେଳେ ସେମାନେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଆଦି ନୀତିକୁ କାର୍ଯ୍ୟକାରୀ କରିବାରେ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି। ମୌଳିକ ଭାବରେ ସେବା ଯୋଗାଇବାରେ ବା ବିଦେଶରୁ ଅର୍ଥ ଆଣିବାରେ କିଛି ତ୍ରୁଟି ନାହିଁ। କିନ୍ତୁ ଲୋକଙ୍କୁ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ନକରି ସେବା ଯୋଗାଇଲେ ବା ଏକ ନିର୍ଦ୍ଦିଷ୍ଟ ଉତ୍ପାଦନ ପାଇଁ କ୍ଷେତ୍ର ସୃଷ୍ଟି ନକରି, ଯୋଜନା ଆରମ୍ଭକଲେ ସେଥିରେ ସମନ୍ୱୟ ରହେନାହିଁ ଓ ତାହା ଫଳପ୍ରଦ ହୁଏ ନାହିଁ। ଏସବୁ କାର୍ଯ୍ୟକାରୀ ହେବା ପୂର୍ବରୁ ଦରିଦ୍ର ଓ ବଂଚିତମାନଙ୍କୁ ସଂଗଠିତ ନକଲେ, ଯୋଜନାର ବାସ୍ତବଫଳ ସେମାନଙ୍କ ପାଖରେ ପହଞ୍ଚିବ ନାହିଁ।

କ୍ରମବର୍ଦ୍ଧିଷ୍ଣୁ ଋଣ ବୋଝ ଭଳି ଏକ ଗୁରୁତର ଅର୍ଥନୈତିକ ସଂକଟରୁ ଦେଶକୁ ରକ୍ଷା କରିବା ପାଇଁ ୧୯୯୧ ଜୁଲାଇରେ ନୂତନ ଅର୍ଥନୈତିକ ନୀତି ଆରମ୍ଭ ହେଲା। ଏହା ସତ୍ୟ ଯେ, ଏହି ଅର୍ଥନୈତିକ ସଂସ୍କାର ମଧ୍ୟରୁ ଅନେକ ଅସଂପୂର୍ଣ୍ଣ ଥିଲେ ମଧ୍ୟ ଏହା ଅନୁକୂଳ ଫଳ ପ୍ରଦାନ କରି ସାରିଲାଣି। ଗତ ତିନି ବର୍ଷରେ ଅଭିବୃଦ୍ଧି ହାର ହାରାହାରି ଶତକଡା ୭ ଭାଗ ରହିଛି। ବୈଦେଶିକ ମୁଦ୍ରା କୋଷରେ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି। ମୁଦ୍ରାସ୍ଫୀତି ମଧ୍ୟ ନିୟନ୍ତ୍ରଣରେ ରହିଛି। ବୈଦେଶିକ ଋଣକୁ ସଠିକ ଭାବେ ପରିଚାଳନା କରାଯାଉଛି ଓ ଆମର ଋଣ ପରିଶୋଧ ସେବା ତ୍ରୁଟିଶୂନ୍ୟ ଅଟେ। ବର୍ତ୍ତମାନର ବିତ୍ତୀୟ ନିଅଣ୍ଟ ଜିଡିପିର ଶତକଡା ୨ ଭାଗରୁ କମ୍ ଅଟେ ଓ ସଂଚୟ ହାର ଜିଡିପିର ଶତକଡା ୨୬ ଭାଗ ଅଟେ। ଏହା ଉତ୍ସାହଜନକ ମନେହୁଏ। ୧୯୯୬-୯୭ରେ ବୈଦେଶିକ ପୁଞ୍ଜି ନିବେଶ ୫.୬ ବିଲିୟନ ଡଲାର ଥିଲା। ଏ ସମସ୍ତ ସତ୍ତ୍ୱେ କେତେକ ନକାରାତ୍ମକ ଦିଗ ରହିଛି, ଯାହାର ପ୍ରତ୍ୟକ୍ଷ ପ୍ରଭାବ ଅର୍ଥନୀତି ଓ ସାଧାରଣ ଲୋକ, ବିଶେଷ କରି ଅଣସଂଗଠିତ ଶ୍ରମିକମାନଙ୍କ ଉପରେ ପଡିଛି। ଉଦାହରଣ ସ୍ୱରୂପ, ୬୦ ମି.ମି. ଆକାରର ଛୋଟ ସିଗାରେଟ ଉପରେ ଅବକାରୀ ଶୁଳ୍କ କମିଲା ପରେ ଅଣସଂଗଠିତ କ୍ଷେତ୍ରରେ ଥିବା ବିଡି ଶ୍ରମିକଙ୍କ ସ୍ୱାର୍ଥ ଉପରେ ଆଘାତ ଆସିଛି। ଇସ୍ପାତ, ତମ୍ବା, ରବର ଓ ଅନ୍ୟାନ୍ୟ ପଦାର୍ଥ ଉପରେ ଆମଦାନୀ ଶୁଳ୍କ

ହ୍ରାସ ଫଳରେ ଦେଶୀୟ ପଦାର୍ଥର ମୂଲ୍ୟ ପ୍ରଭାବିତ ହେବା ସହ ସେଗୁଡ଼ିକର ବିକ୍ରି ତଥା ନିଯୁକ୍ତି କ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇଛି। ଯଦି ଦେଶୀୟ ପଦାର୍ଥ ପ୍ରତିଦ୍ୱନ୍ଦ୍ୱିତାମୂଳକ ନହୁଏ, ତାହା ହେଲେ ଏହାର ଉତ୍ପାଦନ ବନ୍ଦ ହେବା ସହ ବହୁ ସଂଖ୍ୟକ ଲୋକ ବେକାର ହେବେ। ଏହାହିଁ ଘଟୁଅଛି।

ଦେଶରେ ଅର୍ଥନୈତିକ ସଂସ୍କାର କାର୍ଯ୍ୟକାରୀ ହେବା ପରେ ଶ୍ରମିକର ଚରିତ୍ରରେ, ଶ୍ରମିକଙ୍କୁ ସଂଗଠିତ କରିବାର କାର୍ଯ୍ୟ ପ୍ରଣାଳୀରେ ଏବଂ ସାମଗ୍ରିକ ଶ୍ରମିକମାନଙ୍କ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି। ଯାହା ଏକ ବାସ୍ତବତା ଅଟେ। କିନ୍ତୁ ଏହି ପରିବର୍ତ୍ତନ ଓ ସଂସ୍କାର ଯୋଗୁଁ ସଂପତ୍ତି ଓ ଆୟ ବଣ୍ଟନରେ ମାତ୍ରାଧିକ ଅସମାନତା ସୃଷ୍ଟି ହୋଇଛି। ଗତ ଦୁଇ ଦଶନ୍ଧିଧରି ଲାଟିନ, ମଧ୍ୟ ଆମେରିକା ଓ ଆଫ୍ରିକାର ଅନେକ ଦେଶ ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାସଲ କରିବା ଆଶାରେ ଅର୍ଥନୀତିରେ ଗଠନଗତ ସଂସ୍କାର ପ୍ରକ୍ରିୟା ପ୍ରଣୟନ କରିଥିଲେ। ଫଳତଃ ଦେଖାଗଲା ଯେ, ଅର୍ଥନୈତିକ ଅଗ୍ରଗତି ପରିବର୍ତ୍ତେ ବେକାରୀ ଅତିମାତ୍ରାରେ ବୃଦ୍ଧି ପାଇଲା। ପ୍ରକୃତ ମଜୁରୀ ନପାଇ ଗରିବ ମୂଲିଆମାନେ ଆହୁରି ଦରିଦ୍ର ହୋଇଗଲେ।

ଶ୍ରମିକମାନଙ୍କ ମଧ୍ୟରେ ନିଯୁକ୍ତି ନିରାପତ୍ତା ଓ ନିଯୁକ୍ତି ବ୍ୟାପାରରେ ଗଭୀର ସଂକଟ ଦେଖାଗଲା। ଅର୍ଥନୈତିକ ସଂସ୍କାର ଯୋଗୁଁ ଅଧିକ ଶ୍ରମ ସୃଷ୍ଟି ଓ ନିଯୁକ୍ତି ସୁଯୋଗ ହାସଲ ହୋଇପାରିବ ବୋଲି ଆଶା କରାଯାଉଥିଲା। କିନ୍ତୁ, ଅତିକମ୍ ସଂଖ୍ୟକ ଶ୍ରମିକ ନିଯୁକ୍ତି ପାଇଲେ। ସଂଗଠିତ କ୍ଷେତ୍ରର ନିଯୁକ୍ତି ପ୍ରକ୍ରିୟାରେ ସ୍ଥିତାବସ୍ଥା ଜାରି ରହିଲା, ବରଂ କ୍ରମାଗତ ଭାବେ ହ୍ରାସ ପାଇଲା ସିନା ବୃଦ୍ଧି ହେଲା ନାହିଁ। ସଂଗଠିତ କ୍ଷେତ୍ରର ଅଧିକ ଦରମା ମିଳିଲା, ଭଲ ସୁବିଧା ସୁଯୋଗ ମିଳିଲା, କିନ୍ତୁ ଅତି କମ୍ ସଂଖ୍ୟକ କର୍ମଚାରୀ ଏହି ସୁଯୋଗ ହାସଲ କଲେ। ସେମାନଙ୍କ ସଂଖ୍ୟା ଶତକଡା ୧ ଭାଗରୁ କମ୍ ହେବ। ସରକାରୀ ସଂସ୍ଥାରୁ ଶ୍ରମିକମାନେ ଛଟେଇ ହେଲେ, ସେମାନଙ୍କ ପୁନର୍ବାସ ପାଇଁ ବ୍ୟବସ୍ଥା ଥିବାବେଳେ ଘରୋଇ ଓ ସମବାୟ କ୍ଷେତ୍ରରେ ଛଟେଇ ଶ୍ରମିକମାନଙ୍କୁ ଯୋଗେଇ ଦେବା ପାଇଁ କୌଣସି ନିଯୁକ୍ତି ବ୍ୟବସ୍ଥା ନଥିଲା। ଛଟେଇ ହେବା ଦ୍ୱାରା ଗୋଟିଏ କ୍ଷେତ୍ରରୁ ଆଉ ଏକ ମୂଲ୍ୟବାନ ମାନବ ସମ୍ବଳ ପୁଞ୍ଜି ନଷ୍ଟ ହୋଇଥାଏ । ଶ୍ରମ ଓ ଶ୍ରମିକର ଏହି ଯେଉଁ ପ୍ରକ୍ରିୟା, ତାହା ଶିଳ୍ପ ସଂସ୍ଥାର ସଂପତ୍ତି ଓ ଆୟବ୍ୟୟ ହିସାବ ପତ୍ରରେ ଉଲ୍ଲେଖ ହୋଇନଥାଏ ।

ଆନ୍ତର୍ଜାତୀୟ ବାଣିଜ୍ୟ ବୁଝାମଣା ଓ ଆନ୍ତର୍ଜାତୀୟ ବାଣିଜ୍ୟ ଚୁକ୍ତିନାମା ଫଳରେ ନିଃସନ୍ଦେହରେ ପୁଞ୍ଜି ବିନିଯୋଗ ପ୍ରକ୍ରିୟା, ବୈଷୟିକ ଜ୍ଞାନକୌଶଳ ଓ ବୈଦେଶିକ ପୁଞ୍ଜି ନିବେଶ ବୃଦ୍ଧି ପାଇବାକୁ ଲାଗିଲା। ଅପରପକ୍ଷରେ ଶ୍ରମଶକ୍ତିର ମୁକ୍ତ ଚଳନକୁ ଏହି ଆନ୍ତର୍ଜାତୀୟ ପରିସ୍ଥିତି ଉତ୍ସାହିତ କରିପାରିଲାନାହିଁ। କିନ୍ତୁ ଯେଉଁ ଦେଶରେ ଶ୍ରମ ଶକ୍ତି ବଳକା ହେଉଛି,

ସେଠାରେ ନିଯୁକ୍ତି ସଂଖ୍ୟା ବଢିଲା । ଆନ୍ତର୍ଜାତୀୟ କ୍ଷେତ୍ରରେ ଗୋଟିଏ ଦେଶର ଶ୍ରମିକମାନେ ଅନ୍ୟ ଦେଶରେ ନିଯୁକ୍ତି ନିମନ୍ତେ ଯିବା ପାଇଁ ଥିବା ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ଆଇନ ପ୍ରଣୟନ ହେଉଛି । ନିଯୁକ୍ତି ବ୍ୟବସ୍ଥାର ସର୍ତ୍ତ ଓ ସୁବିଧା ସୁଯୋଗକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ସ୍ତରରେ ସମ୍ବିଧାନ ସ୍ୱୀକୃତ ସଂସ୍ଥା ପ୍ରତିଷ୍ଠା କରାଯାଉଛି । ମାତ୍ର ଦୁର୍ଭାଗ୍ୟବଶତଃ, ଏ ସମସ୍ତ ସତ୍ତ୍ୱେ ଦେଶାନ୍ତର ଶ୍ରମିକମାନେ ଉଭୟ ଆଇନଗତ ବ୍ୟବସ୍ଥା ଓ ନିଯୁକ୍ତି ସଂସ୍ଥାର ଯଥେଚ୍ଛାଚାର ନୀତି ଦ୍ୱାରା ନିର୍ମମ ଭାବେ ଶୋଷିତ ହେଉଛନ୍ତି । ଯେତେବେଳେ ଗୋଟିଏ ଦେଶର ଶ୍ରମିକମାନେ ନିଯୁକ୍ତି ଆଶାରେ ଅନ୍ୟ ଦେଶରେ ପହଞ୍ଚି ଯାଉଛନ୍ତି, ସେତେବେଳେ ସେହି ଦେଶର ଆଇନକାନୁନ ଓ ଠିକାଦାରମାନଙ୍କ ସର୍ତ୍ତକୁ ସେମାନେ ମାନିବାକୁ ବାଧ ହେଉଛନ୍ତି । ଫଳତଃ ଏହା ଶ୍ରମିକମାନଙ୍କୁ ଅତି ଅସୁବିଧାଜନକ ପରିସ୍ଥିତି ମଧ୍ୟକୁ ଠେଲି ଦେଉଛି । ଦେଶାନ୍ତର ଶ୍ରମିକଙ୍କ ମାନବାଧିକାରକୁ କ୍ଷୁର୍ଣ୍ଣ କରୁଅଛି ଓ ଅଭାବନୀୟ ଅମାନବିକ ବ୍ୟବହାର ସେମାନଙ୍କପ୍ରତି କରାଯାଉଛି । ଅନେକ କ୍ଷେତ୍ରରେ ସେମାନଙ୍କୁ ଜେଲ ଯିବାକୁ ପଡୁଛି । ତେଣୁ ଏ ସମସ୍ତ ବିଷୟ ମାନବିକ ଦୃଷ୍ଟିକୋଣରୁ ସଠିକ୍ ଭାବେ ବିଚାର କରିବାକୁ ଓ ସମନ୍ୱୟ ଆଣିବାକୁ ହେବ । ନଚେତ୍ ଏହି ନିରୀହ ଶ୍ରମିକମାନେ ଅନେକ କ୍ଷେତ୍ରରେ ବଳିପଡି ଚାଲିଥିବେ ।

ସେହିପରି ଗୋଟିଏ ଦେଶ ମଧରେ ଆନ୍ତଃ-ରାଜ୍ୟ ଦାଦନ ଶ୍ରମିକମାନଙ୍କ ଅବସ୍ଥା ମଧ ଅତ୍ୟନ୍ତ ଶୋଚନୀୟ । ୧୯୯୧ ଜନଗଣନା ଅନୁଯାୟୀ ଭାରତରେ ଛବିଶ ନିୟୁତ ସାତ ଲକ୍ଷ ଆନ୍ତଃରାଜ୍ୟ ଶ୍ରମିକ ଅଛନ୍ତି । ଏଥିମଧ୍ୟରୁ କେବଳ ନିଯୁକ୍ତି ପାଇଁ ପାଂଚ ନିୟୁତ ସାତଲକ୍ଷ ଶ୍ରମିକ ଅନ୍ୟରାଜ୍ୟମାନଙ୍କୁ ଯାଉଛନ୍ତି । ସେମାନେ ମୋଟ ଆନ୍ତଃରାଜ୍ୟ ଓ ଆନ୍ତଃ ଜିଲ୍ଲା ଦାଦନ ଶ୍ରମିକମାନଙ୍କ ଶତକଡା ୨୧ ଭାଗ । ବିହାର ଓ ଉତ୍ତରପ୍ରଦେଶରୁ ସବୁଠାରୁ ବେଶୀ ଦାଦନ ଶ୍ରମିକ କାମ ପାଇଁ ବାହାରକୁ ଯାଉଛନ୍ତି । ଭଲ ନିଯୁକ୍ତି, ଭଲ ମଜୁରୀ ଓ ଅଧିକ ସୁବିଧା ସୁଯୋଗ ପାଇବା ଆଶାରେ ଶ୍ରମିକମାନେ ବାହାରକୁ ଚାଲିଯାଉଛନ୍ତି । ଏହା ଏକ ଭୁଲ କାର୍ଯ୍ୟ ନୁହେଁ । କିନ୍ତୁ ସେଠାରେ ଶ୍ରମିକମାନଙ୍କୁ ନ୍ୟୁନତମ ମାନବିକ ଅଧିକାର ମିଳୁନାହିଁ, ତଥା ସେମାନେ ଶୋଷିତ ଓ ନିର୍ଯ୍ୟାତିତ ହେଉଛନ୍ତି । ସେହି ସମୟରେ ଦାଦନ ବ୍ୟବସ୍ଥାକୁ ବିରୋଧ କରାଯାଉଛି ।

ଠିକାଦାର, କଂପାନୀ ଓ ନିଯୁକ୍ତି ସଂସ୍ଥାର ଲୋଭ, ଲାଭ ଓ ଶୋଷଣ କରିବା ମନୋବୃତ୍ତି, ଯଥେଚ୍ଛାଚାର ଯେତେବେଳେ ମାନବିକ ମୂଲ୍ୟବୋଧକୁ ବ୍ୟାହତ କରେ ଏବଂ ନ୍ୟାୟ, ସମାନତା, ମର୍ଯ୍ୟାଦା ଆଧାରିତ ମାନବୀୟ ସଂପର୍କକୁ ବ୍ୟାହତ କରେ, ସେତିକି ବେଳେ ଦାଦନ ଶ୍ରମିକ ବ୍ୟବସ୍ଥାକୁ ବିରୋଧ କରାଯାଉଛି ।

ଭାରତରେ ଗୋଟିଏ ରାଜ୍ୟର ନାଗରିକ ଅନ୍ୟ ରାଜ୍ୟରେ ଯାଇ କାମ କରିବା ପାଇଁ ସାମ୍ବିଧାନିକ ଅଧିକାର ଦିଆଯାଇଛି। ଏହାକୁ ଆମେ ସଂପୂର୍ଣ୍ଣ ରୂପେ ବନ୍ଦ କରିପାରିବା ନାହିଁ। କିନ୍ତୁ ଠକ ସଂସ୍ଥାମାନଙ୍କର ମିଥ୍ୟା ଓ ଲୋଭନୀୟ ପ୍ରତିଶ୍ରୁତିକୁ ଆମେ ଲୋକଲୋଚନକୁ ଆଣି ସେମାନଙ୍କର କାର୍‌ସାଦିକୁ ପଦାରେ ପକାଇବାକୁ ହେବ। ଏହାକୁ ଦୁଇ ପ୍ରକାରେ କରାଯାଇ ପାରିବ। ପ୍ରଥମଟି ହେଉଛି ଯେଉଁ ଅଂଚଳରୁ ଦାଦନ ଶ୍ରମିକମାନେ ଗୁଜୁରାଣ ମେଣ୍ଟାଇବା ପାଇଁ ବାହାରକୁ ଯାଉଛନ୍ତି, ସେଠାରେ ସ୍ଥାୟୀ ଓ ଦୀର୍ଘକାଳୀନ ନିଯୁକ୍ତି ବ୍ୟବସ୍ଥା ସୃଷ୍ଟି କରିବାକୁ ହେବ। ମୁଖ୍ୟ ନିଯୁକ୍ତିକାରୀ ସଂସ୍ଥା ବା ଠିକାଦାରଙ୍କର ପଞ୍ଜୀକରଣ କରିବା ଓ ଲାଇସେନ୍ସ ଦେବା ଦିଗରେ କଡାକଡି ଆଇନଗତ ବ୍ୟବସ୍ଥା ଗ୍ରହଣ କରିବା। ଦ୍ୱିତୀୟରେ ଶ୍ରମିକମାନେ ଯେଉଁ ଅଞ୍ଚଳକୁ ଯାଉଛନ୍ତି, ସେଠାର ସରକାର ଦାଦନ ଶ୍ରମିକମାନଙ୍କୁ ମୂଲ୍ୟବାନ ମାନବ ସମ୍ବଳ ଭାବେ ଗ୍ରହଣ କରିବାକୁ ହେବ। ଏହି ଶ୍ରମିକମାନେ ସେମାନଙ୍କର ଲହୁଲୁହ ଦେଇ ଦେଶର ଅର୍ଥନୈତିକ ପ୍ରାଚୁର୍ଯ୍ୟ ସୃଷ୍ଟି କରୁଛନ୍ତି। ଶ୍ରମିକମାନଙ୍କର କଲ୍ୟାଣ ପାଇଁ ଶୋଷଣ ବିରୋଧୀ ଓ ସୁରକ୍ଷା ପ୍ରଦାନକାରୀ ଆଇନ ବ୍ୟବସ୍ଥା ସେହି ରାଜ୍ୟଗୁଡ଼ିକରେ ସଠିକ୍ ଭାବେ କାର୍ଯ୍ୟକାରୀ ହେବା ଉଚିତ୍। କିନ୍ତୁ ବାସ୍ତବରେ ଦେଖା ଯାଉଛି ଏହା ହେଉନାହିଁ। ଶ୍ରମିକମାନେ ଯେଉଁଠାରେ ବାହାର ଅଞ୍ଚଳ କାମ କରିବାକୁ ଯାଉଛନ୍ତି, ସେଠାରେ ଦାଦନ ଶ୍ରମିକମାନେ ଆଇନକାନୁନ, ଅଦାଲତ, ସ୍ଥାନୀୟ ଚଳଣୀ ବିଷୟରେ ସଂପୂର୍ଣ୍ଣ ଅଜ୍ଞ ଏବଂ ସେମାନେ ସଂଗଠିତ ହୋଇନଥିବା ଯୋଗୁଁ ନିଜର ଯୁକ୍ତିଯୁକ୍ତ ସମସ୍ୟାଗୁଡିକୁ ଉପସ୍ଥାପନ ଓ ସମାଧାନ କରିବାରେ ସକ୍ଷମ ହେଉନାହାଁନ୍ତି।

ଦାଦନ ଶ୍ରମ ବ୍ୟବସ୍ଥା ସାମାଜିକ ଓ ଅର୍ଥନୈତିକ ଭାବେ ଦାସତ୍ୱ ଓ ବନ୍ଧନ ଯୁକ୍ତ ହେଲେ ତାହା ଅତି ଦୁର୍ବିସହ ହୋଇପଡେ। ଫରିଦାବାଦ ପଥର ଖଣିର ଶ୍ରମିକମାନଙ୍କ ଶ୍ରମ ଓ ଜୀବନଧାରଣ ଅବସ୍ଥା ନେଇ ରିପୋର୍ଟ ଦାଖଲ କରିବା ନିମନ୍ତେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ କମିଟିର କମିଶନର ଭାବେ ମୁଁ ୧୯୮୪ ମସିହା ମାର୍ଚ୍ଚ ମାସରେ ରିପୋର୍ଟ ଦାଖଲ କରିଥିଲି। ଦାଦନ ଶ୍ରମିକମାନଙ୍କର ବାସ୍ତବ ବିପର୍ଯ୍ୟସ୍ତ ଜୀବନ ଓ ଜୀବିକା ଅବସ୍ଥା ଏହି ରିପୋର୍ଟରେ ପ୍ରତିଫଳିତ। ରିପୋର୍ଟ ଦାଖଲର ସମୟ ଏହା ଭିତରେ ଦଶନ୍ଧି ଅତିକ୍ରାନ୍ତ ହୋଇଗଲାଣି। ସେତେବେଳେ ମୁଁ ଯାହା ଦେଖିଥିଲି ଓ ରିପୋର୍ଟରେ ସନ୍ନିବେଶ କରିଥିଲି, ତାହା ଆଜି ମଧ୍ୟ ସେଠାରେ ଏବଂ ଅନ୍ୟଜାଗାରେ ଯେଉଁଠି ଏପ୍ରକାର ଖଣିଖାଦାନ ଗୁଡ଼ିକୁ ଠିକାଦାରମାନଙ୍କ ଦ୍ୱାରା ପରିଚାଳନା କରାଯାଉଛି। ରାଜସ୍ଥାନର ମରୁଭୂମି ଅଞ୍ଚଳର ଜାଲୋର, ସିକର୍, ଜୟସାଲମୀର, ବାରମୀର ଓ ବିକାନୀର ଜିଲ୍ଲା ସମୂହ, ଉତ୍ତର ପ୍ରଦେଶର ପୂର୍ବାଞ୍ଚଳର ବାନ୍ଦା, ବାଲିଆ, ବସ୍ତି, ଦେଓରିୟା, ଆଜମଗଡ ଓ ଗୋରଖପୁର ଜିଲ୍ଲା ସମୂହର କୃଷି ଶ୍ରମିକମାନଙ୍କୁ ଦାଦନ ଠିକାଦାରମାନେ ଭିନ୍ନ ଭିନ୍ନ ଜାଗାରେ ଥିବା ପଥର ଖଣିରେ ନିଯୁକ୍ତି

ଦେଉଛନ୍ତି । ନିଯୁକ୍ତି ଦେବା ପୂର୍ବରୁ ଶ୍ରମିକମାନଙ୍କୁ ଠିକାଦାରମାନେ କିଛି ଅଗ୍ରୀମ ଅର୍ଥ ଦେଉଛନ୍ତି । ଯାହାକୁ ଶ୍ରମିକମାନେ କାମ କରି ସୁଝିବେ । ଶ୍ରମିକମାନେ ସେହି ଅର୍ଥନେଇ ଗାଁ ମହାଜନଠାରୁ ଆଣିଥିବା ଋଣକୁ ପରିଶୋଧ କରୁଛନ୍ତି । ଶ୍ରମିକମାନଙ୍କୁ ନିଯୁକ୍ତି ଦେବା ପୂର୍ବରୁ ବହୁ ପ୍ରଲୋଭନମୂଳକ ପ୍ରତିଶ୍ରୁତି ଦିଆଯାଉଅଛି କିନ୍ତୁ ଠିକାଦାରମାନେ ତାକୁ କ୍ୱଚିତ୍ ପୂରଣ କରନ୍ତି । ଗରିବ, ନିରୀହ, ନିଷ୍କପଟ ଶ୍ରମିକମାନେ ନିର୍ମମ ଶୋଷଣର ଶିକାର ହୁଅନ୍ତି । ଶ୍ରମ ଦିବସର ସୀମା ବହୁତ ଲମ୍ବା । ଠିକାଦାରମାନଙ୍କ ଗୁମାସ୍ତାମାନେ ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ଦିଅନ୍ତି ନାହିଁ । ନିଜର ଫାଇଦା ଉଠାଇବା ପାଇଁ ସର୍ବନିମ୍ନ ମଜୁରିରୁ କିଛି ପଇସା କାଟି ରଖିଥାଆନ୍ତି । ବହୁତ ଦାଦନ ଶ୍ରମିକ ଅଣକୁଶଳୀ ଓ ଅପାଠୁଆ ହୋଇଥିବାରୁ ଓ ନିଜର ଅନ୍‌ଭିଜ୍ଞତା ଯୋଗୁଁ ବିସ୍ଫୋରଣ ଯନ୍ତ୍ର ଓ ବିସ୍ଫୋରକ ପଦାର୍ଥ ବ୍ୟବହାର ସମୟରେ ଦୁର୍ଘଟଣାର ଶିକାର ହୁଅନ୍ତି । ଏଭଳି ଦୁର୍ଘଟଣା ଗୁଡ଼ିକୁ କ୍ୱଚିତ୍ ଦୃଷ୍ଟିକୁ ଅଣାଯାଏ ଓ ଦୁର୍ଘଟଣାଗ୍ରସ୍ତ ଶ୍ରମିକମାନଙ୍କୁ କ୍ୱଚିତ୍ କ୍ଷତିପୂରଣ ଦିଆଯାଏ । ଓଡିଶାରୁ ଅନ୍ୟ ରାଜ୍ୟକୁ ଯାଉଥିବା ଦାଦନ ଶ୍ରମିକମାନେ ମୃତ୍ୟୁର ସମ୍ମୁଖୀନ ହେଲେ ମଧ୍ୟ ସହଜରେ କ୍ଷତିପୂରଣ ମିଳେନାହିଁ । ବାରମ୍ବାର ମିଳିତ ତଦନ୍ତ କମିଟି ଗଠନ କରି ରିପୋର୍ଟ ପ୍ରଦାନ କଲେ ମଧ୍ୟ ସେମାନେ ଅନେକ ଦିନଧରି ଉପଯୁକ୍ତ କ୍ଷତିପୂରଣରୁ ବଞ୍ଚିତ ରହନ୍ତି । ଦୁର୍ଘଟଣାଗସ୍ତ ଶ୍ରମିକର ଉତ୍ତରାଧିକାରୀମାନେ କାର୍ଯ୍ୟ କ୍ଷେତ୍ରରେ ହଜାରରୁ ଉର୍ଦ୍ଧ୍ୱ କିଲୋମିଟର ଦୂରରେ ରହୁଥିବାରୁ ସେହି ଅଞ୍ଚଳର ଆଇନକାନୁନ, ଅଦାଲତ ବିଷୟରେ ସେମାନେ ସଂପୂର୍ଣ୍ଣ ଅଜ୍ଞ ଓ ଅନଭିଜ୍ଞ । ତେଣୁ ସେମାନେ କ୍ଷିତିପୂରଣ ପାଇଁ ସେମାନଙ୍କର ଦାବୀ ପେସ୍ କରି ପାରନ୍ତି ନାହିଁ । ଶ୍ରମିକଙ୍କ ନିଜ ବାସସ୍ଥାନ ଅଞ୍ଚଳରେ ଥିବା କୋର୍ଟକୁ ମୋକଦ୍ଦମା ସ୍ଥାନାନ୍ତର ହେଲେ ନ୍ୟାୟ ମିଳିବାରେ ସୁବିଧା ହୁଅନ୍ତା । କିନ୍ତୁ ୧୯୨୩ ମସିହାରେ ପ୍ରଣୀତ ହୋଇଥିବା ଶ୍ରମିକ କ୍ଷତିପୂରଣ ଆଇନର ୨୧ ଧାରା ଓ ଉପଧାରା ୨ ଅନୁଯାୟୀ ଏଭଳି ନିଃସର୍ତ୍ତ ସ୍ଥାନାନ୍ତରର ବ୍ୟବସ୍ଥା ନାହିଁ । ତେଣୁ ଗୋଟିଏ ରାଜ୍ୟ ସରକାରଙ୍କ ଅଧୀନସ୍ଥ କୋର୍ଟରୁ ମୋକଦ୍ଦମା ଅନ୍ୟ ରାଜ୍ୟ ସରକାରଙ୍କ ଅଧୀନସ୍ଥ କୋର୍ଟକୁ ଯାଇପାରୁନାହିଁ । ଦାଦନ ଶ୍ରମିକଙ୍କ ପରିବାର ସଦସ୍ୟ ବର୍ଗ ମଧ୍ୟ ଦୁର୍ଘଟଣା ଘଟିଥିବା କାର୍ଯ୍ୟ କ୍ଷେତ୍ରକୁ ଯାଇ ପାରିବେନାହିଁ । କାରଣ ସେମାନେ ଠିକାଦାରଙ୍କଠାରୁ ନେଇଥିବା ଅଗ୍ରୀମ ଅର୍ଥ ପରିଶୋଧ ହୋଇନଥାଏ । ତାଙ୍କ ଉପରେ ଅର୍ଥ ବାକି ରହିଥାଏ । ତେଣୁ ସେମାନଙ୍କ ପରିବାର ବସ୍ତୁତଃ ଠିକାଦାର ଓ ଗୁମାସ୍ତାଙ୍କ କବ୍‌ଜାରେ ରହିବାକୁ ବାଧ୍ୟ । ଶ୍ରମିକମାନଙ୍କ ସ୍ୱାଧୀନତା ପ୍ରତି ଏହି ବ୍ୟବସ୍ଥା ଏକ ନିର୍ମମ କୁଠାରାଘାତ । କମିଶନର ଭାବେ ୧୯୮୪ ମସିହାରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟରେ ଯେଉଁ ରିପୋର୍ଟ ମୁଁ ଦାଖଲ କଲି, ନ୍ୟାୟାଳୟ ତାକୁ ଗ୍ରହଣ କଲେ ଓ ବନ୍ଧୁଆ ଶ୍ରମିକ ଭାବରେ ରହିଥିବା ୩୬୯ ଜଣ ଦାଦନ ଶ୍ରମିକଙ୍କୁ ତୁରନ୍ତ ମୁକ୍ତ କରିବାକୁ ହରିଆନା ସରକାରଙ୍କୁ ନିର୍ଦ୍ଦେଶ ଦେଲେ ।

ଏହି ୩୬୯ ଶ୍ରମିକଙ୍କୁ ବନ୍ଧୁଆ ଶ୍ରମିକ ଭାବେ ମୁଁ ଚିହ୍ନଟ କରିଥିଲି । ତା'ପରେ ସେମାନଙ୍କୁ ନିଜ ରାଜ୍ୟକୁ ପଠାଇବାର ବ୍ୟବସ୍ଥା କରାଗଲା । ସେମାନେ କିପରି ଠିକ୍ ଭାବରେ ଥଇଥାନ ହେବେ ସେଥିପାଇଁ ପଦକ୍ଷେପ ନିଆଗଲା । ସାମାଜିକ, ଅର୍ଥନୈତିକ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇ ନଥିବାରୁ ଏହି ଶ୍ରମିକମାନେ ଗୋଟିଏ ଋଣ ଯନ୍ତାରୁ ମୁକୁଳି ଆଉ ଗୋଟିଏ ଋଣ ଯନ୍ତାରେ ପଡୁଛନ୍ତି । ଜଣେ ଠିକାଦାର, ଗୁମାସ୍ତା ଓ ମହାଜନ କବଳରୁ ଖସି ଆଉ ଜଣେ ଠିକାଦାର, ଗୁମାସ୍ତା ଓ ମହାଜନର କବ୍‌ଜାରେ ପଡିବାକୁ ବାଧ୍ୟ ହେଉଛନ୍ତି । ପ୍ରତିଦିନ କୃଷିକ୍ଷେତ୍ର ସଂକୁଚିତ ହେଉଥିବାରୁ କୃଷି ଶ୍ରମିକମାନେ ଅଣକୃଷି କ୍ଷେତ୍ରରେ ପ୍ରବେଶ କରୁଛନ୍ତି ବା ଦାଦନ ଶ୍ରମିକ ହେବାକୁ ବାଧ୍ୟ ହେଉଛନ୍ତି ଯେଉଁଥିପାଇଁ  ନିଜର ଗୁଜୁରାଣ ନିମନ୍ତେ ହାଡ଼ଭଙ୍ଗା ପରିଶ୍ରମ କରିବାକୁ ପଡୁଛି । ରାଜ୍ୟ ସରକାରଙ୍କ ମାନସିକତା ଓ ଗତାନୁଗତିକ ତୃଟିପୂର୍ଣ୍ଣ ଯୋଜନା ଯୋଗୁଁ ଦାଦନ ଓ ଗୋତି ଶ୍ରମିକମାନଙ୍କ ଦୁଃଖ, ହତାଶା ଓ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଇ ଚାଲିଛି । ହରିଆନା ସରକାରଙ୍କ ଉଦାହରଣ ନିଆଯାଉ । ଦେଶର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ତଦନ୍ତ କମିଶନରଭାବେ ମୁଁ ୩୬୯ ବନ୍ଧୁଆ ଶ୍ରମିକଙ୍କୁ ୧୯୮୪ରେ ଚିହ୍ନଟ କରିବା ପରେ ମଧ୍ୟ ହରିଆନା ସରକାର ଘୋଷଣା କଲେ ଯେ, ତାଙ୍କ ରାଜ୍ୟରେ କୌଣସି ବନ୍ଧୁଆ ଶ୍ରମିକ ନାହାଁନ୍ତି । ପଥର ଖଣି କଟା ଅଞ୍ଚଳରେ ସେହି ଭଳି ଦୁଃସ୍ଥ ଅବସ୍ଥାରେ ରହୁଥିବା ଶ୍ରମିକମାନଙ୍କୁ ମଧ୍ୟ ସରକାର ବନ୍ଧୁଆ ଶ୍ରମିକ ଭାବେ ସ୍ୱୀକାର କଲେନାହିଁ । ହରିଆନାର ସିହାରୀ ଜିଲ୍ଲାର ଏକ ପଥର ଖଣିର ୧୬୦ ଶ୍ରମିକଙ୍କ ଦୁର୍ଦ୍ଦଶା ବିଷୟକୁ ମୁଁ ଦର୍ଶାଇଛି । କେନ୍ଦ୍ର ଶ୍ରମମନ୍ତ୍ରୀ ଏମ.ପି. ବୀରେନ୍ଦ୍ର କୁମାର ଓ ମୁଁ ୧୯୯୭ ଜୁଲାଇରେ ନୂଆଦିଲ୍ଲୀସ୍ଥ ଜନ୍ତରମନ୍ତର ରାସ୍ତାର ୭ ନମ୍ବର ଘରେ ଥିବା ବନ୍ଧୁଆ ମୁକ୍ତି ମୋର୍ଚ୍ଚାର ଅଫିସରେ ଆଶ୍ରୟ ନେଇଥିବା ଗୋତି ଶ୍ରମିକମାନଙ୍କ ଦୁଃଖ ଓ ଦୟନୀୟତାକୁ ଦେଖିଛୁ । ଆମେ ବହୁ ଶ୍ରମିକଙ୍କୁ ଭେଟିଲୁ, ଯେଉଁମାନେ କି ପଥର ଭାଙ୍ଗିବା ପାଇଁ ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି । ଆମେ ଜଣେ ମହିଳାଙ୍କୁ ଭେଟିଲୁ ଯେ, କି ନିଜର ଲଜ୍ଜ୍ୟା ନିବାରଣ ପାଇଁ ବହୁବର୍ଷ ଧରି ଗୋଟିଏ ଚିରା ଶାଢ଼ୀକୁ ପିନ୍ଧିଥିଲେ । ଏହି ପଥର ଭଙ୍ଗା ଶ୍ରମିକମାନେ ଚର୍ଖିଦାଦ୍ରୀ ଠିକାଦାରଙ୍କ କବ୍‌ଜାରୁ ଖସି ଆସି ପାରିଲେ କିନ୍ତୁ ବର୍ତ୍ତମାନ ସେମାନେ ଆଉ କାମ କରିବା କଥା ଚିନ୍ତା କରିପାରୁନାହାଁନ୍ତି । ଆମେ ହରିଆନା ସରକାର ଓ ହିସାର ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ପତ୍ର ଲେଖିଲୁ ଓ ଶ୍ରମିକମାନଙ୍କ ଅବସ୍ଥା ସଂପର୍କରେ ସୂଚନା ଦେଲୁ । ଆମେ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କଲୁ ଯେ, ଏହି ଶ୍ରମିକମାନଙ୍କୁ ବନ୍ଧୁଆ ଶ୍ରମିକ ବ୍ୟବସ୍ଥା ଉଚ୍ଛେଦ ଆଇନ ଧାରା ୨ ଅନୁଯାୟୀ ସାର୍ଟିଫିକେଟ ପ୍ରଦାନ କରାଯାଉ ଫଳରେ ସେମାନେ ନିଜ ରାଜ୍ୟ ମଧ୍ୟପ୍ରଦେଶରେ ଥଇଥାନ ପାଇଁ ସରକାରଙ୍କ ପାଖରେ ଦାବୀ କରିପାରିବେ । କିନ୍ତୁ

ଆଶ୍ଚର୍ଯ୍ୟର କଥା ଜିଲ୍ଲା ମାଜିଷ୍ଟ୍ରେଟ ବା ହରିଆନା ସରକାର କୌଣସି ସାର୍ଟିଫିକେଟ ପ୍ରଦାନ କଲେନାହିଁ। କେନ୍ଦ୍ର ଶ୍ରମମନ୍ତ୍ରୀ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କୁ ହସ୍ତକ୍ଷେପ କରିବା ପାଇଁ ଜଣାଇବା ପରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ମୁତାବକ୍ ପୁନର୍ବାସ କରିବାପାଇଁ ସେହି ଶ୍ରମିକମାନଙ୍କୁ ମଧ୍ୟପ୍ରଦେଶ ଅଣାଗଲା। ବନ୍ଧୁଆ ଶ୍ରମିକ ବ୍ୟବସ୍ଥା ଉଚ୍ଛେଦ ଆଇନ ୧୯୭୬ ମସିହାରେ ପ୍ରଣୀତ ହେଲା କିନ୍ତୁ ବନ୍ଧୁଆ ଶ୍ରମିକ ବ୍ୟବସ୍ଥା ଉଚ୍ଛେଦ ଅଧ୍ୟାଦେଶ ତା.୨୫.୧୦.୧୯୭୫ରେ ଘୋଷଣା ହେବା ଦିନଠାରୁ ଏହି ଆଇନ କାର୍ଯ୍ୟକାରୀ ହେଲା। ୧୯୮୫ରେ ସଂଶୋଧନ କରାଯାଇ ବନ୍ଧୁଆ ଶ୍ରମିକ ପରିଭାଷାରେ ପରିବର୍ତ୍ତନ ଅଣାଗଲା। ଆଇନର ୨ ଧାରା ଅନୁଯାୟୀ ଥିବା ସର୍ତ୍ତକୁ ଜଣେ ଶ୍ରମିକ ପୂରଣ କଲେ, ସେ ଠିକା ବା ଦାଦନ ଶ୍ରମିକ ହେଉ ପଛେ ବନ୍ଧୁଆ ଶ୍ରମିକ ଭାବେ ଗଣ୍ୟ ହେବେ। ଯଦିଓ ୧୯୮୪ରେ ଆଇନରେ ସଂଶୋଧନ ଅଣାଗଲା, କୌଣସି ଠିକା, ସାମୟିକ ଓ ଦାଦନ ଶ୍ରମିକକୁ ବନ୍ଧୁଆ ଶ୍ରମିକ ଭାବେ ଏପର୍ଯ୍ୟନ୍ତ ଚିହ୍ନଟ କରାଗଲା ନାହିଁ ବା ତାକୁ ଥଇଥାନ କରାଗଲାନାହିଁ।

ବନ୍ଧୁଆ ମୁକ୍ତିମୋର୍ଚ୍ଚା ବନ୍ଧୁଆ ଶ୍ରମିକ ମାମଲା ନେଇ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ୧୬/୧୨/୧୯୮୩ରେ ଏକ ଐତିହାସିକ ରାୟରେ ଶ୍ରମ ଓ ଶ୍ରମିକର ମୌଳିକ ଗୁଣରାଜି ଭିତ୍ତିରେ ଏହାର ବ୍ୟାପକ ଓ ନମନୀୟ ସଂଜ୍ଞା ପ୍ରଦାନ କରି କହିଲେ ଋଣ ଗ୍ରହୀତା ଓ ଋଣ ଦାତା ସମାଜର ଦୁଇଟି ବିରୋଧାତ୍ମକ ଅଙ୍ଗ। ଗ୍ରହୀତା ହେଉଛି ଗରିବ, ଦୁର୍ବଳ ଓ ସମ୍ପତ୍ତିହୀନ। ଋଣ ଦାତା ହେଉଛି ଧନୀ, ଶକ୍ତିଶାଳୀ ଓ ଅତ୍ୟନ୍ତ ପ୍ରଭାବଶାଳୀ। ସେମାନଙ୍କ ଭିତରେ ସମ୍ପର୍କ ହେଉଛି ସମାନତା ବିହୀନ ବିନିମୟ ସଂପର୍କ (Artificial)। ଯଦି ଗ୍ରହୀତା ବିନା ମୂଲ୍ୟରେ ଋଣ ଦାତା ପାଇଁ କିଛି ସେବା ପ୍ରଦାନ କରେ, ତେବେ ସେ ତାହା ଦୟାପରବଶ ହୋଇ କରୁନାହିଁ। ଋଣ ଦାତା ପ୍ରତି ଅର୍ଥନୈତିକ କାରଣରୁ କିଛି ସେବା କରିବାକୁ ସେ ବାଧ୍ୟ ହେଉଛି। ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ମତ ଅନୁଯାୟୀ ଋଣ ଦାତା ଓ ଗ୍ରହୀତା ମଧ୍ୟରେ କରଜ, ଋଣ ବା ଅଗ୍ରୀମ ଅର୍ଥ ଗ୍ରହଣର ପ୍ରମାଣ ଆବଶ୍ୟକ ନାହିଁ। ଏଭଳି ସମ୍ପର୍କ ସବୁବେଳେ ରହିଆସିଛି ବୋଲି ଧରି ନିଆଯିବା ଦରକାର। ନ୍ୟାୟାଳୟ ମଧ୍ୟ ଆହୁରି କହୁଛନ୍ତି ଯେ, ସର୍ବନିମ୍ନ ମଜୁରି ପ୍ରଦାନକୁ ପ୍ରତ୍ୟାଖାନ କରିବା ଅର୍ଥ ହେଉଛି ବଳପୂର୍ବକ ଶ୍ରମ ଆଦାୟ କରିବା ଏବଂ ଏହା ହେଉଛି ବନ୍ଧୁଆ ଶ୍ରମ ପ୍ରଥା। ଜଣେ ମାଲିକ ପାଖରେ କାମ କରୁଥିବା ଶ୍ରମିକ ଯଦି କରଜ, ଋଣ ବା ଅଗ୍ରୀମ ନେଇଥାଏ, ତେବେ ତାହା ଅଲଗା ବିଷୟ ହୋଇପାରେ। କିନ୍ତୁ ତାହା ବ୍ୟତିରେକ ଜଣେ ଶ୍ରମିକ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସର୍ବନିମ୍ନ ମଜୁରି ଠାରୁ କମ୍‌ରେ କୌଣସି ପ୍ରକାର କାମ ଗ୍ରହଣ କରିବା ଉଚିତ୍ ନୁହେଁ।

ମଜୁରି ପ୍ରଦାନ କ୍ଷେତ୍ରରେ ସାଧାରଣ ଭାବରେ ଦେଖାଯାଏ ଏବଂ ଯାହାକୁ କି ନ୍ୟାୟାଳୟ ଗ୍ରହଣ କରନ୍ତି, ଜଣେ ଶ୍ରମିକ ମାଲିକ ଠାରୁ କୌଣସି ଅଗ୍ରୀମ ଅର୍ଥ କିମ୍ବା ଅର୍ଥନୈତିକ ସୁବିଧା ସୁଯୋଗ ପାଇଥିଲେ ବନ୍ଧୁଆ କାମ କରିବାକୁ ବାଧ ହୁଏ। ନଚେତ୍ ଅନ୍ୟ କୌଣସି ପରିସ୍ଥିତିରେ ବିନା ମଜୁରିରେ କିମ୍ବା ସ୍ୱଳ୍ପ ମଜୁରିରେ କିମ୍ବା ଅଗ୍ରୀମ ଅର୍ଥ ନଫେରାଇବାରୁ ଆଳ କରି ଜଣେ ଶ୍ରମିକକୁ ବଳପୂର୍ବକ ମାଲିକ ପାଖରେ କାମ କରାଇବା ଠିକ୍ ନୁହେଁ ବା ସେଭଳି ସ୍ଥିତି ସୃଷ୍ଟି ହେବା ମଧ୍ୟ ଉଚିତ୍ ନୁହେଁ। ଯେଉଁଥିରେ ସେ ତାର ଗରିମା ଓ ମର୍ଯ୍ୟାଦାର ସହ ଶ୍ରମ କରିବାର ସ୍ୱାଧୀନତା ହରାଇବ। ତେଣୁ ଯେତେବେଳେ ଜଣେ ଶ୍ରମିକ ବଳପୂର୍ବକ ଶ୍ରମ କରିବାକୁ ବାଧ ହୁଏ, ନ୍ୟାୟାଳୟ ଅନୁଭବ କରନ୍ତି ଯେ, ଶ୍ରମିକ ଜଣକ କିଛି ଅର୍ଥ ଅଗ୍ରୀମ ପାଇଁ ବା ଅନ୍ୟ ଅର୍ଥନୈତିକ ସୁବିଧା ଗ୍ରହଣ ପାଇଁ ଏ ପ୍ରକାର ଶ୍ରମ ଦେବାକୁ ବାଧ ହୋଇଛି। ସେ ଯଦି ମାଲିକ ପାଖରେ ଉପଯୁକ୍ତ ମଜୁରି ନ ନେଇ କାମ କଲା ତେବେ ତାକୁ ଜଣେ ଗୋତି ଶ୍ରମିକ ଭାବେ ବିଚାର କରାଯିବ। ଏ ବିଚାରକୁ ମାଲିକ ଓ ରାଜ୍ୟ ସରକାର ଖଣ୍ଡନ କରିପାରନ୍ତି କିନ୍ତୁ ଉପଯୁକ୍ତ ଓ ସନ୍ତୋଷଜନକ ପ୍ରମାଣର ଅଭାବ ହେଲେ କୋର୍ଟଙ୍କ ମତ, ଶ୍ରମିକ ଜଣଙ୍କ ଗୋତି ଶ୍ରମିକ ଓ ଗୋତି ଶ୍ରମିକ ଉଚ୍ଛେଦ ଆଇନ୍ ଅନୁସାରେ ସମସ୍ତ ସୁଯୋଗ ପାଇବାକୁ ହକ୍‌ଦାର।

ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ଏହିଭଳି ବିଚାରର ମହନୀୟତା ଓ ଯଥାର୍ଥତା ଠିକା ଶ୍ରମିକ ଉପରେ ଦୁଇଟି ଯୁଗାନ୍ତକାରୀ ରାୟ ଯଥା, ଗୁଜୁରାଟ ରାଜ୍ୟ ବିଦ୍ୟୁତ୍ ବୋର୍ଡର ଉକାଇ ଥର୍ମାଲ ପାୱାର ଷ୍ଟେସନ୍ ଓ ହିନ୍ଦ ମଜଦୁର ସଭା ମଧ୍ୟରେ ହୋଇଥିବା ମୋକଦ୍ଦମା (୧୯୯୫ର ମୋକଦ୍ଦମା ନମ୍ବର ୫୪୯୭) ଏବଂ ଏୟାର ଇଣ୍ଡିଆ ଷ୍ଟାଚ୍ୟୁଟାରୀ କର୍ପୋରେସନ୍ ଓ ୟୁନାଇଟେଡ୍ ଲେବର ୟୁନିୟନ୍ (୧୯୯୬ର ମୋକଦ୍ଦମା ନମ୍ବର ୧୫୫୩୨ରୁ ୧୫୫୩୭ପର୍ଯ୍ୟନ୍ତ) ହୋଇଥିବା ମକଦ୍ଦମାରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଛି। ଦୁଇଟି ମକଦ୍ଦମା ରାୟରେ ପ୍ରକାଶିତ ଆଭିମୁଖ୍ୟ ନିମ୍ନରେ ପ୍ରକାଶ କରାଗଲା।

**୧.** ଠିକା ଶ୍ରମିକ ପ୍ରଥା ଉଚ୍ଛେଦ ହେଲେ ଶ୍ରମିକମାନେ ଅତି ଅସୁବିଧାଜନକ ପରିସ୍ଥିତିରେ ପଡିବେ। କାରଣ ସେମାନଙ୍କୁ ଠିକାଦାର ନିଯୁକ୍ତି ଦେବନାହିଁ ଏବଂ ଶିଳ୍ପ ପ୍ରତିଷ୍ଠାନରେ ମାଲିକ ମଧ୍ୟ ଶ୍ରମିକମାନଙ୍କୁ ନିଯୁକ୍ତି ଦେବାକୁ ବାଧ ନୁହେଁ।

**୨.** ଗୋତି ଶ୍ରମିକ ଉଚ୍ଛେଦ ଆଇନ୍‌ରେ ଯଥେଷ୍ଟ ସୁବିଧା ସୁଯୋଗ ରହିଛି। କିନ୍ତୁ ଠିକା ଶ୍ରମିକ ବ୍ୟବସ୍ଥା ବନ୍ଦ ହୋଇଗଲେ କାମ କରୁଥିବା ଶ୍ରମିକମାନେ ଆପେ ଆପେ କୌଣସି ସାହାଯ୍ୟ ପାଇବା ପାଇଁ ଆଇନ୍‌ରେ ଉଲ୍ଲେଖ ନାହିଁ। ଠିକା ଶ୍ରମିକ ପ୍ରଥା ବନ୍ଦ ପରେ କାମ କରୁଥିବା ଶ୍ରମିକମାନେ ଆପଣା ଛାଏଁ ସେହି ଶିଳ୍ପ ପ୍ରତିଷ୍ଠାନରେ ନିଯୁକ୍ତି ପାଇବା ବିଷୟ

ଆଇନ୍‌ରେ ସ୍ପଷ୍ଟଭାବେ ଦର୍ଶାଯାଇ ନାହିଁ। ସମସ୍ତ ପ୍ରକାର ସାମାଜିକ ଅନ୍ୟାୟ ଦୂର କରିବା ପାଇଁ ରାଷ୍ଟ୍ର ଅନୁରୂପ ସାମାଜିକ- ଅର୍ଥନୈତିକ ସଂସ୍କାରମୂଳକ କାର୍ଯ୍ୟକ୍ରମ ବହନ କରିବା ଉଚିତ୍। ଏହି ସଂସ୍କାର ପ୍ରତ୍ୟୟ ଦ୍ୱୟ ରାଷ୍ଟ୍ର ବିକାଶ ଧାରାକୁ ସୁନିଶ୍ଚିତ କରିବାପାଇଁ ସୁବିଧା ସୁଯୋଗ ଯୋଗାଇବ ଏବଂ ବିକାଶ ବାଟରେ ଥିବା ସମସ୍ତ ପ୍ରତିବନ୍ଧକକୁ ହଟାଇବ।

**୩.** ଗରିବ, ଦୁର୍ବଳ, ଦଳିତ, ଆଦିବାସୀ ଓ ସମାଜର ନିଷ୍ପେସିତ ଜନସାଧାରଣଙ୍କ ଦୁଃଖ, ନିର୍ଯାତନାକୁ ଦୂରକରିବା ପାଇଁ ଏବଂ ସମାଜର ପ୍ରତ୍ୟେକ ମଣିଷକୁ ମର୍ଯ୍ୟାଦାର ସହିତ ସମାନ ଭାବରେ ଜୀବନଧାରଣ କରିବାର ସ୍ତରକୁ ନେଇଯିବାରେ ସାମାଜିକ ନ୍ୟାୟ ଏକ ଯୁଗାନ୍ତକାରୀ ଅସ୍ତ୍ର।

**୪.** ଅର୍ଥନୈତିକ ଆବଶ୍ୟକତା ଯଥେଷ୍ଟ ଉପଲବ୍ଧ ହେଉନଥିବାରୁ କାମ କରିବାର ଅଧିକାରକୁ ଏକ ମୌଳିକ ଅଧିକାର ଭାବେ ଘୋଷଣା କରାଯାଇ ନଥିଲା। କିନ୍ତୁ ଶ୍ରମିକ, ନିମ୍ନଶ୍ରେଣୀ, ମଧ୍ୟବିତ ଓ ଗରିବ ଲୋକମାନଙ୍କର କାମ କରିବାର ଅଧିକାର ବିକାଶ ପ୍ରକ୍ରିୟାକୁ ଆଗେଇ ନେବାରେ ଓ ଜୀବନଧାରଣର ଉତ୍ସଭାବେ କାର୍ଯ୍ୟ କରିବ।

**୫.** ଠିକା ଶ୍ରମିକ ନିଯୁକ୍ତି ବନ୍ଦ ହେଲେ ଆଇନରେ ଠିକାଦାରର କୌଣସି ଭୂମିକା ରହିବନାହିଁ ଏବଂ ଠିକାଦାର ଦ୍ୱାରା ନିଯୁକ୍ତ ହୋଇଥିବା ଶ୍ରମିକ ଓ ମୁଖ୍ୟ ନିଯୁକ୍ତିଦାତା ମଧ୍ୟରେ କର୍ମଚାରୀ ଓ ନିଯୁକ୍ତି ଦାତାର ସିଧାସଳଖ ସମ୍ପର୍କ ସୃଷ୍ଟି ହେବ। ଠିକା ଶ୍ରମିକ ବ୍ୟବସ୍ଥା ବନ୍ଦ ହେଲେ କାମ କରୁଥିବା ଠିକା ଶ୍ରମିକମାନେ କାମ ହରାଇବେ ଅର୍ଥାତ୍ ପାଣି କୁଣ୍ଡ ସହିତ କଅଁଳା ଶିଶୁକୁ ଫୋପାଡିବା ଭଳି କାମ ହେବ।

ଉପର ବର୍ଣ୍ଣିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ରାୟରେ ମାନ୍ୟବର ସୁପ୍ରିମ୍ କୋର୍ଟ ଦେଇଥିବା ନିର୍ଦ୍ଦେଶକୁ ମୁଖ୍ୟ କର୍ମଚାରୀ ଓ ଆନୁସଙ୍ଗିକ କର୍ମଚାରୀ ଅଧିକ କୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଧ୍ୟରେ ସନ୍ତୁଳନ ରକ୍ଷାକରି ଆବଶ୍ୟକ ଶ୍ରମ ଶକ୍ତି ସଂଗ୍ରହ କରିବାରେ ନିଯୁକ୍ତିଦାତା ମାଲିକ ଠିକା ଶ୍ରମିକଙ୍କୁ ବ୍ୟବହାର କରୁଛନ୍ତି। ଏଭଳି ସନ୍ତୁଳନ ଦ୍ୱାରା ମୋଟ ମଜୁରି ଦେୟ ଓ ଖର୍ଚ୍ଚ କମିଯାଉଛି। ଅଧିକ ଉତ୍ପାଦନଶୀଳତା ଓ କମ୍ ପ୍ରଶାସନିକ ଖର୍ଚ୍ଚ ନାମରେ ମାଲିକମାନେ ଠିକାରେ ଅଧିକ ଶ୍ରମିକ ନିଯୁକ୍ତି ଦେଉଛନ୍ତି ଓ କେତେକ ବାହାରେ ଠିକାରେ କରୁଛନ୍ତି। ଗତ ପାଞ୍ଚବର୍ଷର ଅଭିଜ୍ଞତା ଦର୍ଶାଉଛି ଯେ, ଯେଉଁଠାରେ ନିୟମିତ ଚାକିରିଆ ବା ଶ୍ରମିକ ନିଯୁକ୍ତି ହେଉଥିଲେ ସେଠାରେ ମଧ୍ୟ ଠିକା ଓ ସାମୟିକ ଶ୍ରମିକ ନିଯୁକ୍ତ ହେଉଛନ୍ତି। ଏପରିକି କେନ୍ଦ୍ର ସରକାର କର୍ତ୍ତୃତ୍ୱାଧୀନ ସଂସ୍ଥା, ଯେଉଁଠାରେ ଆଇନ୍‌ର ପବିତ୍ରତା ଓ ଭାବଧାରା ଭଲଭାବରେ କାର୍ଯ୍ୟକାରୀ ହେବା କଥା ସେଠାରେ ମଧ୍ୟ ଠିକାରେ କାମ ଆଦାୟ କରିବା ପାଇଁ ଉଦ୍ୟମ ହେଲାଣି। ଫଳରେ ସଂଗଠିତ କ୍ଷେତ୍ରରେ ନିୟମିତ ନିଯୁକ୍ତି

ସଂଖ୍ୟା ହ୍ରାସ ପାଉଛି ଏବଂ ଠିକା ଓ ସାମୟିକ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଠିକା ଓ ସାମୟିକ ଶ୍ରମିକମାନେ ଅଧିକ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ ତଥା ସାକ୍ଷରତା ଦିଗରେ ବହୁ ପଛୁଆ ହୋଇଥିବାରୁ ସେମାନେ ଠିକାଦାର ଓ ମୁନସୀଙ୍କ ଠକାମିର ଶିକାର ହୁଅନ୍ତି । ତେଣୁକରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଠିକା ଶ୍ରମିକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଶ୍ରମିକ ସଂଗଠନମାନେ ସ୍ୱର ଉତ୍ତୋଳନ କରୁଛନ୍ତି । ଶ୍ରମିକ ସଂଗଠନମାନଙ୍କ ଦାବି ଫଳରେ ଆନ୍ତର୍ଜାତୀୟ ଶ୍ରମସଂଗଠନ ଠିକା ଶ୍ରମ ଉପରେ ଏକ ନୂତନ ଆନ୍ତର୍ଜାତୀୟ ନିର୍ଦ୍ଦେଶନାମା ପ୍ରଣୟନ କରିବା ପାଇଁ ଉଦ୍ୟମ କରୁଅଛି ।

ବର୍ତ୍ତମାନ ଦେଖାଯାଉଛି, ନୂତନ ଅର୍ଥନୈତିକ ନୀତି ଓ ଏହାର ଅନୁବର୍ତ୍ତୀ କାର୍ଯ୍ୟକ୍ରମ ପ୍ରଣୟନ ହେବା ପରେ ଅନେକ ପ୍ରକାର ସମସ୍ୟା ସୃଷ୍ଟି ହୋଇଛି । ବିଶ୍ୱ ଅର୍ଥନୀତି ସହିତ ଜାତୀୟ ଅର୍ଥନୀତିକୁ ସାମିଲ୍ କରିବା, ବିଶ୍ୱ ବଜାର ସହିତ ଦେଶୀୟ ବଜାରକୁ ଯୋଡିବା, ଶିଳ୍ପ କ୍ଷେତ୍ରରେ କଟକଣା ଉଠାଇ, ଲାଇସେନ୍ସ ବ୍ୟବସ୍ଥା ରଦ୍ଦ କରି ଓ ସରକାରୀ ନିୟନ୍ତ୍ରଣ ବ୍ୟବସ୍ଥା ପ୍ରତ୍ୟାହାର କରି ଭାରତୀୟ ଶିଳ୍ପକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତା ମୂଳକ କରିବା, ଭାରତରେ ବିଦେଶୀ ପୁଞ୍ଜି ବିନିଯୋଗ ପାଇଁ ସୁଯୋଗ ଦେବା ଓ ବର୍ତ୍ତମାନ ସୃଷ୍ଟି ହୋଇଥିବା ଆର୍ଥିକ ନିଅଣ୍ଟିଆ ବ୍ୟବସ୍ଥା, ଆୟ ଓ ବ୍ୟୟ ମଧ୍ୟରେ ଥିବା ତାରତମ୍ୟ ତଥା ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ପଦକ୍ଷେପ ସ୍ୱାଗତ ଯୋଗ୍ୟ ମାତ୍ର ଏହା ଯୋଗୁ ଅନେକଗୁଡ଼ିଏ ଆନୁସଙ୍ଗିକ ସମସ୍ୟା ସୃଷ୍ଟି ହୋଇଛି ଯାହା ଶ୍ରମିକ ସ୍ୱାର୍ଥର ପରିପନ୍ଥୀ । ଏହାର ବିପରୀତ ପରିପ୍ରେକ୍ଷୀରେ କେନ୍ଦ୍ରରେ ପ୍ରତିଷ୍ଠିତ ମେଣ୍ଟ ସରକାରର ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ ଆଧାରରେ ଶ୍ରମିକମାନଙ୍କ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବା ଦିଗରେ ନୂତନ ଆଶା ସଂଚାର କରିଛନ୍ତି । ସରକାରଙ୍କ ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମରେ ଏହି ବିଷୟରେ ଉଲ୍ଲେଖ କରାଯାଇଛି ଯେ, ଶ୍ରମ କେବଳ ଏକ ବିକ୍ରୟ ପଦାର୍ଥ ନୁହେଁ, ଉତ୍ପାଦନର ଏକ ତଥ୍ୟଗତ ସଂସ୍ଥା ନୁହେଁ କିମ୍ବା କେବଳ ବିକାଶ ପାଇଁ ଏକ ଉତ୍ସ ନୁହେଁ, ଶ୍ରମ ବିକାଶ ଧାରାର ଏକ ଅଂଶୀଦାର ଓ ସକ୍ରିୟ ସହଯୋଗୀ ଅଟେ ।

ଶ୍ରମ ସଂପର୍କିତ ଏହି ଧାରଣାଗୁଡ଼ିକ ୧୯୧୮ ମସିହାର ଫିଲାଡ଼େଲ୍‌ଫିଆ ଘୋଷଣାନାମାରେ ଅନୁବନ୍ଧିତ ଥିବା ଅତ୍ୟନ୍ତ ପ୍ରୋତ୍ସାହକ ଲିପିରାଜିରୁ ଓ ଆନ୍ତର୍ଜାତୀୟ ଶ୍ରମ ସଂଗଠନର ୩୭ ତମ ଘୋଷଣାନାମାରୁ ବାସ୍ତବଭାବେ ଓ ଏହାକୁ ଯୁକ୍ତି ଯୁକ୍ତ ସ୍ତରରେ ଗ୍ରହଣ କରାଯାଇଛି । ଏହି ନୀତି ଓ ଧାରାକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେଇଛି, ଯେପରିକି ଅମାନବୀୟ ଅବସ୍ଥାରେ ଶ୍ରମ ବିନିଯୁକ୍ତ ହେବ ।

ମଜୁରି, ଛଟେଇ, ବହିଷ୍କାର ପ୍ରଭୃତି କ୍ଷେତ୍ରରେ ଶ୍ରମପାଇଁ ଭୁଲ ନୀତି ଗ୍ରହଣ କରାନଯାଉ । ସଠିକ୍ ଓ ଉପଯୁକ୍ତ ମଜୁରି ପ୍ରଦାନ କରାଯାଉ ଯାହା ଜଣେ ଶ୍ରମିକର ପରିବାର ଚଳିବା

ପାଇଁ ଯଥେଷ୍ଟ ହେବ । କାର୍ଯ୍ୟ କ୍ଷେତ୍ରରେ ଦୁର୍ଘଟଣା ଘଟିଲେ, ଠିକ୍ ସମୟରେ କ୍ଷତିପୂରଣ ଦିଆଯାଉ, କୌଣସି ପ୍ରକାର ଆଘାତ ହେଲେ, ରୋଗ ହେଲେ, ପ୍ରସବ କାଳୀନ ଅକ୍ଷମତା ଓ ବୃଦ୍ଧାବସ୍ଥାରେ ସର୍ବନିମ୍ନ ନିରାପତ୍ତା ଯୋଗାଇ ଦିଆଯାଉ । ତାହାହିଁ ହେବ ବାସ୍ତବରେ ସାମାଜିକ ସୁରକ୍ଷା ।

ଯଦି ଆମେ ସମସ୍ତ ପ୍ରକାର ଅଣସଂଗଠିତ ଶ୍ରମିକମାନଙ୍କର ସମସ୍ୟାକୁ ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କରିବା ତାହାହେଲେ ସାମାଜିକ ନ୍ୟାୟ ଯୋଗାଇବା ପ୍ରକ୍ରିୟାର ତାହା ହେବ ପ୍ରଥମ ପାବଚ୍ଛ । ଅଣସଂଗଠିତ ଶ୍ରମିକମାନଙ୍କୁ ସକ୍ରିୟ କରିବା ପାଇଁ ସେମାନଙ୍କ ନିର୍ଭରଶୀଳତା ଓ ଅସହାୟତା ଜନିତ ମୌନ ସଂସ୍କୃତିକୁ ଭାଙ୍ଗି ସେମାନଙ୍କୁ ସଚେତନ କରିବା ସକାଶେ ଅନେକ ସଂଗଠନ ତୃଣମୂଳ ସ୍ତରରୁ ନିରବଚ୍ଛିନ୍ନ ଭାବେ ଚେଷ୍ଟା ଚଳାଇ ଆସୁଛନ୍ତି । ସେମାନଙ୍କୁ ପ୍ରଗତି ଓ ଅଗ୍ରଗତିର ଅଂଶୀଦାର ରୂପେ ସ୍ୱୀକୃତି ଦେବାକୁ ଉଦ୍ୟମ କରିଆସୁଛନ୍ତି । ମାତ୍ର ବିଡ଼ମ୍ବନା ହେଉଛି ଯେ ସେମାନେ ସ୍ୱଳ୍ପ ଆୟ ଓ ଅନିଶ୍ଚିତ ତଥା ଅନିୟମିତ ନିଯୁକ୍ତିର ଶିକାର ହୋଇ ରହିଛନ୍ତି । ଏପରି କାହିଁକି ? ପ୍ରସିଦ୍ଧ ଶ୍ରମ ଅର୍ଥନୀତିଜ୍ଞ ଶ୍ରୀମତୀ ଶିଳାଭାଲ୍ଲା ପଞ୍ଜାବର ଅମୃତସର ଠାରେ ଅନୁଷ୍ଠିତ ଏଆଇଟିୟୁସିର ୩୬ତମ ଅଧିବେଶନରେ ପ୍ରକାଶ କରିଥିଲେ ଯେ, ନବେ ଦଶକରେ ଅର୍ଥନୀତିରେ ପରିବର୍ତ୍ତନ କିମ୍ବା ଅଶୀ ଦଶକର ଉଦାରୀକରଣ ଯୋଗୁଁ ଅଣସଂଗଠିତ ଶ୍ରମିକ ମାନଙ୍କର ସମସ୍ୟା ମୁଖ୍ୟତଃ ସୃଷ୍ଟି ହୋଇନାହିଁ । ସେ ମତ ଦେଇଥିଲେ ଯେ, ପ୍ରତିଦ୍ୱନ୍ଦ୍ୱିତାତ୍ମକ ଓ ପ୍ରତିକୂଳ ଶ୍ରମବଜାର ଅବସ୍ଥା କାରଣରୁ ଅଣସଂଗଠିତ ଶ୍ରମିକ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛି ତାହାହିଁ ବାସ୍ତବ ସମସ୍ୟାର ମୂଳ କଥା । ଶ୍ରୀମତୀ ଭାଲ୍ଲା ଆହୁରି ଦର୍ଶାଇଥିଲେ ଯେ, ଭାରତର କୃଷି-ଜଳବାୟୁ ପରିସ୍ଥିତିରେ କୌଣସି ପ୍ରକାର କୃଷି ବୈଷୟିକ କୌଶଳ ନାହିଁ, ଯାହାକି ୧୦ କୋଟି ୭୦ ଲକ୍ଷ ଚାଷୀ ଓ ୭ କୋଟି ୪ ଲକ୍ଷ କୃଷି ଶ୍ରମିକ ମାନଙ୍କୁ ଅଧିକ ଉତ୍ପାଦନ କ୍ଷମ ନିଯୁକ୍ତି ଯୋଗାଇ ଦେଇପାରିବ । ଏହି ମୌଳିକ କାରଣ ହେତୁ ଗତ ୫୦ ବର୍ଷ ଭିତରେ କୃଷି ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ସାଧିତ ହୋଇଥିଲେ ମଧ କୃଷି ଶ୍ରମିକଙ୍କ ଅବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇପାରି ନାହିଁ । ଅପରପକ୍ଷରେ ଅଣକୃଷି ଶ୍ରମିକଙ୍କ ଅବସ୍ଥାରେ ଯଥେଷ୍ଟ ଉନ୍ନତି ହୋଇଛି । ସେହି ଅଧିବେଶନରେ ଶ୍ରୀମତୀ ଭାଲ୍ଲା କୃଷି ଓ ଅଣକୃଷି ଶ୍ରମିକଙ୍କ ଶ୍ରମ ଉତ୍ପାଦିକତା ଭିତରେ ଥିବା ତୁଳନାତ୍ମକ ପ୍ରଭେଦର ବିବରଣୀ ଉପସ୍ଥାପିତ କରିଥିଲେ । ୧୯୫୧ ମସିହାରେ ଅଣକୃଷିଶ୍ରମିକଙ୍କ ଶ୍ରମ ଉତ୍ପାଦିକା ଶକ୍ତି କୃଷି କ୍ଷେତ୍ରରେ କାର୍ଯ୍ୟକରୁଥିବା ଶ୍ରମିକଙ୍କ ଶ୍ରମ ଉତ୍ପାଦିକା ଶକ୍ତିଠାରୁ ଦେଢଗୁଣ ଅଧିକ ଥିଲା । ଆଜି ଅଣକୃଷି ଶ୍ରମିକଙ୍କ ଉତ୍ପାଦିକା ଶକ୍ତି କୃଷି ଉତ୍ପାଦିକା ଶକ୍ତିର ଚାରିଗୁଣରୁ ଅଧିକ । ତେଣୁ ୧୯୮୦ ଦଶକର ଶେଷ ପର୍ଯ୍ୟନ୍ତ ଅଣକୃଷି ଶ୍ରମିକ ଓ କୃଷି ଶ୍ରମିକଙ୍କ ଆୟ ଭିତରେ

ଥିବା ତାରତମ୍ୟ ଉତ୍ପାଦିକା ଶକ୍ତିରେ ଥିବା ବୈଷମ୍ୟ ଯୋଗୁଁ ହୋଇଥିଲା । ଏହି ତାରତମ୍ୟ ଆଜି ଆହୁରି ବୃଦ୍ଧି ପାଇଛି । କାରଣ ଉତ୍ପାଦିକା ଶକ୍ତି ଓ ମଜୁରି ହାରରେ ଯଥେଷ୍ଟ ତଫାତ୍ ମଧ୍ୟ ରହିଛି । ଏହି ସମସ୍ୟାର ସମାଧାନ ପାଇଁ ଶ୍ରୀମତୀ ଭାଲ୍ଲା ଦ୍ୱିମୁଖୀ କୌଶଳ ଅବଲମ୍ବନ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଉତ୍ପାଦନ କ୍ଷେତ୍ରରେ କୃଷିର ଅଭିବୃଦ୍ଧି ହାରକୁ କ୍ରମାଗତ ଭାବେ ଆଗେଇ ନେବାକୁ ହେବ ଓ ସେହିପରି ଶ୍ରମ କ୍ଷେତ୍ରରେ ଅଣକୃଷିରେ ବର୍ତ୍ତମାନ ଥିବା କୃଷି ଶ୍ରମିକଙ୍କୁ ଅଧିକ ଭାବରେ ନିଯୁକ୍ତି ଯୋଗାଇବାକୁ ପଡିବ । ତାହା ହେଲେ କୃଷି ଶ୍ରମଉତ୍ପାଦିକା ଶକ୍ତି ଦ୍ରୁତ ଭାବରେ ବୃଦ୍ଧି ପାଇବ ଏବଂ ଏହା ଯଦି ହୋଇପାରିଲା ତେବେ କୃଷି ଶ୍ରମ ଉତ୍ପାଦିକା ଶକ୍ତି ଓ ଅଣକୃଷି ଉତ୍ପାଦିକା ଶକ୍ତି ମଧ୍ୟରେ ଥିବା ତାରତମ୍ୟ ହ୍ରାସ ପାଇବ । ଏପରିକି କୌଣସି ଶ୍ରମିକ ସଂଗଠନର ସକ୍ରିୟ ଓ ସକାରାତ୍ମକ ସହଯୋଗ ବ୍ୟତୀତ ମଧ୍ୟ କୃଷି ଓ ଅଣକୃଷି ଶ୍ରମିକଙ୍କ ବାସ୍ତବ ମଜୁରି ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇବ । ସେ ଅନୁଭବ କରୁଛନ୍ତି ଯେ, ଯଦି ଶ୍ରମ ଉତ୍ପାଦିକା ଶକ୍ତି ସ୍ଥାଣୁ ହୋଇ ପଡେ ଓ କୃଷି ଶ୍ରମିକଙ୍କୁ ମିଳୁଥିବା କାର୍ଯ୍ୟଦିବସ ହ୍ରାସ ହୁଏ, ତେବେ କୃଷି ଶ୍ରମିକଙ୍କ ମଜୁରି ବଢାଇବା ପାଇଁ ଶ୍ରମିକ ସଂଗଠନର ଦାବୀ ଓ ଆନ୍ଦୋଳନ ତୀବ୍ର ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିବ ।

ଶ୍ରୀମତୀ ଭାଲାଙ୍କ ଦ୍ୱାରା କରାଯାଇଥିବା ତର୍ଜମା ଅର୍ଥନୈତିକ ଦୃଷ୍ଟିକୋଣରୁ ସଠିକ୍ ଓ ଗ୍ରହଣଯୋଗ୍ୟ ଏବଂ ମୁଁ ଏହି ମତାମତକୁ ସ୍ୱୀକାର କରୁଛି । ଆମ ଦେଶର ବିଭିନ୍ନ ଅଞ୍ଚଳରେ ଭୌଗୋଳିକ ଓ ସାମାଜିକ ଅବସ୍ଥା ଭିନ୍ନ ଧରଣର ଅଟେ । ସେ ସମସ୍ତ ପରିସ୍ଥିତିକୁ ଶତ ପ୍ରତିଶତ ବାସ୍ତବ ଭାବେ ପରୀକ୍ଷାନିରୀକ୍ଷା କରି ନଥାଇ ପାରନ୍ତି । କିନ୍ତୁ ଶ୍ରୀମତୀ ଭାଲ୍ଲାଙ୍କ ମତାମତକୁ ସମର୍ଥନ ଜଣାଇ ମୁଁ ବିହାରର ପାଲାମାଉ ଜିଲ୍ଲା ଓ ଓଡିଶାର କଳାହାଣ୍ଡି ଜିଲ୍ଲାର ଦୁଇଟି ଉଦାହରଣ ଦେଇପାରେ । ମୁଁ ଏହି ଦୁଇଟି ଜିଲ୍ଲାକୁ ବହୁବାର ଯାତ୍ରା କରିଛି ଓ ମୋର ଯଥେଷ୍ଟ ଅନୁଭୂତି ଆସିଛି । ବିହାରର ପାଲାମାଉ ଜିଲ୍ଲାରେ ମାଟିର ଅମ୍ଳଗୁଣ ଯୋଗୁଁ ବଡ ଧରଣର ଭୂମି ସ୍ଖଳନ ହୁଏ ଓ ବର୍ଷାପାଣି ଭୂମିରେ ଜମି ନରହି ବୋହିଯାଏ । ଜମିର କମ୍ ଉତ୍ପାଦିକା ଶକ୍ତି ପାଇଁ ଏହା ହେଉଛି ମୁଖ୍ୟ କାରଣ ଏବଂ ମାଟିର ଅମ୍ଳଯୁକ୍ତତା କମାଇବା ପାଇଁ ପଦକ୍ଷେପ ନିଆନଗଲେ ପାଲାମାଉରେ ବଡ ଧରଣର କୃଷିକ୍ଷେତ୍ର ସୃଷ୍ଟି ହେବା ସମ୍ଭବ ହୋଇନପାରେ । କଳାହାଣ୍ଡିର ଉଦାହରଣ ଟିକିଏ ଅଲଗା । ଜିଲ୍ଲା ବାହାର ଲୋକମାନେ ଦଶନ୍ଧି ଦଶନ୍ଧି ଧରି କଳାହାଣ୍ଡିକୁ ନିର୍ଦ୍ଦୟ ଭାବେ ଶୋଷଣ କରି ଆସିଛନ୍ତି । ଯାହା ଫଳରେ ପ୍ରଥମେ ଜଙ୍ଗଲ ହ୍ରାସ ପାଇଛି, ସବୁଜ ବଳୟ କମିଛି ଓ ଚାଷ ହୋଇପାରୁନଥିବା ଅନୁର୍ବର ଜମିର ପରିମାଣ ବୃଦ୍ଧି ପାଇଛି । କଳାହାଣ୍ଡିର ମୋଟ କୃଷିକ୍ଷେତ୍ରରୁ ମାତ୍ର ଶତକଡା ପାଞ୍ଚ ଭାଗ ଜମିରେ ଜଳସେଚନ ହୋଇପାରିଛି ଓ ଅବଶିଷ୍ଟ ୯୫ ଭାଗ ଜମି ଅଣଜଳସେଚିତ ଭାବେ ରହିଛି । ସମୁଦାୟ ଜମିର ବହୁଳ ଭାଗ କୃଷି ପାଇଁ ଉପଯୁକ୍ତ

ନୁହେଁ। ଏହାର ଉର୍ବରତା ଅତ୍ୟନ୍ତ କମ୍। ଶସ୍ୟକ୍ଷେତ୍ରର ଉତ୍ପାଦିକା ଶକ୍ତି ଯଥେଷ୍ଟ କମ୍। ଜମି ବଣ୍ଟନରେ ସମାନତା ନାହିଁ। ଗାଁର ଗଉନ୍ତିଆ ବା ଜମିଦାର ଅଧିକ ଜମିର ମାଲିକ ହୋଇଥିବା ବେଳେ ଅଧିକାଂଶ ଆଦିବାସୀ ଭୂମିହୀନ। ଆଦିବାସୀମାନେ ନ୍ୟାୟଗତ ଓ ସଠିକ୍ ଭାବରେ ଚାଷ କରିବାକୁ ଆବଶ୍ୟକ ଋଣ ଓ ଅନ୍ୟ ଉପାଦାନ ସାମଗ୍ରୀ ସହଜରେ ପାଇପାରନ୍ତି ନାହିଁ। ଏହି କାରଣରୁ ଅଧିକାଂଶ ଲୋକ ଠକ ଅର୍ଥଲଗାଣକାରୀ ସାହୁକାରଙ୍କ ଶିକାର ହୁଅନ୍ତି। ପାଲାମାଉ ପରି କଳାହାଣ୍ଡିରେ ମଧ୍ୟ ସାକ୍ଷରତା ହାର ଅତି କମ୍ ଓ ଏପରିକି ଦେଶରେ ସର୍ବନିମ୍ନ ସାକ୍ଷର କଳାହାଣ୍ଡିରେ ହିଁ ଅଛନ୍ତି। ଆଦିବାସୀ ମହିଳାମାନଙ୍କ ଭିତରେ ସାକ୍ଷରତା ହାର ଅତ୍ୟନ୍ତ କମ୍। କଳାହାଣ୍ଡିରେ ଜମିର ଉତ୍ପାଦିକା ଶକ୍ତି ବୋଧହୁଏ ସମଗ୍ର ଭାରତ ବର୍ଷରେ ସବୁଠାରୁ କମ୍। କଳାହାଣ୍ଡିରେ ହେକ୍ଟର ପିଛା ସାତ କୁଇଣ୍ଟାଲ ଶସ୍ୟ ଉତ୍ପାଦନ ହେଉଥିବା ବେଳେ ପଞ୍ଜାବ, ହରିୟାନା ଓ ତାମିଲନାଡୁରେ ହେକ୍ଟର ପିଛା ୩୦ ରୁ ୩୫ କୁଇଣ୍ଟାଲ ଶସ୍ୟ ଉତ୍ପାଦନ ସମ୍ଭବ ହୋଇପାରୁଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନାରେ ପ୍ରଚୁର ଅର୍ଥ କଳାହାଣ୍ଡିରେ ବିନିଯୋଗ କରାଯାଉଥିଲେ ମଧ୍ୟ ଭୂମିହୀନ ଅବସ୍ଥା ଓ ଜମିର ସ୍ୱଳ୍ପ ଉତ୍ପାଦିକା ଶକ୍ତି ଥିବା ଯୋଗୁଁ ଜନସାଧାରଣଙ୍କର ଆୟ ଓ ଜୀବନ ଧାରଣର ମାନଦଣ୍ଡ କ୍ରମାଗତ ଭାବେ ଅବକ୍ଷୟ ହେବାରେ ଲାଗିଛି। ଏହି ଦାରିଦ୍ର୍ୟ ଯୋଗୁଁ ପଡୋଶୀ ମଧ୍ୟପ୍ରଦେଶର ରାଏପୁର ଜିଲ୍ଲାକୁ କଳାହାଣ୍ଡି ଜିଲ୍ଲାରୁ ବହୁ ସଂଖ୍ୟାରେ ଲୋକମାନେ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଉଛନ୍ତି।

ଏ ସମସ୍ତ ବିଷୟ କୃଷି ଓ ଅଣକୃଷିର ଉତ୍ପାଦିକା ଶକ୍ତିର ଗୁରୁତ୍ୱକୁ ହ୍ରାସ କରୁନାହିଁ। ଏହା କେବଳ କେତେକ ନିର୍ଦ୍ଦିଷ୍ଟ ମୌଳିକ ବାର୍ତ୍ତା ଦେଉଛି ଯେ, ଆମ ଦେଶ ବିରାଟ ଉପମହାଦେଶ ସଦୃଶ ଏବଂ ରାଜ୍ୟ ରାଜ୍ୟ ମଧ୍ୟରେ, ବିଭିନ୍ନ ଜିଲ୍ଲା, ଅଞ୍ଚଳ ମଧ୍ୟରେ ଓ ଏପରିକି ଗୋଟିଏ ଜିଲ୍ଲା ଓ ଅଞ୍ଚଳ ଭିତରେ ବିଭିନ୍ନତା ଅତ୍ୟନ୍ତ ସ୍ୱାଭାବିକ। ଅଳ୍ପ ସଂଖ୍ୟକ କିଛି ସଫଳ କାହାଣୀକୁ ଆଧାର କରି ଏକ ସରଳ ଅର୍ଥନୈତିକ ସିଦ୍ଧାନ୍ତରେ ଉପନୀତ ହେବା ଠିକ୍ ହେବ ନାହିଁ ଏବଂ ଏହି ସିଦ୍ଧାନ୍ତ ମଧ୍ୟ ସମଗ୍ର ଦେଶ ପାଇଁ ସମାନ ଭାବରେ କାର୍ଯ୍ୟକାରୀ ହୋଇ ନପାରେ।

ଯଦି ଆଇନ୍ ସମସ୍ତ ପ୍ରକାର ସାମାଜିକ ଓ ଅର୍ଥନୈତିକ ଦୁର୍ଗତି ହଟାଇବା ପାଇଁ ଏକମାତ୍ର ଅସ୍ତ୍ର ନ ହୋଇପାରେ, ଯଦି ଆଇନ୍‌ର କାର୍ଯ୍ୟାନ୍ୱୟନରେ ଅନେକ ବଡଧରଣର ତ୍ରୁଟି ଓ ପ୍ରତିବନ୍ଧକ ରହେ, ଶ୍ରମିକ ସଂଗଠନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ଅନ୍ତର୍ନିହିତ ଦୁର୍ବଳତା ଓ ଅଭାବ ରହେ ଏବଂ ସରକାର ଗରିବ, ନିଷ୍ପେଷିତ ଓ ଅବ୍ୟବସ୍ଥିତ ଜନସାଧାରଣଙ୍କୁ ସଂଗଠିତ ଓ ସାହାଯ୍ୟ ପ୍ରଦାନରେ ନିଜର କର୍ତ୍ତବ୍ୟ ପାଳନ ନକରନ୍ତି, ତେବେ ସ୍ୱତଃ ପ୍ରଶ୍ନ ଉଠେ ଯେ, ଏହି ବର୍ଗର ଲୋକମାନଙ୍କ ଅବସ୍ଥା ଶେଷରେ କ'ଣ

ହେବ ? ଏଭଳି ଏକ ଜଟିଳ ସମସ୍ୟାର ନ୍ୟାୟସଂଗତ ସମାଧାନ କିପରି ହେବ ? ଆଉ ଅଧିକରୁ ଅଧିକ ନୂଆ ଆଇନ କରି କିମ୍ବା ପ୍ରଚଳିତ ଆଇନଗତ ବ୍ୟବସ୍ଥାରେ ଥିବା ଦୁର୍ବଳତା ଓ ଜଟିଳତାକୁ ଦୂର କରି କ'ଣ ଏହାର ସମାଧାନ କରିହେବ ? ପ୍ରଚଳିତ ଆଇନ୍‌ଗତ, ପ୍ରଶାସନିକ ବ୍ୟବସ୍ଥାକୁ ଅତ୍ୟାଧୁନିକ ଓ ମଜଭୁତ କରାଇ ଏବଂ ତାକୁ ଆହୁରି ଅଧିକ ଗତିଶୀଳ, ସଂବେଦନଶୀଳ, ଦାୟିତ୍ୱ ସଂପନ୍ନ ଓ ଉତ୍ତରଦାୟୀ କରିବା ଦ୍ୱାରା ଏହା ହୋଇପାରିବ କି ? ଶ୍ରମିକ ସଂଗଠନ ଓ ବେସରକାରୀ ଅନୁଷ୍ଠାନ ଗୁଡ଼ିକ ନିଜର ବିଭିନ୍ନ ପ୍ରତିବନ୍ଧକ ଥିବା ସତ୍ତ୍ୱେ ନୂତନ ଉତ୍ସାହ ଓ ଉଦ୍ଦୀପନାର ସହ ସେମାନଙ୍କ ଲକ୍ଷ୍ୟ ଓ କର୍ତ୍ତବ୍ୟ ପୂରଣ କରିବା ଦିଗରେ ଆଗେଇ ଆସି ପାରିବେ କି ? ସରକାରୀ କର୍ତ୍ତୃପକ୍ଷ ନିଜର ନିର୍ଦ୍ଧାରିତ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ ନକରି କେବଳ ଉତ୍ସାହ ପ୍ରଦାନ କଲେ ବା ସାହାଯ୍ୟ ସହଯୋଗ କଲେ ଏବଂ ସେମାନଙ୍କ ସ୍ଥାନରେ ଘରୋଇ ଅନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଏ ଦିଗରେ ଫଳପ୍ରଦ ଓ ଅଗ୍ରଣୀ ଭୂମିକା ନେଲେ ଗରିବ ଲୋକମାନଙ୍କର ସମସ୍ୟା ସମାଧାନ କରିହେବ କି ?

ଆମ ଦେଶ ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ଆଇନ୍‌ରେ ଆମେ ଯାହା କିଛି ପରିବର୍ତ୍ତନ କରିବାକୁ ହେବ, ତାହା କେବଳ ଆଇନ୍‌ର ବିଭିନ୍ନ ସ୍ତର ଦେଇ ପରିବର୍ତ୍ତିତ ହୋଇପାରିବ । ତେଣୁ ଅଣସଂଗଠିତ ଶ୍ରମିକମାନଙ୍କ ଜୀବନ ଜୀବିକା ସ୍ତରରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ନେଇ ଆଇନ୍‌କୁ ବ୍ୟବହାର କରିବାକୁ ହେବ । ସମ୍ବିଧାନର ନିର୍ଦ୍ଦେଶନାମା ହେଉଛି ଯେ, "ରାଷ୍ଟ୍ର ଉପଯୁକ୍ତ ଆଇନ୍‌ଗତ ବ୍ୟବସ୍ଥା ମାଧ୍ୟମରେ କିମ୍ବା ଅର୍ଥନୈତିକ କାର୍ଯ୍ୟକ୍ରମ ଦ୍ୱାରା ବା ଅନ୍ୟ ଯେକୌଣସି ପ୍ରକାରେ ହେଉ, ସମସ୍ତ କୃଷି, ଶିଳ୍ପ ଓ ଅନ୍ୟ ଶ୍ରମିକମାନଙ୍କ ପାଇଁ ଏକ ଆବଶ୍ୟକୀୟ ମଜୁରି, ଉନ୍ନତ ମାନର ଜୀବନଧାରଣ, ସାମାଜିକ, ସାଂସ୍କୃତିକ ଓ ଅବସର ବିନୋଦନର ସଂପୂର୍ଣ୍ଣ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ଉଦ୍ୟମ କରିବ" । ଯେଉଁମାନେ ଗରିବ, ଦୁର୍ବଳ, ନଷ୍ଟେଷିତ ଓ ଅସହାୟ ସେମାନଙ୍କ ପ୍ରତି ଅନ୍ୟାୟ ଓ ଅବିଚାର କରାଯାଉଥିଲେ ସେମାନଙ୍କୁ ଏକ ଗୋଷ୍ଠୀ ଭିତରେ ସଂଗଠିତ କରିବାକୁ ହେବ । ଏହିଭଳି ଶ୍ରମିକ ସଂଗଠନ, ସମବାୟ ସଂସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱୟଂ ସେବୀସଂସ୍ଥା ବା ଅନ୍ୟ ଯେକୌଣସି ଧରଣର ସଂଗଠନ ମଧ୍ୟ ହୋଇପାରେ । ସଂଗଠନର ବାହ୍ୟ ଆବରଣ ଯାହା ହେଉ ପଛେ କିନ୍ତୁ ସଂଗଠନର ଅନ୍ତର୍ନିହିତ ଗୁଣ ହେଉଛି ଗୁରୁତ୍ୱପୂର୍ଣ୍ଣ । ଏହି ସଂଗଠନର ଲକ୍ଷ୍ୟ ବା ଉଦ୍ଦେଶ୍ୟ କ'ଣ, ସଂଗଠନର ଦର୍ଶନ, ଆଦର୍ଶ ଓ କାର୍ଯ୍ୟକ୍ରମ କ'ଣ, ଏହି ସଂଗଠନକୁ କେଉଁମାନେ ଗଠନ କରିଛନ୍ତି, ତଥା ସେମାନଙ୍କ ଚିନ୍ତାଧାରା, ସଂସ୍କୃତି ଓ ଭାବଧାରା କ'ଣ ଏ ସମସ୍ତ ଅତି ଗୁରୁତ୍ୱପୂର୍ଣ୍ଣ । ସହର ଓ ଗ୍ରାମାଞ୍ଚଳରେ ବାସ କରୁଥିବା ଅଣସଂଗଠିତ ଶ୍ରମିକମାନଙ୍କୁ ସଂଗଠିତ କରିବା ପାଇଁ ଏକ ବ୍ୟାପକ ନୀତି ଅବଲମ୍ବନ କରିବା ସହିତ ନିମ୍ନବର୍ଣ୍ଣିତ କେତେକ କୌଶଳ ଆମକୁ ଗ୍ରହଣ କରିବାକୁ ହେବ ।

◆ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ଧରଣର ଶ୍ରମିକମାନଙ୍କୁ ନିର୍ଦ୍ଦିଷ୍ଟ ବୃତ୍ତି ବା ବ୍ୟବସାୟ ଭିତ୍ତିରେ ଚିହ୍ନଟ କରିବାକୁ ହେବ।

◆ ପ୍ରତ୍ୟେକ ଧରଣର ଶ୍ରମିକମାନଙ୍କ ପାଇଁ କେଉଁ ସଂଗଠନର ଆବଶ୍ୟକତା ରହିଛି ତାହା ଅନୁଧ୍ୟାନ କରିବାକୁ ହେବ।

◆ ପୁରୁଷମାନଙ୍କ ସଂଗଠନ ବ୍ୟତୀତ ସ୍ୱତନ୍ତ୍ର ଭାବରେ ମହିଳାମାନଙ୍କୁ ସଂଗଠିତ କରି ସେମାନଙ୍କର ସମର୍ଥନ ହାସଲ କରିବାକୁ ହେବ।

◆ ସଂଗଠନ କରିବା ସମୟରେ ଯେଉଁ ଯେଉଁ ପ୍ରତିବନ୍ଧକ ଗୁଡିକ ଦେଖା ଦେଇଛି ତାକୁ ଚିହ୍ନଟ କରିବାକୁ ହେବ ଏବଂ ତା'ର ସମାଧାନ ପାଇଁ ଶିକ୍ଷା ଓ ତାଲିମ୍ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ହେବ।

◆ ଶିକ୍ଷା, ଗବେଷଣା, ତାଲିମ୍ ଶିବିର ମାଧ୍ୟମରେ ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କୁ ସଂଗଠିତ କରିବାର ଆବଶ୍ୟକତା ସଂପର୍କରେ ଜନସଚେତନତା ସୃଷ୍ଟି ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବିଶ୍ୱବିଦ୍ୟାଳୟ, ଗବେଷକ ଗୋଷ୍ଠୀ ଓ ସାମାଜିକ କ୍ରିୟାଶୀଳ ସଂଗଠନ ତଥା ବ୍ୟକ୍ତି ବିଶେଷଙ୍କର ଭୂମିକାକୁ ନିର୍ଦ୍ଧାରଣ କରିବାକୁ ହେବ।

◆ ଅଣସଂଗଠିତ ଶ୍ରମିକମାନଙ୍କର ଅଧିକାରକୁ ସୁରକ୍ଷା ପ୍ରଦାନ ଲକ୍ଷ୍ୟରେ ଆଇନ୍ ସହାୟତା କେନ୍ଦ୍ର ଗଠନ କରିବାକୁ ହେବ।

◆ ଗଣମାଧ୍ୟମ ଓ ଯୋଗାଯୋଗ ସଂସ୍ଥାର ତାଲିକା କରି, ସେମାନଙ୍କୁ ଏକାଠିକରି ତାଙ୍କ ସହଯୋଗ ନେବାକୁ ପଡିବ ଯାହା ଫଳରେ ଅଣସଂଗଠିତ ଶ୍ରମିକମାନଙ୍କୁ ସଂଗଠିତ କରିବା ଓ ସେମାନଙ୍କର ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଚାହୁଁଥିବା ସଂଗଠନମାନେ, ଯୋଜନାକାରୀମାନେ ଓ କାର୍ଯ୍ୟକାରୀ କରୁଥିବା ସଂସ୍ଥାମାନେ ଠିକ୍ ସମୟରେ ଓ ଅନାୟାସରେ ଉପଯୁକ୍ତ ସମ୍ବାଦ ପାଇପାରିବେ। ଏଇ ଧାରଣାଗୁଡିକ ବିଶଦ୍ ଭାବରେ ବିଶ୍ଳେଷଣ କରାଯାଇ ପାରେ।

(କ) ଅଣସଂଗଠିତ କ୍ଷେତ୍ରର ବିଭିନ୍ନ ପ୍ରକାର ଶ୍ରମିକଙ୍କୁ ଚିହ୍ନଟ କରିବାର ଆବଶ୍ୟକତା ରହିଛି।

ଗ୍ରାମାଞ୍ଚଳରେ ବହୁଳ ଭାବରେ ଅଣସଂଗଠିତ ଶ୍ରମିକମାନେ ବାସ କରନ୍ତି। ସେମାନଙ୍କ କାର୍ଯ୍ୟକ୍ଷେତ୍ର ବିଭିନ୍ନ ସ୍ଥାନରେ ରହିଥାଏ। ଅଣସଂଗଠିତ ଶ୍ରମିକମାନଙ୍କୁ ବ୍ୟାପକଭାବେ ପର୍ଯ୍ୟାୟଭୁକ୍ତ କରାଯାଇପାରେ। ଉଦାହରଣ ସ୍ୱରୂପ କୃଷି ଶ୍ରମିକଙ୍କ କଥା ବିଚାର କରାଯାଉ। ସେମାନଙ୍କ ଭିତରେ ହଳ କରିବା, ବିହନ ବୁଣିବା, ବିଲ ବାଛିବା, ତଳି ରୋଇବା ଓ ଧାନ କାଟିବା ଶ୍ରମିକ ଅଛନ୍ତି। କେବଳ ଏକ ସର୍ଭେ ଦ୍ୱାରା ଆମ୍ଭେ ସହର ଓ ଗ୍ରାମାଞ୍ଚଳରେ ବିଭିନ୍ନ ଧରଣର ଶ୍ରମିକମାନଙ୍କୁ ଚିହ୍ନଟ କରିପାରିବା। କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ କୃଷି

ଶ୍ରମିକ, ଭାଗଚାଷୀ, ଗ୍ରାମାଞ୍ଚଳ କାରିଗର, କୁମ୍ଭାର, କମାର, ବଢେଇ, ମତ୍ସ୍ୟଜୀବୀ, ଯୋତା ତିଆରିରେ ନିଯୁକ୍ତ ଶ୍ରମିକ, ଲୁଣ ଶ୍ରମିକ, ଇଟା ଭାଟିରେ କାମ କରୁଥିବା ଶ୍ରମିକ, ପଥର ଖଣିରେ କାମ କରୁଥିବା ଶ୍ରମିକ, ନିର୍ମାଣ ଶ୍ରମିକ, ବିଡି ଶ୍ରମିକ, ଜଙ୍ଗଲରୁ ଲଘୁଜାତ ଦ୍ରବ୍ୟ ସଂଗ୍ରହକାରୀ, ମାଲ ରଖିବା ଏବଂ ମାଲ ଖାଲି କରୁଥିବା ଶ୍ରମିକ, ଜରି ଓ ମଇଳା କାଗଜ ସଂଗ୍ରହକାରୀ ପ୍ରଭୃତି ବିଭିନ୍ନ ଧରଣର ଅଣସଂଗଠିତ ଶ୍ରମିକ ଅଛନ୍ତି ।

ଜାତୀୟ ସାକ୍ଷରତା ମିଶନର ମହାନିର୍ଦ୍ଦେଶକ ଭାବେ ମୋର ନିଜର ଅନୁଭୂତି ଅନୁସାରେ, କେନ୍ଦ୍ର ଶ୍ରମ ଓ କଲ୍ୟାଣ ବିଭାଗର ମହାନିର୍ଦ୍ଦେଶକ, କାପାର୍ଟର ମହାନିର୍ଦ୍ଦେଶକ ଭାବରେ ଓ ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ନିଯୁକ୍ତ କମିଶନର ଭାବେ ନିର୍ବାହ କରିଥିବା ଗୁରୁ ଦାୟିତ୍ୱରୁ ମୁଁ ଜାଣିବାକୁ ପାଇଛି, ଏକ ନିର୍ଦ୍ଦିଷ୍ଟ ଧରଣର ନିଯୁକ୍ତି କ୍ଷେତ୍ରରେ କିମ୍ବା ଅର୍ଥନୈତିକ କାର୍ଯ୍ୟକଳାପ ମଧ୍ୟରେ ଶ୍ରମିକମାନଙ୍କୁ ଠିକ୍ ଭାବରେ ଚିହ୍ନଟ କରିବା ଓ ବ୍ୟାଖ୍ୟା କରିବା ପାଇଁ ସର୍ଭେ ଏକ ଗୁରୁତ୍ୱପୂର୍ଣ୍ଣ ଉପାୟ । ଏହି ସର୍ଭେ କରିବାପାଇଁ ସଠିକ୍ ନୀତି ଓ କୌଶଳ ଗ୍ରହଣ କରିବାରେ ଏବଂ ଏହି ରଣନୀତି ଓ କୌଶଳକୁ କାର୍ଯ୍ୟକାରୀ କରି ବିଭିନ୍ନ ଧରଣର ଅଣସଂଗଠିତ ଶ୍ରମିକଙ୍କ ପ୍ରକୃତ ସଂଖ୍ୟା, ପ୍ରକାର ଭେଦ ନିରୂପଣ, ସମସ୍ୟା ନିର୍ଦ୍ଧାରଣ ଏବଂ ସ୍ୱାର୍ଥର ସୁରକ୍ଷା କାର୍ଯ୍ୟରେ ଆମେ କ୍ୱଚିତ୍ ସଫଳ ହୋଇଥାଉ ।

ମୋର ନିଜର ଅନୁଭୂତି ଦର୍ଶାଏ ଯେ, ଶିଳ୍ପ, ଖଣି, ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ଶିଶୁ ଶ୍ରମିକମାନଙ୍କ ସମ୍ପର୍କରେ ସର୍ଭେ କରିବା ପାଇଁ ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଲା ପରେ ମୁଁ ବିଭିନ୍ନ ରାଜ୍ୟକୁ ଯାଇ ତାହା ଗଭୀର ଭାବେ ତାହା ଅନୁଧ୍ୟାନ କରିଅଛି । ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଠିକ୍ ଧରଣର ଦିଗ୍‌ଦର୍ଶନ ଦେବା ଲକ୍ଷ୍ୟରେ ମୁଁ ସମସ୍ତ ରାଜ୍ୟର ରାଜଧାନୀ ଗସ୍ତ କରିଛି । କିଭଳି ଭାବରେ ସର୍ଭେ କାର୍ଯ୍ୟକ୍ରମ ବାସ୍ତବମୁଖୀ ଓ ବିଶ୍ୱାସଯୋଗ୍ୟ ତଥା ଠିକ୍ ସିଦ୍ଧାନ୍ତରେ ପହଞ୍ଚି ହେବ ସେଥିପାଇଁ ମୁଁ ବିଶଦ୍ ଭାବରେ ଅନୁଧ୍ୟାନ କରିଛି ।

ବ୍ୟକ୍ତିଗତ ଭାବେ ଏ ଦିଗରେ ସୁଫଳ ପାଇବାପାଇଁ ମୁଁ ନିଷ୍ଠା ଓ ଆନ୍ତରିକତା ସହ ଉଦ୍ୟମ କରିଥିଲି ଓ କେନ୍ଦ୍ର ସରକାରଙ୍କ ଠାରୁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯାଇଥିଲା । ତା ସତ୍ତ୍ୱେ ଶିଶୁ ଶ୍ରମିକଙ୍କ ବିଷୟରେ ହୋଇଥିବା ସର୍ଭେରୁ ଯାହା ତଥ୍ୟ ମିଳିଲା ତାହା ଅତ୍ୟନ୍ତ ହୃଦୟ ବିଦାରକ ଥିଲା । ୧୯୯୧ ମସିହା ଜନଗଣନା ଅନୁଯାୟୀ ଦେଶରେ ମୋଟ ୧୧ ନିୟୁତ ୨୮ ଲକ୍ଷ ଶିଶୁ ଶ୍ରମିକ ଥିଲେ । ଦେଶରେ ୯୨ ନିୟୁତ ଶିଶୁ ସ୍କୁଲକୁ ଯାଆନ୍ତି ନାହିଁ ଓ ଏଥି ମଧ୍ୟରୁ ଅନେକ ଶ୍ରମ କରନ୍ତି । କିନ୍ତୁ ବିଭିନ୍ନ ରାଜ୍ୟରେ ଯେଉଁ ସର୍ଭେ କରାଗଲା, ସେଥିରୁ ଜଣା ପଡ଼ିଲା, ମାତ୍ର ପାଞ୍ଚ ଲକ୍ଷ ଶିଶୁ ଶ୍ରମିକ କାମ କରନ୍ତି । ଏହା ଅତି ଦୁଃଖ ଏବଂ ପରିତାପର ବିଷୟ । ବାସ୍ତବ ସମସ୍ୟାକୁ ଆମେ ଅତି ନ୍ୟୂନ କରି

ଦେଖୁଅଛୁ । ଶିଶୁ ଶ୍ରମ ଜନିତ ସର୍ଭେ ତୁଳନାରେ ଜାତୀୟ ସାକ୍ଷରତା ମିଶନ ଦ୍ୱାରା ନିରକ୍ଷର ପରିବାର ସର୍ଭେ କାର୍ଯ୍ୟକ୍ରମର ନୀତି, କୌଶଳ ଅଧିକ ଉତ୍ସାହଜନକ ଓ ପ୍ରେରଣାପୂର୍ଣ୍ଣ ଥିଲା । ଜାତୀୟ ସାକ୍ଷରତା ମିଶନର ସର୍ଭେ କାର୍ଯ୍ୟକ୍ରମ ଅଧିକ ତଥ୍ୟ ଭିତ୍ତିକ ଥିଲା । ଏଥିରେ ଅଧିକ ଲୋକଙ୍କ ସଂପୃକ୍ତି ଓ ଭାଗୀଦାରୀ ରହିଥିଲା । ପ୍ରକୃତ ନିରକ୍ଷରଙ୍କ ସଂଖ୍ୟା ଜାଣିବା ସହିତ ଏଥିରେ ଗଣନିରକ୍ଷରତା ଦୂରକରିବା ପାଇଁ ନିରକ୍ଷର ଓ ସ୍ୱାକ୍ଷରଙ୍କ ମାଧ୍ୟମରେ ସଂପର୍କ ପ୍ରତିଷ୍ଠା କରିବାରେ, ସମାଜର ସବୁ ବର୍ଗ ଓ ଶ୍ରେଣୀର ଜନସାଧାରଣଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ଓ ଆତ୍ମିକ ଅଂଶଗ୍ରହଣକୁ ସୁନିଶ୍ଚିତ କରିବାରେ ସାକ୍ଷରତା ମିଶନ ସଫଳ ହୋଇପାରିଲା । ତେଣୁ ଆମକୁ ସର୍ଭେ କାର୍ଯ୍ୟକ୍ରମ ପାଇଁ ଗୋଟିଏ ସଠିକ୍ ଦୃଷ୍ଟିକୋଣ ଓ କୌଶଳ ଗ୍ରହଣ କରିବାକୁ ହେବ । ଏହାଦ୍ୱାରା ଏକ ନିଯୁକ୍ତି କ୍ଷେତ୍ରରେ ପ୍ରକୃତରେ କେତେ ଶ୍ରମିକ କାମ କରୁଛନ୍ତି, ସେମାନଙ୍କର ସମସ୍ୟା, ପ୍ରତିବନ୍ଧକ, ଜୀବନଧାରଣର ନିର୍ଦ୍ଦିଷ୍ଟ ଲକ୍ଷଣ ଓ ବାସ୍ତବ ଆବଶ୍ୟକତା କ'ଣ ତାହା ଜାଣିବାକୁ ହେବ । ଏହିଭଳି ସର୍ଭେ କାର୍ଯ୍ୟକ୍ରମ ମାଧ୍ୟମରେ ଏକ ତଥ୍ୟ ଭଣ୍ଡାର ସୃଷ୍ଟି କରିହେବ ଏବଂ ତାହା ପରବର୍ତ୍ତୀ ଯୋଜନା ପାଇଁ ଗୁରୁତ୍ୱପୂର୍ଣ୍ଣ ସହାୟକ ତଥ୍ୟ ଭଣ୍ଡାର ଭାବେ କାମରେ ଲାଗିବ । ସମାଜର ସବୁଠାରୁ ଦୁର୍ବଳ ଲୋକଙ୍କ ପାଖରେ ବିକାଶର ସୁଫଳ ପହଞ୍ଚିପାରିବ ।

(ଖ) ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟକରୁଥିବା ବିଭିନ୍ନ ଧରଣର ଶ୍ରମିକମାନଙ୍କର ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନିର୍ଦ୍ଧାରଣ କରିବାକୁ ହେବ । ବିଭିନ୍ନ ଧରଣର ଶ୍ରମିକ ମାନଙ୍କର ମଧ୍ୟ ଏକ ସାମୂହିକ ଉଦ୍ଦେଶ୍ୟ ଥାଇପାରେ, ଯେଉଁଥିପାଇଁ ଏକ ସଂଗଠନର ଆବଶ୍ୟକତା ରହିଛି । ପ୍ରତ୍ୟେକ ସଂଗଠନର ବ୍ୟାପକ ଦୃଷ୍ଟିଭଙ୍ଗୀ ରହିଛି । ଏହି ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ନିରୂପଣ କରିବାକୁ ହେବ । ଏଗୁଡ଼ିକ ଦୀର୍ଘସୂତ୍ରୀ ବା ସ୍ୱଳ୍ପକାଳୀନ ହୋଇପାରେ । ଥରେ ଆମେ ସଂଗଠନର ଉଦ୍ଦେଶ୍ୟକୁ ଚିହ୍ନଟ କରିବାରେ ସଫଳ ହୋଇ ପାରିଲେ ସଂଗଠନର କାର୍ଯ୍ୟକ୍ରମ ସହିତ ଲକ୍ଷ୍ୟକୁ ମଧ୍ୟ ତା ସହ ସାମିଲ କରିପାରିବା ।

ଅଣସଂଗଠିତ ଶ୍ରମିକମାନେ ଦାରିଦ୍ର୍ୟ, ନିରକ୍ଷରତା, ସଚେତନତାର ଅଭାବ, ଭବିଷ୍ୟତର ଆଶା ଆକାଂକ୍ଷା ସଂବଧିତ ଧାରଣାର ଅଭାବ ଏବଂ ସାମାଜିକ ଓ ଅର୍ଥନୈତିକ ଅନଗ୍ରସରତା ଯୋଗୁଁ ସେମାନଙ୍କର ମତାମତକୁ ସଠିକ୍ ଭାବେ ପ୍ରକାଶ କରିପାରନ୍ତି ନାହିଁ । ସେମାନଙ୍କର ସ୍ୱାର୍ଥକୁ ଭଲ ଭାବେ ସୁରକ୍ଷା ପ୍ରଦାନ କରିବାକୁ ଚାହୁଁଥିବା ସଂଗଠନରେ ମଧ୍ୟ ସେମାନେ ସାମିଲ ହୋଇ ପାରନ୍ତି ନାହିଁ । ତେଣୁ ବିଭିନ୍ନ ପ୍ରକାର ଅବସ୍ଥା ରହିଛି ଯେଉଁଥିରେ ବିଭିନ୍ନ ସଂଗଠନ ସଫଳ ହୋଇଛନ୍ତି ଓ ବିଫଳ ମଧ୍ୟ ହୋଇଛନ୍ତି । ଏକ ଯାନ୍ତ୍ରିକ ରୀତିରେ ଓ ଗତାନୁଗତିକ ପ୍ରକ୍ରିୟାରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପାଇଁ କୌଣସି ଏକ ନିର୍ଦ୍ଦିଷ୍ଟ ଧରଣର ସଂଗଠନ ଗଢିବା ପାଇଁ ମତ ଦେବା ଠିକ୍ ନୁହେଁ । ୧୯୭୦ ଦଶକଠାରୁ ଜାତୀୟ ଶ୍ରମ

ପ୍ରତିଷ୍ଠାନ ଓ କେନ୍ଦ୍ରୀୟ ଶ୍ରମିକ ଶିକ୍ଷା ବୋର୍ଡ ଗ୍ରାମାଞ୍ଚଳରେ ତାଲିମ କେନ୍ଦ୍ର ପରିଚାଳନା କରୁଛନ୍ତି । ଅଣସଂଗଠିତ କ୍ଷେତ୍ରରେ ଶ୍ରମିକମାନଙ୍କର ଆବଶ୍ୟକତାକୁ ଅନୁଭବ କରିବା ଏବଂ ସେମାନଙ୍କର ସ୍ୱାର୍ଥକୁ ସର୍ବୋତ୍ତମ ସୁରକ୍ଷା ଦେଇପାରୁଥିବା ସଂଗଠନକୁ ଚିହ୍ନଟ କରିବା ପାଇଁ ଏହି ତାଲିମ ପ୍ରକ୍ରିୟା ହେଉଛି ଅନ୍ୟ ଏକ ବଳିଷ୍ଠ ଆୟୁଧ । ଏହି ତାଲିମ କେନ୍ଦ୍ରରେ ନେତୃତ୍ୱ ପ୍ରଦାନ ନେଇ ଆଲୋଚନା କରାଯାଉଅଛି । ଏହି ତାଲିମ କେନ୍ଦ୍ରରେ କୃଷି ଶ୍ରମିକମାନଙ୍କର ପ୍ରତିନିଧି ଯୋଗ ଦେଉଛନ୍ତି । ପ୍ରଶିକ୍ଷାର୍ଥୀମାନେ ସେମାନଙ୍କର ସମସ୍ୟା ସମାଧାନର ପନ୍ଥାକୁ ନିରୂପଣ କରୁଛନ୍ତି ଓ ନାଟକ ମାଧ୍ୟମରେ ପ୍ରଦର୍ଶନ କରୁଛନ୍ତି । ତେଣୁ ତାଲିମ ପ୍ରଦାନ ପରେ ପ୍ରଶିକ୍ଷାର୍ଥୀମାନେ ଜୀବନର ବାସ୍ତବତାକୁ ମୁକାବିଲା କରିବା ପାଇଁ ଶକ୍ତି, ସାହସ ଓ ଆତ୍ମ ବିଶ୍ୱାସ ସହିତ ନୂଆ ଚିନ୍ତାଧାରା ଓ ଦୃଷ୍ଟିଭଙ୍ଗୀ ନେଇ ଅଗ୍ରସର ହେଉଛନ୍ତି । ଅତି ଜଟିଳ ପରିସ୍ଥିତିରେ ଯେଉଁଠାରେ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସେମାନଙ୍କର ମତାମତ ଦେବାକୁ ସକ୍ଷମ ନୁହନ୍ତି, ସେଭଳି ସ୍ଥଳେ ସରକାରୀ କର୍ମକର୍ତ୍ତା ଓ ଘରୋଇ ସ୍ୱେଚ୍ଛାସେବୀ ସଂଗଠନମାନେ ସେହି ଅଣସଂଗଠିତ ଶ୍ରମିକମାନଙ୍କୁ ସାହାଯ୍ୟ କରିବେ ଓ ସେମାନଙ୍କର ସ୍ୱାର୍ଥର ସର୍ବୋତ୍ତମ ସୁରକ୍ଷା ସମ୍ପର୍କରେ ସେମାନେ ଯେପରି ଉପଯୁକ୍ତ ମତାମତ ପୋଷଣ କରିପାରିବେ ସେଥିପାଇଁ ବ୍ୟବସ୍ଥା କରିବେ ।

(ଗ) ଅଣସଂଗଠିତ ଶ୍ରମିକମାନଙ୍କୁ ସାମୂହିକ ପ୍ରକ୍ରିୟାରେ ସାମିଲ କରିବା ପାଇଁ ବା ସଂଗଠନ ପ୍ରସ୍ତୁତ କରିବା ପାଇଁ ଦେଖା ଦେଉଥିବା ପ୍ରତିବନ୍ଧକ ଗୁଡ଼ିକୁ ଚିହ୍ନଟ କରିବାକୁ ପଡ଼ିବ ଏବଂ ଏହି ପ୍ରତିବନ୍ଧକ ଗୁଡ଼ିକୁ ଦୂରକରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ହେବ ।

ଅଣସଂଗଠିତ ଶ୍ରମିକମାନଙ୍କୁ ସଂଗଠନକୁ ଆଣିବାରେ ବହୁ ଅସୁବିଧା ରହିଛି । ସଂପନ୍ନ ଶ୍ରେଣୀର ଅତ୍ୟାଚାରୀ ଶକ୍ତି, ଧନୀଲୋକଙ୍କ ଉପରେ ଗରିବ ଲୋକମାନଙ୍କର ଅର୍ଥନୈତିକ ନିର୍ଭରଶୀଳତା, ସ୍ଥିତାବସ୍ଥା ରକ୍ଷା କରିବା ପାଇଁ ତଳସ୍ତରରେ ଥିବା ଆଇନ୍ ଶୃଙ୍ଖଳା କର୍ତ୍ତୃପକ୍ଷଙ୍କ ଭୂମିକା, ଅଣସଂଗଠିତ ଶ୍ରମିକଙ୍କ ସ୍ୱାର୍ଥକୁ ସମର୍ଥନ କରିବା ଭଳି ଆଇନ୍‌ଗତ ବ୍ୟବସ୍ଥାର ଅଭାବ ଏବଂ ଗରିବ ଲୋକମାନଙ୍କ ସପକ୍ଷରେ ଯାହା କିଛି ଆଇନ୍ ହୋଇଛି ତାହା କାର୍ଯ୍ୟକାରୀ ନହେବା ଆଦି ସଂଗଠନର ବିକାଶରେ ପ୍ରତିବନ୍ଧକ ଅଟେ । ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କର ସଂଗଠନ ଅଭିବୃଦ୍ଧିରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ରହିଛି ତାହା ହୋଇଛି ଅମଲାତନ୍ତ୍ରର ତଳ ସ୍ତରର ଥିବା କର୍ମଚାରୀମାନଙ୍କର ଭୂମିକା, କାରଣ ସେମାନେ ପ୍ରାୟତଃ ବିରୋଧୀ ଭାବାପନ୍ନ ଓ ଏପରିକି ଦମନ ପରାୟଣ ମଧ୍ୟ । ଏଭଳି ଧାରଣାଗୁଡ଼ିକୁ କର୍ମଶାଳା ଓ ତାଲିମ ପ୍ରକ୍ରିୟା ମାଧ୍ୟମରେ ଦୂର କରିବାର ଆବଶ୍ୟକତା ରହିଛି ଏବଂ ଅମଲାତନ୍ତ୍ରର ତଳସ୍ତରରେ ଥିବା କର୍ମଚାରୀମାନଙ୍କୁ ତାଲିମ ମାଧ୍ୟମରେ

ଅନୁକୂଳ ମନୋଭାବାପନ୍ନ, ସର୍ଜନଶୀଳ, ଦାୟିତ୍ୱବାନ୍, ସଂବେଦନଶୀଳ ଏବଂ ଯତ୍ନବାନ କରିବାକୁ ପଡ଼ିବ।

ଅଣସଂଗଠିତ ଶ୍ରମିକମାନଙ୍କର ଦାରିଦ୍ର୍ୟର ଅବସ୍ଥା ମଧ୍ୟ ଭିନ୍ନ ଭିନ୍ନ। ତାହା ସଂଗଠନ ପ୍ରକ୍ରିୟାରେ ପ୍ରତିବନ୍ଧକ ଭାବେ ଦେଖାଦିଏ। ଏ ବିଭିନ୍ନତାକୁ ପରସ୍ପର ବିରୋଧୀ ଅର୍ଥନୈତିକ ସ୍ୱାର୍ଥ, ଜାତି ଓ ସାଂପ୍ରଦାୟିକ ତାରତମ୍ୟ, ଲିଙ୍ଗଗତ ଭେଦ ଏବଂ ଅନ୍ୟ ବିଭାଜନକାରୀ ଶକ୍ତି ପ୍ରଭାବିତ କରନ୍ତି ଏବଂ ଗରିବମାନଙ୍କ ଭିତରେ ସୀମିତ ସୁବିଧା ସୁଯୋଗ ଓ ସଂପଦ ନେଇ ଦ୍ୱନ୍ଦ୍ୱ ମଧ୍ୟ ସୃଷ୍ଟି କରି ଦିଅନ୍ତି।

ଅଣସଂଗଠିତ ଶ୍ରମିକମାନଙ୍କୁ ସଂଗଠିତ କରିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହେଉଛି ସଂଗଠନ ଗଢିବା ସମୟରେ ବିଭିନ୍ନ ପ୍ରକାର ଧମକ ମିଳିଥାଏ। ଏହାଠାରୁ ବଳି ଆଉ କିଛି ଦୁର୍ଭାଗ୍ୟଜନକ ବିଷୟ ନଥାଇପାରେ। ଗରିବ, ନିଷ୍ପେଷିତ, ଦୁଃସ୍ଥ, ଅଣସଂଗଠିତ ଓ ଅବହେଳିତ ପରିସ୍ଥିତିରେ ଥିବା ଜନସାଧାରଣଙ୍କୁ ସଂଗଠନ ଗଢିବା ପାଇଁ ଅଧିକାର ପ୍ରଦାନ କରିବା ହେଉଛି ପ୍ରତ୍ୟେକ ମଣିଷର ମୌଳିକ ଦାୟିତ୍ୱ। ଏହା ଫଳରେ ଅନ୍ୟ ମଣିଷମାନଙ୍କ ଭଳି ସେମାନେ ମାନବିକ ଅଧିକାର ଓ ସେମାନଙ୍କ ପାଇଁ କରାଯାଉଥିବା ବିକାଶର ସୁଫଳ ଭୋଗ କରିପାରିବେ। ଯେଉଁ ବିକାଶଧାରାରୁ ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଅଲଗା କରି ରଖାଯାଇଛି ସେମାନେ ସେଥିରେ ସାମିଲ୍ ହୋଇପାରିବେ ଓ ବିକାଶଧାରାର ସୁଫଳ ଲାଭ କରିପାରିବେ। ଏହା ସେମାନଙ୍କ ପ୍ରତି କୌଣସି ଦୟା (Charity) ଦେଖାଇବା ବା ଧର୍ମପରାୟଣତା ଦ୍ୱାହିରେ କରାଯାଇ ପାରିବ ନାହିଁ। ପ୍ରକୃତରେ ଏହା ଗରିବ ଓ ଅଣସଂଗଠିତ ଶ୍ରମିକମାନଙ୍କର ସାଧାରଣ ଯୁକ୍ତିଯୁକ୍ତ ଓ ନ୍ୟାୟସଂଗତ ଦାବି। ଏହା ସ୍ଥିତାବସ୍ଥାର ଆଇନ ଶୃଙ୍ଖଳା ପରିସ୍ଥିତି, ଶାନ୍ତି, ସଦ୍‌ଭାବନା, ସାମ୍ବିଧାନିକ ପବିତ୍ରତା ଓ ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି ବୋଲି ଭାବିବା ଉଚିତ ନୁହେଁ। କିନ୍ତୁ ଦୁର୍ଭାଗ୍ୟବଶତଃ ଗରିବ ଲୋକମାନେ ଶିକ୍ଷା, କର୍ମଶାଳା ଓ ତାଲିମ ମାଧ୍ୟମରେ ସଂଗଠନ ଗଢି ନିଜର ସଶକ୍ତିକରଣ ଘଟାଇଲେ ସମାଜରେ ସ୍ଥିତାବସ୍ଥାକୁ ଜାହିର ରଖିବାକୁ ଚାହୁଁଥିବା ଶକ୍ତିମାନେ ନିଜପ୍ରତି ଅଯଥା ବିପଦ ଆଶଙ୍କା କରନ୍ତି। ଏହିଭଳି ଭିତ୍ତିହୀନ ଆଶଙ୍କା ଓ ଭ୍ରାନ୍ତ ଧାରଣା କିଛି ଲୋକଙ୍କ ମୁଣ୍ଡରେ ଜମାଟ ବାନ୍ଧିଥିବାରୁ ସେମାନେ ଏକ କ୍ଷୁଦ୍ର ଓ ସୀମିତ ଦୃଷ୍ଟିକୋଣ ବାହାରକୁ ଯାଇ ତୃଣମୂଳସ୍ତରର ବାସ୍ତବ ସମସ୍ୟାକୁ ଗୁରୁତ୍ୱ ଦେଇ ବୁଝିବାକୁ ଚାହାଁନ୍ତିନାହିଁ। ଏହାକୁ ସଠିକ୍ ଭାବେ ନିରୂପଣ ଓ ଦୂର କରିବା ପାଇଁ ସଂଶୋଧନାତ୍ମକ ପଦକ୍ଷେପ ନେବାର ମଧ୍ୟ ଆବଶ୍ୟକତା ରହିଛି। ଜନପ୍ରତିନିଧି, ସାଂସଦ, ବିଧାୟକ, ବିଧାନ ପରିଷଦ ସଭ୍ୟ, ଜିଲ୍ଲା, ବ୍ଲକ, ପଞ୍ଚାୟତ ଓ ଗ୍ରାମର ପ୍ରତିନିଧିମାନଙ୍କୁ କର୍ମଶାଳା, ଆଲୋଚନାଚକ୍ର ମାଧ୍ୟମରେ ସାମିଲ କରାଯାଇ ପ୍ରଚଳିତ ଭ୍ରାନ୍ତଧାରଣାକୁ ଦୂର କରାଯାଇପାରିବ। ଥରେ ଏହି ଲୋକମାନେ

ହୃଦ୍‌ବୋଧ କଲେ ଓ ସଚେତନ ହେଲେ, ଭଲଭାବରେ ସଂଗଠନକୁ ବୁଝିପାରିବେ, ଗଢି ପାରିବେ ଓ ସଂଗଠନର ବାର୍ତ୍ତା ପ୍ରସାର କରିପାରିବେ।

(ଘ) ଆଲୋଚନାଚକ୍ର, ଅଧ୍ୟୟନ, ଗବେଷଣା, ତାଲିମ ଶିବିର ଓ ବ୍ୟକ୍ତିଗତ ଭାବେ ସଂଗଠନ ଗଢିବା କାର୍ଯ୍ୟ ମାଧ୍ୟମରେ ଗ୍ରାମାଞ୍ଚଳ ଗରିବ ଲୋକମାନଙ୍କର ସଂଗଠନର ଆବଶ୍ୟକତା ସଂପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ବେସରକାରୀ ସଂଗଠନ, ବିଶ୍ୱବିଦ୍ୟାଳୟ, ଗବେଷକ ଗୋଷ୍ଠୀ, ସାମାଜିକ ପରିବର୍ତ୍ତନ ଅଭିଳାଷୀ ଗୋଷ୍ଠୀ ଓ ବ୍ୟକ୍ତି ବିଶେଷଙ୍କ ଭୂମିକାକୁ ନିର୍ଦ୍ଦିଷ୍ଟ ଭାବେ ନିରୂପଣ କରିବାକୁ ଓ ଦର୍ଶାଇବାକୁ ହେବ।

ସରକାରୀ କର୍ମଚାରୀମାନେ ବୁଝିବା ନିହାତି ଗୁରୁତ୍ୱପୂର୍ଣ୍ଣ ଯେ, ସରକାର ନିଜେ ସବୁକାମ କରିପାରିବେ ନାହିଁ ବା ସରକାର ସମାଜର ପ୍ରତ୍ୟେକ ସ୍ତରରେ ସହଜରେ ପହଞ୍ଚି ପାରିବେ ନାହିଁ। ବିଶେଷ କରି ନିଘଂଚ ଦୁର୍ଗମ ଅଂଚଳ, ମାନବିକତାର ଆଲୋକ ବହନ କରୁନଥିବା ଦୁର୍ଗମ ସ୍ଥାନ ଓ ବିକାଶର ପଦଚିହ୍ନ ନଥିବା ଅଂଚଳର ଲୋକମାନଙ୍କ ପାଖରେ ସରକାରୀ କର୍ମକର୍ତ୍ତା ପହଞ୍ଚିବାର କୌଣସି ସମ୍ଭାବନା ନାହିଁ। ସରକାର ନିଜ କାନ୍ଧରେ ସବୁ କିଛି ଭାର ବୋହି ପାରିବେ ନାହିଁ। ଅଣସଂଗଠିତ ଲୋକମାନଙ୍କ ସଂଗଠନର ଦାୟିତ୍ୱକୁ ପାଳନ କରିବା ସରକାରଙ୍କ ପକ୍ଷରେ ଏତେ ସହଜନୁହେଁ। ସରକାର ଏକ ଉତ୍ସାହ ପ୍ରଦାନକାରୀ, ସହଯୋଗୀ ସଂସ୍ଥା ଭାବେ କାମ କରିପାରିବେ। ସରକାର ବେସରକାରୀ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ, ସାମାଜିକ କର୍ମୀ, ସ୍ୱଳ୍ପ ଅର୍ଥ ଲଗାଣକାରୀ ସଂସ୍ଥାକୁ ପ୍ରୋତ୍ସାହନ ଦେବେ, ଅନୁଦାନ ଦେବେ, ସହାୟତା ପ୍ରଦାନ କରିବେ ଯାହାଫଳରେ ଏହି ଅନୁଷ୍ଠାନ ଗୁଡିକ ସାମାଜିକ ସଚେତନତା ଅଭିଯାନ ଓ ସଂଗଠନ କରିବା ପାଇଁ ସରକାରୀ ଭୂମିକାର ବିକଳ୍ପ ନହେଲେ ମଧ୍ୟ ତାକୁ ମଜଭୁତ କରିପାରିବେ। ଅଣସଂଗଠିତ ଶ୍ରମିକମାନଙ୍କୁ ସଂଗଠିତ କରିବା ପାଇଁ ସରକାର ଅନୁକୂଳ ବାତାବରଣ ସୃଷ୍ଟି କରି ପାରିବେ ଏବଂ ଏହି କାର୍ଯ୍ୟରେ ନିୟୋଜିତ ଶ୍ରମିକ ସଂଗଠନ, ବେସରକାରୀ ସଂସ୍ଥା ଓ ସାମାଜିକ କର୍ମୀମାନଙ୍କୁ ସହଯୋଗ ଓ ସୁରକ୍ଷା ପ୍ରଦାନ କରିପାରିବେ। ବେସରକାରୀ ଅନୁଷ୍ଠାନ ଓ ସାମାଜିକ କର୍ମୀମାନଙ୍କ ପ୍ରତି ସରକାରଙ୍କ ପରମ୍ପରାଗତ ମନୋବୃତ୍ତି ଓ ଆଭିମୁଖ୍ୟକୁ ବଦଳାଇବାକୁ ପଡ଼ିବ ଏବଂ ତା ବଦଳରେ ଏକ ନୂତନ ଦୃଷ୍ଟିଭଙ୍ଗୀ ଓ ଚିନ୍ତାଧାରା ଯେଉଁଥିରେ ଗରିବ ଲୋକମାନେ ଅଂଶଗ୍ରହଣ କରିପାରିବେ ତାକୁ ଆଦରି ନେବାକୁ ପଡ଼ିବ।

(ଙ) ଗ୍ରାମାଞ୍ଚଳ ଶ୍ରମିକମାନଙ୍କ ଅଧିକାରକୁ ସୁରକ୍ଷା ପ୍ରଦାନ କରିବା ପାଇଁ ଆଇନ୍ ସହାୟତା କେନ୍ଦ୍ର ପ୍ରତିଷ୍ଠା କରିବାର ଆବଶ୍ୟକତାକୁ ଦେଖିବାକୁ ହେବ।

ଅଣସଂଗଠିତ ଶ୍ରମିକଙ୍କ ଅଧିକାର ଓ ପ୍ରାପ୍ୟ ନେଇ ଧାରଣା ଦେବା ସକାଶେ ଆଇନ୍‌ଗତ ସଚେତନତା ସୃଷ୍ଟି ପାଇଁ କୌଶଳଗତ ଆଇନ ସେବା କାର୍ଯ୍ୟକ୍ରମ କରାଯିବ। ଅଜ୍ଞାନତା

ଯୋଗୁଁ ସୃଷ୍ଟି ହେଉଥିବା ଅଯଥା ଅସୁବିଧାଗୁଡିକୁ ଦୂର କରିବା ପାଇଁ ଅଣସଂଗଠିତ ମାନଙ୍କୁ ଏହି ଆଇନ୍ ସେବା କାର୍ଯ୍ୟକ୍ରମ ଶକ୍ତି, ଦକ୍ଷତା ଓ ବିଶ୍ୱାସ ପ୍ରଦାନ କରିବ। ଗରିବ ଓ ଅବହେଳିତମାନଙ୍କ ଦ୍ୱାର ଦେଶରେ ଆଇନ୍ ସେବା ପହଞ୍ଚାଇବା ପାଇଁ କୌଶଳଗତ ଆଇନ୍ ସେବା କାର୍ଯ୍ୟକ୍ରମର ଅଂଶ ଭାବେ ଆଇନ୍ ସହାୟତା ଶିବିର ଆୟୋଜନ କରାଯାଇ ପାରିବ। ଏକ ଚଳଚଞ୍ଚଳ କାର୍ଯ୍ୟକ୍ଷମ ଆଇନ୍‌ଗତ ସେବା କାର୍ଯ୍ୟକ୍ରମ ବାସ୍ତବ ଓ ଫଳପ୍ରଦ କୌଶଳ ଅବଲମ୍ବନ କରି ଗ୍ରାମାଞ୍ଚଳ ଗରିବ ଲୋକମାନଙ୍କ ଭାଗିଦାରୀ ସଂଗଠନ ଗଢି ହେବ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଉପେନ୍ଦ୍ର ବକ୍ସି ଗରିବ ଲୋକମାନଙ୍କ ଭାଗିଦାରୀ ସଂଗଠନ ସଂପର୍କରେ ସୁନ୍ଦରଭାବେ ବର୍ଣ୍ଣନା କରିଛନ୍ତି। ତାଙ୍କ ମତରେ, ଭାଗିଦାରୀ ସଂଗଠନର ମୌଳିକ ଲକ୍ଷ୍ୟ ହେଉଛି ନିମ୍ନ ବର୍ଣ୍ଣିତ ଦକ୍ଷତାର ବିକାଶ ସାଧନ କରିବା।

(୧) ଆଇନ୍ ତିଆରି କରିବା, ଆଇନକୁ ପରିବର୍ତ୍ତନ କରିବା ଓ ଆଇନକୁ କାର୍ଯ୍ୟକାରୀ କରାଇବା। ଆଇନର ସଠିକ୍ କାର୍ଯ୍ୟକାରିତା ଦିଗରେ ଓ ସାମାଜିକ ନ୍ୟାୟ ଯୋଗାଇଦେବା ପ୍ରକ୍ରିୟାରେ ଅଂଶଗ୍ରହଣ କରିବା।

(୨) ନ୍ୟାୟ ଜାଣିବାରେ ଓ ପ୍ରୟୋଗରେ ସଂଗଠନର ସଚଳ ପଦକ୍ଷେପ।

(୩) ଜନସାଧାରଣଙ୍କ ଦ୍ୱାରା ବିକଳ୍ପ ଆଇନ୍ ପ୍ରତିଷ୍ଠାନ ସୃଷ୍ଟି କରିବା, କ୍ଷମତା ଓ କର୍ତ୍ତୃପକ୍ଷଙ୍କ ଯଥେଚ୍ଛାଚାର ପ୍ରସୂତ ବ୍ୟବହାରକୁ ବନ୍ଦ କରିବା, ଭାଗୀଦାରୀ ସଂଗଠନ କାର୍ଯ୍ୟକ୍ରମ ମାନବିକ ଅଧିକାର ସୁରକ୍ଷା ଭଳି ନିମ୍ନ ବିଷୟକୁ ମଧ୍ୟ ଦୃଷ୍ଟି ଦେବା।

(କ) ପୋଲିସ ଦ୍ୱାରା ରଜୁ କରାଯାଇଥିବା ମିଥ୍ୟା ମୋକଦ୍ଦମା ବିରୁଦ୍ଧରେ ଲଢେଇ କରିବା।

(ଖ) ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥା ଦ୍ୱାରା କରାଯାଉଥିବା ଅତ୍ୟାଚାର ଓ ହିଂସା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା।

(ଗ) ଜମିଦାର ଓ ପ୍ରଭାବଶାଳୀ ଶକ୍ତିମାନଙ୍କର ଘରୋଇ ସୁରକ୍ଷା ବାହିନୀ ଦ୍ୱାରା କରାଯାଉଥିବା ବେଆଇନ୍ ଅତ୍ୟାଚାର ଓ ଶକ୍ତି ପ୍ରୟୋଗ ବିରୁଦ୍ଧରେ ଯିବା।

(ଘ) ହୀନସ୍ୱାର୍ଥସେବୀ କର୍ମକର୍ତ୍ତାଙ୍କ ଆଇନ୍‌କୁ ଭାଙ୍ଗିବା କାର୍ଯ୍ୟ ବିରୁଦ୍ଧରେ ସଂଗ୍ରାମ କରିବା।

(ଙ) ଆମକୁ ଗଣମାଧ୍ୟମ ଓ ଯୋଗାଯୋଗ ସଂସ୍ଥାର ସହଯୋଗ ନେବାର ଆବଶ୍ୟକତା ରହିଛି। ଯାହାଫଳରେ ଠିକ୍ ସମୟରେ ଓ ଉପଯୁକ୍ତ ମାର୍ଗରେ ଅଣସଂଗଠିତ ଶ୍ରମିକମାନଙ୍କ ସଂଗଠନ ସଂପର୍କରେ ସଠିକ୍ ବାର୍ତ୍ତା ନୀତି ପ୍ରଣୟନକାରୀ, ଯୋଜନା ବିଶାରଦ, ନୀତିକୁ

କାର୍ଯ୍ୟକାରୀ କରୁଥିବା ଲୋକମାନଙ୍କ ପାଖରେ ଏବଂ ଅଣସଂଗଠିତ ସମୁଦାୟଙ୍କ ପ୍ରତି ସହାନୁଭୂତି ଥିବା ବ୍ୟକ୍ତିମାନଙ୍କ ପାଖରେ ପହଞ୍ଚାଇପାରିବ। ଏଥିପାଇଁ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂଗଠନର ସଫଳ କାହାଣୀକୁ ପ୍ରସ୍ତୁତ କରି ପୁସ୍ତକ ଆକାରରେ ପ୍ରକାଶ କରିବାକୁ ହେବ। ସଂଗଠନର ଉତ୍ତମ କାର୍ଯ୍ୟ ସଂପର୍କରେ ଏହା ସୂଚନା ଦେବ। ସଂଗଠନ ଦ୍ୱାରା ଏଭଳି ଭଲ କାର୍ଯ୍ୟ କରାଯାଉଛି ବୋଲି ଆଶା, ବିଶ୍ୱାସ ଓ ଆସ୍ଥା ଜାଗ୍ରତ କରାଯାଇ ପାରିବ।

(ଚ) ଗଣମାଧ୍ୟମ ଓ ଯୋଗାଯୋଗ ସଂସ୍ଥା ନିର୍ଦ୍ଦିଷ୍ଟ ଗୋଷ୍ଠୀର ସ୍ୱାର୍ଥ ସମ୍ବଳିତ ବିଷୟରେ ଜ୍ଞାନ ଓ ତଥ୍ୟ ଜଣାଏ। ଗଣମାଧ୍ୟମ ଓ ଯୋଗାଯୋଗ ସଂସ୍ଥା ବିଭିନ୍ନ ଧରଣର ତଥ୍ୟ, ଘଟଣାବଳୀ, ସମ୍ବାଦ, ଗଳ୍ପ, ମନଗଢା କାହାଣୀ ଓ ଧାରଣା ନିଜସ୍ୱ ଢଙ୍ଗରେ ପ୍ରକାଶ କରେ। ଯାହା ଫଳରେ ନିର୍ଦ୍ଦିଷ୍ଟ ଗୋଷ୍ଠୀ, ନୀତି ପ୍ରଣୟନକାରୀ, ଯୋଜନାକାରୀ ଓ କାର୍ଯ୍ୟକାରୀ କର୍ତ୍ତୃପକ୍ଷ ତାକୁ ଠିକ୍ ଭାବରେ ବୁଝି ପାରିବେ ଓ ହୃଦ୍‌ବୋଧ କରିପାରିବେ। ଗଣମାଧ୍ୟମ ଓ ଯୋଗାଯୋଗ ସଂସ୍ଥା ସଫଳ କାହାଣୀକୁ ପ୍ରତିଫଳିତ କରିବାରେ ସାହାଯ୍ୟ କରିପାରିବେ। ଏହି ଦୃଷ୍ଟିକୋଣରୁ ଆମକୁ ସଂଗଠନ ପ୍ରତି ଅନୁକୂଳ ମନୋଭାବ ଓ ସମର୍ଥନ ଥିବା ଗଣମାଧ୍ୟମର ନୀତି ଓ କୌଶଳ ଗ୍ରହଣ କରିବାକୁ ପଡିବ। ସଂଗଠନ ଧାରଣାକୁ ଶକ୍ତିଶାଳୀ କରିବା ଓ ପ୍ରଚାର କରିବା ପାଇଁ ଗଣମାଧ୍ୟମକୁ ବ୍ୟବହାର କରିବାକୁ ହେବ। ଉତ୍ତମ ଓ ସଫଳ ଜନ ସଂଗଠନର ସଫଳ କାହାଣୀକୁ ପୁସ୍ତକ ଆକାରରେ ଲିପିବଦ୍ଧ କରିବା ଦ୍ୱାରା ଏହା ଅନ୍ୟ ଅଞ୍ଚଳରେ ପ୍ରଚାର କରାଯାଇ ପାରିବ।

(ଛ) ଦେଶରେ ମୋଟ ୩୧୪ ନିୟୁତ ଶ୍ରମିକ ଅଛନ୍ତି। ସେଥିମଧ୍ୟରୁ ମହିଳା ଶ୍ରମିକଙ୍କ ସଂଖ୍ୟା ହେଉଛି ପ୍ରାୟ ୮୯ ନିୟୁତ। ଶ୍ରମବଜାରରେ ମହିଳାମାନଙ୍କ ଅଂଶଗ୍ରହଣ ଏବଂ ବିଶେଷକରି ଗ୍ରାମାଞ୍ଚଳ, ଆଦିବାସୀ ଅଞ୍ଚଳ ଓ ଜଙ୍ଗଲ ଅଞ୍ଚଳରେ ମହିଳା ଶ୍ରମିକଙ୍କ ଅଂଶଗ୍ରହଣକୁ ଯେତିକି ଗୁରୁତ୍ୱ ଦିଆଯିବା କଥା ଦିଆଯାଉନାହିଁ। ମହିଳା ଓ ପୁରୁଷ ଉଭୟଙ୍କୁ ନେଇ ସଂଗଠନ ଗଢୁଥିବା କିମ୍ବା ମହିଳାଙ୍କ ନିଜସ୍ୱ ସ୍ୱାର୍ଥ ଓ ସମସ୍ୟାକୁ ନେଇ ସଂଗଠନ ଗଢୁଥିବା ମହିଳା ସଂଗଠନଗୁଡିକର ତାଲିକା କରିବା ଓ ସେମାନଙ୍କୁ ସମର୍ଥନ ଦେବାର ଆବଶ୍ୟକତା ରହିଛି।

କୃଷିକ୍ଷେତ୍ରରେ ବିଭିନ୍ନ ଧରଣର କାମ ରହିଛି। ଉଦାହରଣତଃ ବିହନ ବୁଣିବା ଓ ଫସଲ କାଟିବା କାର୍ଯ୍ୟ ଉଭୟ ପୁରୁଷ ଓ ମହିଳା କରନ୍ତି। କିନ୍ତୁ କେତେକ କାର୍ଯ୍ୟ ରହିଛି ଯଥା– ଘାସ କାଟିବା, କେନ୍ଦୁପତ୍ର, ଶାଳପତ୍ର ଓ ଶାଳ ମଞ୍ଜି ସଂଗ୍ରହ କରିବା, ଲଘୁବନଜାତ ପଦାର୍ଥ ସଂଗ୍ରହ ଓ ପ୍ରସ୍ତୁତ କରିବା, ବିଡି ବଳିବା ଓ ବାନ୍ଧିବା, ଫସଲ ରୋଇବା, ବାଛିବା, ମାଛ ଓ ପରିବା ବଜାରକୁ ନେବା, ହାଣ୍ଡି ଗଢିବା, ତନ୍ତ ପାଇଁ ସୂତା ପ୍ରସ୍ତୁତ କରିବା, ଇଟା

ଭାଟିରେ କାମ କରିବା, ଖରାରେ ଇଟା ଶୁଖାଇବା ଓ ଶୁଖିବା ପାଇଁ ଲେଉଟାଇବା, ଗ୍ରାମାଞ୍ଚଳରେ ଘର ତିଆରି କାମ ପ୍ରଭୃତିରେ କେବଳ ମହିଳାମାନେ କାମ କରନ୍ତି କିମ୍ବା କାମ କରୁଥିବା ଶ୍ରମିକମାନଙ୍କ ମଧ୍ୟରେ ମହିଳା ସଂଖ୍ୟା ବହୁତ ଅଧିକ । ଏହି ପରିପ୍ରେକ୍ଷୀରେ ଆମକୁ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ଯେ, ମହିଳାମାନେ ଉତ୍ପାଦନ କରୁଥିବା ସଂପଦର ଉପଯୁକ୍ତ ମୂଲ୍ୟ ତାଙ୍କୁ ମିଳୁ, ସେମାନଙ୍କୁ ସଂଗଠନର ମୌଳିକ ଧାରଣା ଜଣାଇ ଦିଆଯାଉ । ମହିଳାମାନଙ୍କ ପାଇଁ ପ୍ରସବକାଳୀନ ସୁଯୋଗ ଓ ପୁରୁଷମାନଙ୍କ ଭଳି ସମାନ ମଜୁରି ପାଇବା ପାଇଁ ମହିଳାମାନଙ୍କର ସ୍ୱତନ୍ତ୍ର ଧରଣର ସଂଗଠନ ଆମେ ଗଢି ପାରିବା କି ? ଆଦିବାସୀ, ଦଳିତ ପରିବାରରେ ଏହି ପ୍ରଶ୍ନ ଅତ୍ୟନ୍ତ ପ୍ରାସଙ୍ଗିକ କାରଣ ସଂପତ୍ତି ବଣ୍ଟନ କ୍ଷେତ୍ରରେ ନିଜର ଅଧିକାର ସାବ୍ୟସ୍ତ ଦିଗରେ ମହିଳା ଶ୍ରମିକଙ୍କ ଅବସ୍ଥା ଅତି ଶୋଚନୀୟ । ଦଳିତ, ଆଦିବାସୀ ପରିବାରରେ ପିଲାମାନେ ତାଙ୍କ ବାପା ମାଆମାନଙ୍କୁ ସାହାଯ୍ୟ କରିବା ପାଇଁ କାମ କରନ୍ତି, ସେମାନଙ୍କ ଅବସ୍ଥା ମଧ୍ୟ ସେଭଳି ଦୁଃଖଦାୟକ । ଦଳିତ, ଆଦିବାସୀ ସଂପ୍ରଦାୟରେ ଥିବା ଅତି ଅନ୍ଧଭାବାପନ୍ନ ସାମାଜିକ ଚଳଣି, ସଂସ୍କାର, ଭ୍ରାନ୍ତ ଧାରଣା ଓ ଅଜ୍ଞତା ହେତୁ ମହିଳା ଓ ଶିଶୁ ଶ୍ରମିକଙ୍କ ଦୁଃଖ ନିର୍ଯାତନା ଅଧିକ ହେଉ । ସେମାନଙ୍କ ପରିବାରରେ ଓ ସେମାନେ କାର୍ଯ୍ୟ କରୁଥିବା କ୍ଷେତ୍ରରେ କିଭଳି ଶୋଷଣ ଚାଲିଛି ଆମକୁ ତାହା ଅନୁଧ୍ୟାନ କରିବାକୁ ହେବ । ପରିବାରରେ ଓ କାର୍ଯ୍ୟ କ୍ଷେତ୍ରରେ ଉଭୟ ସ୍ଥାନରେ ମହିଳା ଓ ଶିଶୁ ଶ୍ରମିକମାନେ ସମାନ ଭାବରେ ନିର୍ଯାତିତ । ପୁରୁଷ ପ୍ରଧାନ ସମାଜରେ ବେକାରୀ, ଅର୍ଦ୍ଧବେକାରୀ ଓ ଲିଙ୍ଗଗତ ପାର୍ଥକ୍ୟ ଯଥେଷ୍ଟ ଭାବରେ ରହିଛି । ପୁରୁଷମାନେ ନିଶାଗ୍ରସ୍ତ ହୋଇ ମହିଳା ଓ ଶିଶୁମାନଙ୍କ ସମସ୍ତ ରୋଜଗାରକୁ ଆତ୍ମସାତ କରନ୍ତି । ଫଳରେ ପରିବାରରେ ସାମାଜିକ ଓ ଅର୍ଥନୈତିକ ଉତ୍କଟ ଦୁର୍ଗତି ମାଡ଼ିଆସେ । ମହିଳାମାନେ ଅବହେଳିତ ହୁଅନ୍ତି । ଏହି ସମସ୍ତ ବିଷୟକୁ ବିଶଦ୍ ଭାବରେ ଅନୁଧ୍ୟାନ କରିବାକୁ ହେବ । ମହିଳା ଓ ଶିଶୁମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ଭଳି ସଂଗଠନ ଗଢିବାକୁ ହେବ । ଏଠାରେ ରାଜସ୍ଥାନର ମହିଳା ବିକାଶ ପ୍ରକଳ୍ପର ସ୍ୱାଧୀନ କର୍ମୀ, ପୁନେର ଭାରତୀୟ ଶିକ୍ଷା ପ୍ରତିଷ୍ଠାନର କର୍ମୀଙ୍କ ଦ୍ୱାରା ମହିଳାଙ୍କୁ ଜାଗ୍ରତ କରିବା ଓ ସଂଗଠିତ କରିବା, କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଅନ୍ତର୍ଗତ ଶିକ୍ଷା ବିଭାଗର ମହିଳା ସାମୁଖ୍ୟ (Mahila Samikshya) ପ୍ରକଳ୍ପର ସାଥୀ ଓ ସହାୟକ କର୍ମୀଙ୍କ କାର୍ଯ୍ୟକୁ ଉଦାହରଣ ଭାବେ ନିଆଯାଇ ପାରେ । ଏହି ସଂଗଠନର କର୍ମୀ ଓ ସ୍ୱେଚ୍ଛାସେବୀମାନେ ଶିକ୍ଷା ମାଧ୍ୟମରେ ମହିଳାମାନଙ୍କର ନିଜସ୍ୱ ଅଧିକାର, ସ୍ୱାର୍ଥ ଓ ସମସ୍ୟା ସଂପର୍କରେ ସେମାନଙ୍କୁ ସଚେତନ କରାଇପାରିଛନ୍ତି । ଏହି କାର୍ଯ୍ୟକୁ ଆମେ ଅନୁକରଣ କରିବା ଉଚିତ । ତତ୍ସହିତ ଏହି ସଂଗଠନର କାର୍ଯ୍ୟ ଆଉ ଗୋଟିଏ ବିଷୟକୁ ପ୍ରମାଣ କରେ ଯେ ମହିଳାମାନଙ୍କର ମୁକ୍ତି ଓ ସଶକ୍ତିକରଣ ପାଇଁ ସ୍ୱତନ୍ତ୍ର ସଂଗଠନର

ଆବଶ୍ୟକତା ରହିଛି । ଏହି ସଂଗଠନକୁ ଗଢିବା ପାଇଁ ଶିକ୍ଷା, ତାଲିମ ଓ ନେତୃତ୍ୱ ବିକାଶ ସମ୍ବନ୍ଧିତ କର୍ମଶାଳା ଆୟୋଜିତ କରିବାକୁ ହେବ ।

ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ତାଙ୍କର ବିଭିନ୍ନ ମାମଲାରେ ମହିଳା ସୁରକ୍ଷା ପ୍ରସଙ୍ଗରେ ରାୟ ଦେଇଛନ୍ତି । ଉଦାହରଣତଃ ରାଜସ୍ଥାନ ସରକାର ମୋକଦ୍ଦମା ନଂ ୬୬୬-୭୦/୧୯୯୨ରେ ଥାନାକୁ ମହିଳାଙ୍କୁ ଡାକିବା, ଥାନାରେ ତାଙ୍କୁ ବହୁ ସମୟ ରଖିବା, ଯୌନ ନିର୍ଯାତନା ଭଳି ଘଟଣାରେ ଥାନା କୌଣସି ପଦକ୍ଷେପ ନନେବା ପ୍ରଭୃତି ବିଷୟରେ ସୁପ୍ରିମକୋର୍ଟ ମହିଳାଙ୍କ ଅଧିକାରର ସୁରକ୍ଷା ପାଇଁ ରାୟ ଦେଇଛନ୍ତି । ଜାତୀୟ ମହିଳା କମିଶନ, ମହିଳାଙ୍କ ସ୍ୱାର୍ଥ ଓ ଅଧିକାର ରକ୍ଷା ବିଷୟରେ ବହୁ ବ୍ୟବସ୍ଥା କରିଛନ୍ତି । ଆମେ ସେଥିପାଇଁ ଏକ ଅତି ଅନୁକୂଳ ମନୋଭାବପନ୍ନ ସମର୍ଥନକାରୀ ଗଣମାଧ୍ୟମ ଓ ଯୋଗାଯୋଗ ସଂସ୍ଥା ଆବଶ୍ୟକ କରୁଛୁ । ଯେଉଁମାନେ ଦେଶତମାମ ବିକ୍ଷିପ୍ତ ହୋଇ ଅବହେଳିତ ଅବସ୍ଥାରେ ପଡି ରହିଥିବା ମହିଳା ଓ ଶିଶୁ ଶ୍ରମିକଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇ ପାରିବେ ଓ ସେମାନଙ୍କୁ ସଂଗଠନ ଜରିଆରେ ମଜଭୁତ ସାମୂହିକ କାର୍ଯ୍ୟ ପାଇଁ ପ୍ରେରଣା ଓ ସାହସ ଯୋଗାଇବେ ।

ପ୍ରବନ୍ଧ ଆରମ୍ଭରୁ ଜଣେ ମହାନ୍‌ପୁରୁଷ ଶ୍ରୀ ଭି.ଭି.ଗିରିଙ୍କ ସ୍ମୃତି ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି । ବର୍ତ୍ତମାନ କେରଳର ଏକ ଉଦାହରଣ ଦେଉଛି । "ପୁରଭି' ନାମକ ଏକ ମାଲାୟାଲାମ ସିନେମାର ବିଷୟ ମୁଁ କହିବାକୁ ଚାହୁଁଛି । ଏହି ଚଳଚିତ୍ରକୁ ଶ୍ରୀ ସାଜି ଏନ. କରୁଣ ନିର୍ଦ୍ଦେଶନା ଦେଇଛନ୍ତି ଓ ପ୍ରଯୋଜନା କରିଛନ୍ତି । ଅଶୀ ବର୍ଷ ବୟସ୍କ ପ୍ରସିଦ୍ଧ ଚଳଚ୍ଚିତ୍ର ତାରକା ଶ୍ରୀ ପ୍ରେମଜୀ ଜଣେ ହଜି ଯାଇଥିବା ପୁଅର ପିତା ରୂପେ ଅଭିନୟ କରିଛନ୍ତି । ହଜିଯାଇଥିବା ପୁଅଟି ଯୁବକ, ବୁଦ୍ଧିମାନ ଏବଂ ପ୍ରତିଶ୍ରୁତିଭରା ଥିଲା । ପୁଅଟି ନ୍ୟସ୍ତସ୍ୱାର୍ଥ ଶକ୍ତିଙ୍କ ଶିକାର ହୋଇଛି । ବୃଦ୍ଧ ପିତା ପୁଅର ମଧୁର ସ୍ମୃତିକୁ ମନେ ପକାନ୍ତି ଓ ତାର ଦୁଃଖମୟ ପରିଣତିକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି । ସେ ପୁଅର କଥା ଏପରି ଝୁରି ହୁଅନ୍ତି ଯେ, ତାହା ଭାଷାରେ ପ୍ରକାଶ କରିହେବ ନାହିଁ । ନିଜର ଗାମ୍ଭୀର୍ଯ୍ୟପୂର୍ଣ୍ଣ ବ୍ୟବହାର ଭିତରେ ଦୁଃଖ ବିଷୟ କାହାକୁ ଜଣାନ୍ତିନାହିଁ । ମାତ୍ର ପୁଅକୁ ଖୋଜିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖନ୍ତି । ତାଙ୍କର ଏକଦା ଛାତ୍ର ଥିବା ସମାଜ ଓ ପ୍ରଶାସନରେ ପ୍ରତିଷ୍ଠିତ ପ୍ରମୁଖ ବ୍ୟକ୍ତିମାନଙ୍କ ସହାୟତା ନିଅନ୍ତି । ପୁଅ ଘରକୁ ଫେରି ଆସିବ ବୋଲି ସେ ସବୁବେଳେ ନିଜର ବଳିଷ୍ଠ ଆଶାକୁ ବଞ୍ଚାଇ ରଖନ୍ତି । ମାନବିକ ଆବେଗ ସବୁଠାରୁ ଅମାନବିକ ଓ ଦୁଷ୍ଟମତି ସଂପନ୍ନ ବ୍ୟକ୍ତିକୁ କିପରି ପରିବର୍ତ୍ତନ କରି ଦେଇପାରେ ତାକୁ ନିଖୁଣ ଭାବେ ନିର୍ଦ୍ଦେଶକ ଶ୍ରୀ ସାଜୀ ଓ ଚିତ୍ରତାରକା ଶ୍ରୀ ପ୍ରେମଜୀ ପ୍ରତିପାଦ କରିଛନ୍ତି । ନାଇଜେରିଆର ନୋବେଲ ପୁରସ୍କାର ବିଜେତା ଓ୍ୱଲି ସୋୟିଙ୍କା ତାଙ୍କର ପ୍ରଖ୍ୟାତ ପ୍ରବନ୍ଧ "ମଣିଷ ଯିଏ

ମରିଯାଏ"ରେ ଏକ ମହାନ୍ ମୂଲ୍ୟବୋଧକୁ ପ୍ରକାଶ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ପ୍ରକୃତରେ ଜଣେ ମଣିଷ ମରିଯାଏ, ଯେତେବେଳେ ସେ ଅନ୍ୟାୟ, ଅବିଚାର ଓ ଅତ୍ୟାଚାର ସମ୍ମୁଖରେ ନୀରବ ରହେ। ଜଣେ ସଚେତନ ମଣିଷ କଦାପି ଅନ୍ୟାୟ, ଅତ୍ୟାଚାର ଓ ଅବହେଳା ପ୍ରତି ମୂକ ଓ ନୀରବ ଦର୍ଶକ ହୋଇ ରହି ପାରିବ ନାହିଁ। ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁର ତାଙ୍କର ଗୀତି କବିତା ଉପହାର (ମନୁଷୀ)ରେ ମଣିଷ ଦ୍ୱାରା ମଣିଷର ଏହି ନିଛକ ବାସ୍ତବତାକୁ ବୁଝିବା ଓ ସାମାଜିକ ସୁଯୋଗର ଅଂଶୀଦାର ହେବା ସମ୍ପର୍କରେ ଏକ ଜୀବନ୍ତ ପ୍ରତିଛବି ଆଙ୍କିଛନ୍ତି।

"ମଣିଷ ହୃଦୟର ଗଭୀରତମ ପ୍ରଦେଶରେ
ଏହି ଜଗତର ଲହଡି ଅନବରତ ଧକ୍କା ଦେଇ ଚାଲେ
ସେହି ହୃଦୟ କେବଳ ହିଁ ସୂକ୍ଷ୍ମାନୁଭବୀ
ଯାହା ଲହଡିକୁ ଅନୁରୂପ ଭାବରେ ଗ୍ରହଣକରେ (ଯେଉଁ ଲହଡ଼ି ମନୁଷ୍ୟ ସମାଜପାଇଁ ମଙ୍ଗଳକାରୀ)
ଯାହା ଦିବା ରାତ୍ର ସର୍ବଦା ଜାଗ୍ରତ ଥାଏ"

ମୁଁ ଏହି ସୁନ୍ଦର ସଂଗୀତଟିକୁ ମୋର ଛାତ୍ର ଅବସ୍ଥାରୁ ଗାନ କରି ଆସୁଅଛି। ପ୍ରତ୍ୟେକ ଆଲୋଚନାଚକ୍ରରେ ମୁଁ ଭାଗନେଉଥିବା ବେଳେ ଏହି ସଂଗୀତ ଗାଏ । କିନ୍ତୁ ପ୍ରତିଥର ଯେତେବେଳେ ମୁଁ ଏହି ସଂଗୀତ ଗାଏ, ସେତେବେଳେ ଜର୍ମାନ୍ କବି ଗେଟେ "ଅଭିଜ୍ଞାନ ଶକୁନ୍ତଳମ୍" ପଢିବା ପରେ ଯେମିତି ବିମୁଗ୍ଧ ହୋଇ ପଡିଥିଲେ ମୁଁ ସେମିତି ଆତ୍ମହରା ହୋଇପଡେ। ସଂଗୀତର ଏହି ପଂକ୍ତିଗୁଡିକ ହତାଶା, ସନ୍ଦେହ, ଘୃଣା, ଦ୍ୱେଷ, ହିଂସା, ରାଗ, ମଣିଷ ପ୍ରତି ମଣିଷର ବିଶ୍ୱାସହୀନତା ମଧ୍ୟରେ ମୋ ମନରେ ମୁକ୍ତ ପବନ ଆଣି ଦିଏ ଏବଂ ପୁରାଣ ଯୁଗର ମୁନି ଋଷିମାନେ ଯେଉଁ ଭାବଧାରା ପ୍ରତିଷ୍ଠା କରିଥିଲେ ତା' ପ୍ରତି ଶ୍ରଦ୍ଧା ଜାଗ୍ରତ କରାଏ। ଶୁକ୍ଳ ଯଜୁର୍ବେଦରୁ କିଛି ପଂକ୍ତି ଉଦ୍ଧାର କରୁଛି। "ମୁଁ ଶହେ ବର୍ଷ ବଂଚିବା ଆଶା କରୁଛି। ମୁଁ ଏକଶତ ଶରତ ଋତୁର ସବୁଜିମାର ଆଭାରେ ବିମଣ୍ଡିତ ହେବାକୁ ଚାହୁଁଛି। ମୁଁ ତଳେ ପଡୁଥିବା ପତ୍ରର ମର୍ମରଧ୍ୱନି ଶୁଣିବାକୁ ଭଲ ପାଇବି (ଏକ ଶତ ବର୍ଷ ଶରତ ଋତୁର)। ମୁଁ ଏକ ଶହ ବର୍ଷ ଧରି ମାନବିକ ଧ୍ୱନିର ସଂଗୀତ ମଧ୍ୟରେ ରହିବାକୁ ଆଶା କରୁଛି।"

ମୁଁ ଉପସଂହାରରେ ଏତିକି କହିପାରେ ଯେ, ଅଣସଂଗଠିତ ମାନଙ୍କୁ ସଂଗଠିତ କରିବା ଏକମାତ୍ର କାର୍ଯ୍ୟ ନୁହେଁ। ଆଗାମୀକୁ ପରିବର୍ତ୍ତନ କରିବା ପାଇଁ ଉଚ୍ଚତର ପର୍ଯ୍ୟାୟକୁ ଯିବା ପାଇଁ, ବିକାଶ ପ୍ରକ୍ରିୟାକୁ ସାକାର କରିବା ପାଇଁ ସଂଗଠନ ଏକ ହତିଆର, ଏକ ସଂସ୍ଥା ଓ ଏକ ମାଧ୍ୟମ। ସଂଗଠନ ମାଧ୍ୟମରେ ମଣିଷ ଖାଦ୍ୟ, ପାନୀୟ, ବାୟୁ, ଆଲୋକ, ସ୍ୱାଧୀନତା ଓ ଏକ ସୁସ୍ଥ, ସ୍ୱଚ୍ଛ, ନିରାପଦ ବାତାବରଣ ହାସଲ କରେ। ଏହା ସବୁ ସମୟରେ ସଂଗଠନ

ଦ୍ୱାରା ସମ୍ଭବ ହୁଏ । ଏହା ଏପରି ଏକ ଜିନିଷ ନୁହେଁ, ଯାହାକି ସ୍ୱର୍ଗରୁ ବର୍ଷା ଭଳି ଆସିବ ! ଏହାକୁ ପୃଥିବୀ ପୃଷ୍ଠରେ ସୃଷ୍ଟି କରିବାକୁ ହେବ । ସଘନ ଯୋଜନା ଓ ପ୍ରସ୍ତୁତି ସହ ଏଥିପାଇଁ ଯଥେଷ୍ଟ ତ୍ୟାଗ, କଷ୍ଟ,ଧୈର୍ଯ୍ୟ ଓ ସହିଷ୍ଣୁତା ଆବଶ୍ୟକ । ଶିକ୍ଷା, ତାଲିମ ଓ କର୍ମଶାଳା ଦ୍ୱାରା ଏହି ଭାବଧାରା ଓ ଦୃଷ୍ଟିଭଙ୍ଗୀର ବିକାଶ ଘଟାଇବାକୁ ପଡିବ । ମାନସିକ ପ୍ରସ୍ତୁତ ଓ ସଚେତନତା ଏଥିଲାଗି ସବୁଠାରୁ ଅଧିକ ଆବଶ୍ୟକ ।

–

ଜୟହିନ୍ଦ୍



ଭାରତୀୟ ପ୍ରଶାସନିକ ଅଧିକାରୀ ରୂପେ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଥିବା ଡକ୍ଟର ଲକ୍ଷ୍ମୀଧର ମିଶ୍ର ଶ୍ରମଜୀବୀମାନଙ୍କ ପ୍ରତି ଅହେତୁକ ସମ୍ବେଦନଶୀଳ ଏବଂ ଗଭୀର ଅନ୍ତର୍ଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ । ଶ୍ରମଜୀବୀମାନଙ୍କ ସମସ୍ୟା ସହିତ ସେ ତୃଣମୂଳ ସ୍ତରରୁ ଦୀର୍ଘ ବର୍ଷରୁ ଜଡ଼ିତ ହୋଇ ଆସିଛନ୍ତି । ଜଣେ ଶ୍ରମ ଅର୍ଥନୀତିଜ୍ଞ ଭାବରେ ସେ ଦେଶର କୋଣାନୁ କୋଣରେ ପରିଚିତ । ବଂଧୁଆ ଶ୍ରମିକମାନଙ୍କ ମୁକ୍ତି ଏବଂ ଶିଶୁ ଶ୍ରମିକମାନଙ୍କୁ ବିପଦ ସଂକୁଳ ପରିବେଶରୁ ଉଦ୍ଧାର କରି ସେମାନଙ୍କୁ ଶିକ୍ଷାର ମୁଖ୍ୟ ଶ୍ରୋତକୁ ଫେରାଇ ଆଣିବା ଓ ଥଇଥାନ କରିବା କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ତଦନ୍ତ କମିଶନ ଭାବରେ ସେ ଏକାଧିକବାର ନିଯୁକ୍ତ ହୋଇ ଦେଶର ବିଭିନ୍ନ ରାଜ୍ୟରେ ଥିବା ଗୋତି ଶ୍ରମିକ, ଶିଶୁ ଶ୍ରମିକ ପ୍ରଥା ଆଦି ସମସ୍ୟାକୁ ପ୍ରତ୍ୟକ୍ଷ କରିଥିଲେ ।

ଅଣସଂଗଠିତ କ୍ଷେତ୍ରରେ ନିୟୋଜିତ ରହିଥିବା ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା କିପରି ମିଳିପାରିବ ସେଥିନେଇ ତାଙ୍କର ଅଧ୍ୟୟନ, ଗବେଷଣା ଓ ଆଲୋଚନା ଜାରି ରଖିଛନ୍ତି । ଏହି କ୍ଷେତ୍ରର ଶ୍ରମିକ ସମୁଦାୟଙ୍କୁ ସାମାଜିକ ସୁରକ୍ଷା ଓ ନିଯୁକ୍ତି ନିରାପତ୍ତା ଯୋଗାଇଦେବା ରେ ତାଙ୍କର ଅବଦାନ ଓ ଭୂମିକା ଶ୍ରମିକ ଇତିହାସରେ ଚିର ସ୍ମରଣୀୟ ହୋଇ ରହିବ । ତାଙ୍କର ଏତାଦୃଶ ପାରଦର୍ଶିତା ଓ ନିଷ୍ଠାପର ଉଦ୍ୟମ ପାଇଁ ସେ ଆନ୍ତର୍ଜାତିକ ଶ୍ରମିକ ସଂଗଠନ (ଆଇ.ଏଲ୍.ଓ)ର ବରିଷ୍ଠ ଉପଦେଷ୍ଟା ଏବଂ ଜାତୀୟ ମାନବାଧିକାର କମିଶନ(ଏନ୍.ଏଚ୍.ଆର୍.ସି)ର ସ୍ୱତନ୍ତ୍ର ରାପୋଟିଆର ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି । ଶ୍ରମିକମାନଙ୍କ ସମସ୍ୟା ସମାଧାନରେ ନିଜକୁ ଜଡ଼ିତ ଓ ପରିଚିତ କରିବାରେ ତାଙ୍କର ସର୍ବଦା ଆନନ୍ଦ ରହିଥାଏ । ଡ଼କ୍ଟର ମିଶ୍ରଙ୍କ ଦ୍ୱାରା ଲିଖିତ 'ଦି ହ୍ୟୁମାନ ବଣ୍ଡେଜ', 'ଭାରତରେ ଶିଶୁ ଶ୍ରମିକ ପ୍ରଥା ସହ ବହୁ ଉପାଦେୟ ପୁସ୍ତକ ଓ ପ୍ରବନ୍ଧ ରହିଛି ।